

নূআ ରୂପରେ ଆସିବ
'ସନ୍ଦେଶେ ଆତେ ହେଁ'
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-152 ◆FRIDAY ◆28 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୫୨ ◆ଶୁକ୍ରବାର ◆୨୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ବିଧାନସଭାରେ ଜନପ୍ରତିନିଧିଙ୍କୁ ରାଷ୍ଟ୍ରପତିଙ୍କ ଗୁରୁମନ୍ତ୍ର

# ଉଚ୍ଚାରଣ, ଆଚରଣରେ ସଂଯମ ରହୁ



- ଗୃହରେ କ'ଣ କହୁଛନ୍ତି, କିପରି କହୁଛନ୍ତି ତାହା ସମସ୍ତେ ଜାଣି ପାରୁଛନ୍ତି
- ଏଠାକାର ଆତ୍ମୀୟ ପରିବେଶ କାରଣରୁ ମୁଁ ଭାବପ୍ରବଣ ହୋଇ ପଡ଼ିଛି
- ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି
- ଓଡ଼ିଶା କୋଳରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି
- ଏହାର ସଦୁପଯୋଗ ଓଡ଼ିଶାକୁ ଅଗ୍ରଣୀ ପ୍ରଦେଶରେ ପରିଣତ କରିପାରିବ

■ ଭୁବନେଶ୍ୱର, ୨୭।୧୧ (ସମିସ): ବର୍ତ୍ତମାନ ଟେକ୍ନୋଲୋଜିର ସମୟ, ଜନ ପ୍ରତିନିଧି ଭାବେ ଆପଣମାନେ ସାରା ରାଜ୍ୟରେ ଚିହ୍ନାମୁହଁ। ଆପଣମାନଙ୍କର ବହୁ ପ୍ରଶଂସକ ଏବଂ ଅନୁଗାମୀ ମଧ୍ୟ ରହିଛନ୍ତି। ଆପଣମାନେ କଣ କରୁଛନ୍ତି, କହୁଛନ୍ତି ତାହା ଜାଣିବା ପାଇଁ ସେମାନେ ଉତ୍ସୁକ ଥାଆନ୍ତି। ତେଣୁ ଆପଣମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ମୂଲ୍ୟବାନ। ନେତା ଯାହା କରିବେ ଜନତା ତାହାକୁ ଅନୁସରଣ କରିବେ। ତେଣୁ ଆପଣମାନେ ନିଜ ଆଚରଣ ଏବଂ ଉଚ୍ଚାରଣକୁ ସଂଯମ ରଖିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ବୁଧବାର ଅପରାହ୍ନରେ ବିଧାନସଭାକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଯେ ଆଜି ଘରକୁ ଆସିଲା ପରି ଲାଗୁଛି। ଦେଶର ଏକାଧିକ ରାଜ୍ୟ, ରାଜ୍ୟ ବିଧାନସଭା, ବିଶ୍ୱର କେତେକ ଦେଶର ସଂସଦକୁ ସମ୍ବୋଧନ କରିବାର ସୁଯୋଗ ଲାଭ କରିଛି। ମାତ୍ର ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବା ମୋ ପାଇଁ ଖୁସିର ବିଷୟ। ମୁଁ ଗାଁରୁ ଏକ ସାଧାରଣ ଝିଅ ହୋଇ ଆସିଥିଲି। ଏହି ଗୃହ ମୋତେ କଥା କୁହା ଶିଖାଇଛି। ଆଜି ମୁଁ ଯେଉଁଠି ଅଛି ତାହାର ସମସ୍ତ ଶ୍ରେୟ ଏହି ଗୃହର। ଯଦି ଓଡ଼ିଶାର ଜନସାଧାରଣ, ଜଗନ୍ନାଥଙ୍କର ଆଶୀର୍ବାଦ ନଥାନ୍ତା, ତାହେଲେ ମୁଁ ଆଜି ଯେଉଁଠି ଅଛି ସେଇଠି ପହଞ୍ଚି ପାରିନଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ଗୃହରେ ମୁଁ ବିଧାୟକ ଭାବେ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଭାବେ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଛି। ବିଭିନ୍ନ ସ୍ଥାୟୀ କମିଟିର ଅଧ୍ୟକ୍ଷ ତଥା ସଦସ୍ୟ ଭାବେ ମୁଁ ମୋର ଚିନ୍ତା ପ୍ରକଟ କରିବାର ସୁଯୋଗ ପାଇଛି। ବିଧାୟକ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସେ ବିଧାନସଭାରେ ପ୍ରବେଶ କରିଥିଲି। ଓଡ଼ିଶା କେବଳ ଏକ ପ୍ରାଚୀନ ଭୂଖଣ୍ଡ କିମ୍ବା ଆଧୁନିକ ପ୍ରଦେଶ ▶ପୃଷ୍ଠା-୭

### ସାମାଜିକ ଗଣମାଧ୍ୟମରେ ଅଶ୍ଲୀଳତାକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

# ୪ ସପ୍ତାହ ମଧ୍ୟରେ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ



**ନିଜ ଦାୟିତ୍ୱ ପ୍ରତି ସଚେତନ ରୁହନ୍ତୁ ୟୁଟ୍ୟୁବର୍**


■ ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଅଶ୍ଲୀଳ ବିଷୟବସ୍ତୁ (କଣ୍ଟେଣ୍ଟ)କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ବନ୍ଧିତ ଦୁଇଟି ମାମଲାର ଶୁଣାଣି କରି ଗୁରୁବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଉଥିବା ଫଟୋ, ଭିଡିଓ ଏବଂ ଅନ୍ୟ ସବୁ ବିଷୟବସ୍ତୁ ପାଇଁ କାହାକୁ ନା କାହାକୁ ଉତ୍ତରଦାୟୀ କରିବାକୁ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ସମ୍ବନ୍ଧରେ ୪ ସପ୍ତାହ ମଧ୍ୟରେ ନୂଆ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଏସ୍‌ସି/ଏସ୍‌ଟି ଆଇନ ଭଳି କଠୋର କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କୁ ଅପମାନିତ କରିବା ମାମଲାରେ 'ଇଣ୍ଡିଆଜ ଗଟ୍ ଲାଟେଣ୍ଟ'ର ଉପସ୍ଥାପକ ତଥା ୟୁଟ୍ୟୁବର ସମୟ ରୈନାଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରାଇଛନ୍ତି। ନିଜ ଶୋ'ରେ ଦିବ୍ୟାଙ୍ଗ ଲୋକଙ୍କ ସଫଳତାର କାହାଣୀ ଦେଖାଇବାକୁ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୈନାଙ୍କୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଥିଲେ ଯେ ଆଗାମୀ ଶୁଣାଣି ପୂର୍ବରୁ କିଛି ଭଲ କାର୍ଯ୍ୟ କରି ଏଠାକୁ ଆସିବେ ବୋଲି ▶ପୃଷ୍ଠା-୭

## ରାଷ୍ଟ୍ରପତିଙ୍କ ସାମଗ୍ରିକ ଜୀବନ ଅନୁକରଣୀୟ



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ନିଜର କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି। ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ଭାବେ ସେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ସାର୍ବଜନୀନ ଏବଂ ରାଜନୈତିକ ଜୀବନ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ପ୍ରରିପେକ୍ଷୀରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଥିଲେ ଯେ ଦୀର୍ଘ ୭୫ ବର୍ଷର ଓଡ଼ିଶା ବିଧାନ ସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ପ୍ରଥମ ନାଗରିକ ବିଧାନସଭାକୁ ସମ୍ବୋଧନ ଓ ମାର୍ଗଦର୍ଶନ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ସଂପ୍ରଦାୟ ଥିବା ରାଜ୍ୟ ଓଡ଼ିଶାର ସେହି ସଂପ୍ରଦାୟରୁ ଦେଶର ରାଷ୍ଟ୍ରପତି ତଥା ପ୍ରଥମ ନାଗରିକ ଭାବେ ସେବା ▶ପୃଷ୍ଠା-୭

## ରାଷ୍ଟ୍ରପତି ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି



ଏ ମାଟିର ଝିଅ ଆଜି ଦେଶର ରାଷ୍ଟ୍ରପତି, ଏଥିପାଇଁ ଏ ମାଟି ଗୌରବାନ୍ୱିତ। ଆହୁରି ଗର୍ବର କଥା ଯେ ସେ ତାଙ୍କର ରାଜନୈତିକ ଜୀବନ ୨୫ ବର୍ଷ ତଳେ ଓଡ଼ିଶା ବିଧାନସଭାରୁ ଆରମ୍ଭ କରିଥିଲେ। ଆଜି ସେ ଦେଶର ରାଷ୍ଟ୍ରପତି ହୋଇ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବିଧାନସଭାରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପୂର୍ବରୁ ନିଜ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ଆମ ରାଜ୍ୟରୁ ଆସିଥିବା ଭାରତର ରାଷ୍ଟ୍ରପତି ଆଜି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରୁଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ, ଆମ ଦେଶ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ବହନ କରୁଛି। ବିବିଧତା ମଧ୍ୟରେ ଏକତା ହେଉଛି ଆମ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ଭାରତୀୟ ରାଜନୀତିକୁ ସୁଦୃଢ଼ କରିବାରେ ବିଭିନ୍ନ ଭାଷା, ▶ପୃଷ୍ଠା-୭

# ରେକର୍ଡ ଭାଙ୍ଗିଲା ନଭେମ୍ବର ଶୀତ

- ୭୧ ବର୍ଷ ପରେ ଝାରସୁଗୁଡ଼ାରେ ପାରଦ ସର୍ବନିମ୍ନ ସ୍ତରରେ
- ଦୁଇ ଦିନ ମଧ୍ୟରେ ଆହୁରି ୩ ଡ଼ିଗ୍ରୀ ଖସିବ ତାପମାତ୍ରା
- ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ବାତ୍ୟା 'ଡିଟୱା'
- ଓଡ଼ିଶା ଉପରେ ପ୍ରଭାବହୀନ, ରାଜ୍ୟକୁ ବହିବ ଥଣ୍ଡା ପବନ

■ ଭୁବନେଶ୍ୱର, ୨୭ ।୧୧ (ସମିସ): ରାଜ୍ୟକୁ ପୁଣି ଫେରିଛି ଶୀତ। ଦୁଇ ତିନି ଦିନ ହେବ ତାପମାତ୍ରାରେ କ୍ରମାଗତ ହ୍ରାସ ଫଳରେ ଥଣ୍ଡାର ପ୍ରଭାବ ବୃଦ୍ଧି ପାଇଛି।ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଝାରସୁଗୁଡ଼ାରେ ତାପମାତ୍ରା ସର୍ବନିମ୍ନ ତାପମାତ୍ରା ୮.୧ ଡିଗ୍ରୀକୁ ହ୍ରାସ ହୋଇଛି। ଗତ ୭୧ ବର୍ଷ ପରେ ନଭେମ୍ବର ମାସରେ ଝାରସୁଗୁଡ଼ାରେ ଶୀତ ରେକର୍ଡ ସ୍ତରକୁ ଖସିଛି। ସେହିପରି ଜି. ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲା ୭.୭, ସେମିଳିଗୁଡ଼ା ୮.୬, କିରେଇ ୯.୩, ▶ପୃଷ୍ଠା-୭





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସଞ୍ଚୟ 25 ନଭେମ୍ବର 2025 ଠାରୁ 25 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି 100% ଜିଏସ୍‌ଟି ବେନିଫିଟ୍ ରୁ ସଞ୍ଚୟ (ଏକ୍ସ ଶୋ-ରୁମ୍ ମୂଲ୍ୟ ଓ ତତ୍‌ଜନିତ ଆରଟିଓ ଟ୍ୟାକ୍ସ ରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 1 ବର୍ଷର ଓନ୍ ଡ୍ୟାମେଜ୍ ବୀମା (ଓଡି), ଶୂନ୍ୟ ପିଏଫ୍ ଏବଂ ଓଡି ରେ ସଞ୍ଚୟ ହ୍ରଏତ ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଅଲଗା ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for BAJAJ Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016**, • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029 Authorised Service Centre: Balianta 7978570067**, **Balipatna** 9861061389, **Khurda** 9937785586, **Jatni** 8339062656, **Jagamara 9777042612**, **Sundarpada 9777042612**, **Iginia** 7064422415, **Nimapada 9437030368**, **Charichak 8018881850**, **Kakatpur 9776125534**,, **Tangi (Khurda)** 8984562569, **Phulnakhara 9437410737**, **Niali 9437511829**, **Choudwar 7735864350**, **Salepur** 9040452661, **Jagatsinghpur** 9437273939, **Ersama** 8018800801, **Kuakhia** 9937312014, **Chhatia** 9040084846, **Jajpur Town** 9937888777, **Bhuban 9438570111/9583574510**, **Rasol 9938656276/9937513419**, **Athgarh** 9937289417, **Bidharpur** 7008503281, **Banki 7978336450**, **Rambha** 7381099445. **Kostha** 7735338348

● ଦିଲ୍ଲୀ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଅସହାୟ

# ବାୟୁ ସଫା ହେବା ଭଳି ଯାଦୁବାଡ଼ି ଆମ ପାଖରେ ନାହିଁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣରୁ ଜନତାଙ୍କୁ ତ୍ରାହି ମିଳୁନାହିଁ। ଲୋକେ ପ୍ରଦୂଷଣରେ ଅତିଷ୍ଠ ହୋଇ ଚାଲିଥିବାବେଳେ ସୁପ୍ରିମକୋର୍ଟ ଗୁରୁବାର ଏହି ମାମଲା ଉପରେ ଶୁଣାଣି କରି ସ୍ଥିତିକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଦିଲ୍ଲୀ-ଏନସିଆରକୁ ପ୍ରଦୂଷଣରୁ ମୁକ୍ତି ଦେବା ଭଳି କୌଣସି ଯାଦୁର ଛଡ଼ ସୁପ୍ରିମକୋର୍ଟଙ୍କ ପାଖରେ ନାହିଁ। ଏହା ଦିଲ୍ଲୀ ବାସୀଙ୍କ ପାଇଁ ବିପଜ୍ଜନକ ବୋଲି ଆମେ ଜାଣିଛୁ। ଏପରି କି ନିର୍ଦ୍ଦେଶ ଦେଲେ ବାୟୁ ତୁରନ୍ତ ସଫା ହୋଇଯିବ ତାହା ଜଣାନ୍ତୁ ବୋଲି ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କୁ ଖଣ୍ଡପୀଠ ପଚାରିଛନ୍ତି। ସିଜେଆଇ କହିଥିଲେ ଯେ ଆମେ ବି ଦିଲ୍ଲୀ-ଏନ୍‌ସିଆରର ବାସିନ୍ଦା। ବିଚାରପତି ମଧ୍ୟ ଏହି ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ବିଗିଡ଼ିବା ପଛରେ ଅନେକ କାରଣ ରହିଛି। କେବଳ ଗୋଟିଏ କାରଣକୁ କାରକ ଧରିବା ବହୁତ ବଡ଼ ଭୁଲ ହେବ। ସମସ୍ୟା କ'ଣ ତାହା ସମସ୍ତେ ଜାଣନ୍ତି। ପ୍ରଦୂଷଣର ସବୁ କାରଣ ସନ୍ଧାନ କରି ଏହାର ସମାଧାନ ଖୋଜିବା ଜରୁରୀ। ଡିସେମ୍ବର ୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ବରିଷ୍ଠ ଓକିଲ ଅପରାଜିତା ସିଂହ କହିଥିଲେ ଯେ ଦିଲ୍ଲୀ ପ୍ରଦୂଷଣ ସ୍ୱାସ୍ଥ୍ୟ ଜନିତ ଜରୁରୀ ପରିସ୍ଥିତି ସୃଷ୍ଟି କରୁଛି। ଏହାର ସମାଧାନ କେବଳ କାଗଜପତ୍ରରେ ସୀମିତ ରହୁଛନ୍ତି। ତୃଣମୂଳସ୍ତରରେ କିଛି କାରାଯା ନାହିଁ।



ଖଣ୍ଡପୀଠ କହିଥିଲେ ଯେ ଏହି ମାମଲା ଉପରେ କ'ଣ କରାଯାଇପାରିବ ତାହା ସୋମବାର ଦେଖାଯିବ। କେବଳ ଦୀପାବଳି ଭଳି ସ୍ୱତନ୍ତ୍ର ଦିନରେ ଏହି ମାମଲା ଉଠାଇଲେ ସମାଧାନ ବାହାରି ପାରିବ ନାହିଁ। ଶୀତ ପରେ ଏହି ମାମଲା ଶୀଥିଳ ହୋଇଯାଏ। ତେଣୁ ଏହାର ନିୟମିତ ଶୁଣାଣି ହେବା ଉଚିତ।

● ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

# କ୍ରିକେଟ ବେଟିଂରୁ ଲାଭ ଉପାର୍ଜନ ଅପରାଧ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ବେଟିଂ ର୍‍ୟାକେଟ ସମ୍ବନ୍ଧିତ ୬ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ନେଟୱର୍କ ଅପରାଧ ଉପରେ ଛିଡ଼ା ହୋଇଥିଲା। ତେଣୁ ଏଥିରୁ ଉପାର୍ଜିତ ପ୍ରତ୍ୟେକ ଲାଭ ଅପରାଧ ବୋଲି ହାଇକୋର୍ଟ କହିଛନ୍ତି। କ୍ରିକେଟ ବେଟିଂ ସହ ଜଡ଼ିତ ମୁକେଶ କୁମାର, ଉମେଶ ଚୌଟାଲିଆ, ନରେଶ ବଂଶଲ, ଘନଶ୍ୟାମ ଭାଇ ପଟେଲ ଏବଂ ଅନ୍ୟମାନେ ଏହି ଆବେଦନ ଉପରେ ଆସିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ଅସ୍ଥାୟୀ ସମ୍ପତ୍ତି ଜବତ ଏବଂ ନୋଟିସକୁ ରଦ୍ଦ କରିବାକୁ ଦାବି କରାଯାଇଥିଲା। କ୍ରିକେଟ ବେଟିଂ ପିଏମଏଲଏରେ ଅପରାଧ ନୁହେଁ। ତେଣୁ ସମ୍ପତ୍ତିକୁ ବେଆଇନ ଧରାଯାଇପାରିବ ନାହିଁ ବୋଲି କୁହାଯାଇଥିଲା। ରାୟ ଦେଇ ହାଇକୋର୍ଟ କହିଥିଲେ ଯେ ଆବେଦନକୁ ଖାରଜ କରାଯାଉଛି। ଏହି ର୍‍ୟାକେଟ ଅପରାଧ ଉପରେ




ତିଷ୍ଠି ଥିଲା। ଡିଜିଟାଲ ଠକେଇ, ଜାଲ୍ କେୱାଇସି, ହାୱାଲା ଚେନ୍ ଏବଂ ବିନା କାଗଜପତ୍ରରେ ସୁପର ମାଷ୍ଟର ଲଗଇନ ଆଇଡି ମୁଖ୍ୟ ଅପରାଧର ମୂଳଦୁଆ ଥିଲା। ଏହି ସବୁ ବିଷାକ୍ତ ଗଛ ଭଳି। ଗଛ ବିଷ ହୋଇଥିଲେ, ଫଳ କେମିତି ବୈଧ ହୋଇଯିବ। ତେବେ କୋର୍ଟ ବେଟିଂକୁ ବିଷାକ୍ତ ଗଛ କହିନାହାନ୍ତି। ପିଏମଏଲଏ ଅଧିନରେ ଏହା ଅପରାଧ ନୁହେଁ। ଠକେଇ, ଜାଲ୍ ପରିଚୟ ପତ୍ର, ହାୱାଲା, ଜାଲ୍ ସିମ ଆଧାରିତ ଡିଜିଟାଲ ନେଟୱର୍କ ବିଷାକ୍ତ ବିଷ ଭଳି। ଏହା ମାଧ୍ୟମରେ ସୁପର ମାଷ୍ଟର ଆଇଡି କ୍ରୟ ଏବଂ ର୍‍ୟାକେଟ ପରିଚାଳନା କରାଯାଉଥିଲା। ଏହା ମାଧ୍ୟମରେ ମାରୁତି ଅହମଦାବାଦ ନେଟୱର୍କ ୨୦୧୪ ଡିସେମ୍ବରରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୨୪୬୯ କୋଟି ଟଙ୍କା ଆୟ କରିଥିଲା। ଏଥିରୁ ୬୦ କୋଟି ଆବେଦନକାରୀଙ୍କ ପାଖରେ ପହଞ୍ଚି ଥିଲା। ତେଣୁ ଇଡି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଏକରୁ ଅଧିକ ବିବାହ କଲେ ୧୦ ବର୍ଷ ଜେଲ୍

ଗୌହାଟୀ, ୨୭ ।୧୧(ଏଜେନ୍ସି): ଆସାମ ବିଧାନସଭାରେ ବହୁ ବିବାହକୁ ରୋକିବା ପାଇଁ ପଲିଗାମୀ ବିଲ୍ ପାସ୍ ହୋଇଛି। ଏହି ଆସାମ ପ୍ରୋହିବିସନ ଅଫ୍ ପଲିଗାମୀ ବିଲ୍ ଅନୁସାରେ ଜଣେ ବ୍ୟକ୍ତି ଏକରୁ ଅଧିକ ବିବାହ କରିପାରିବେ ନାହିଁ। ତେବେ ଏହି ଆଇନ୍ ଷଷ୍ଠ ସିଡ୍ୟୁଲ ଅଞ୍ଚଳ ଓ ସିଡ୍ୟୁଲ ଟ୍ରାଇବ୍ ବର୍ଗ ଉପରେ ଲାଗୁ ହେବ ନାହିଁ। ଏହି କ୍ଷେତ୍ରରେ ଆଞ୍ଚଳିକ ପ୍ରଥାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଗୁରୁବାର ଏହି ବିଲ୍ ପାସ୍ ହୋଇଛି। ଏହା ଅନୁସାରେ ଯଦି ଜୀବନସାଥି ଜୀବିତ ଅଛନ୍ତି ଓ ତାଙ୍କଠାରୁ ଆଇନଗତ ଭାବେ ଛାଡ଼ପତ୍ର ନିଆଯାଇନାହିଁ, ତେବେ ଅନ୍ୟ କାହା ସହ ବିବାହ କଲେ ତାହକୁ ଅପରାଧ ବୋଲି ବିବେଚନା କରାଯାବ। ଏଭଳି କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କୁ ୭ ବର୍ଷ ଜେଲ ଓ ଜରିମାନାରେ ଦଣ୍ଡିତ କରାଯିବ। ଏଥିସହ ପୀଡିତାଙ୍କୁ ୧.୪୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଭାବେ ଦେବାକୁ ହେବ। ପୁଣି ଯଦି କୌଣସି ବ୍ୟକ୍ତି ନିଜର ପ୍ରଥମ ବିବାହକୁ ଲୁଚାଇ ଦ୍ୱିତୀୟ ବିବାହ କରିଛନ୍ତି, ତେବେ ତାଙ୍କୁ ୧୦ ବର୍ଷ ଜେଲ ଓ ଜରିମାନା ଦେବାକୁ ହେବ। ଏହି ଅପରାଧ ଦୋହରାଇଲେ ଦଣ୍ଡ ମଧ୍ୟ ସେହି ଅନୁସାରେ ବୃଦ୍ଧି ପାଇବ। ପୁଣି ଏହି ଅପରାଧ କରିଥିବା ବ୍ୟକ୍ତି ସ୍ଥାନୀୟ ସଂସ୍ଥାଗତ ନିର୍ବାଚନ ଲଢିପାରିବେ ନାହିଁ ଓ ସରକାରୀ ଚାକିରି କରିପାରିବେ ନାହିଁ ବୋଲି କୁହାଯାଇଛି।

# ୧୫ ବର୍ଷ ପରେ ଚୀନ୍‌ରେ ରେଳ ଦୁର୍ଘଟଣା; ୧୧ ମୃତ

ବେଜିଂ, ୨୭ ।୧୧(ଏଜେନ୍ସି): ଚୀନର ଦାକ୍ଷିଣାତ୍ୟ ରାଜ୍ୟ ୟୁନାନ୍‌ରେ ଗୁରୁବାର ସକାଳେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୧ ଜଣ ରେଳବାଇ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏଥିରେ ୨ଜଣ ଆହତ ମଧ୍ୟ ହୋଇଛନ୍ତି। ଭୂକମ୍ପ ସହିତ ଜଡିତ କ୍ଷତିର ଯାଞ୍ଚ କରାଯାଉଥିବା ବେଳେ ଟ୍ରେନ୍ ରେଳ କର୍ମଚାରୀଙ୍କ ଉପରେ ମାଡିଯାଇଥିଲା। ଏହି ଦୁର୍ଘଟଣା କୁନମିଙ୍ଗ ସହରର ଲୁଓୟାଙ୍ଗଜେନ୍ ରେଳ ଷ୍ଟେସନରେ ଘଟିଥିଲା। ରେଳ କର୍ମଚାରୀମାନେ ଏକ ଟର୍ଣ୍ଣିଂ ଟ୍ରାକ୍‌ର ଅଂଶରେ କାର୍ଯ୍ୟ କରୁଥିଲେ। ଏତିକି ବେଳେ ଅଚାନକ ଟ୍ରେନ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ୧୫ ବର୍ଷ ପରେ ଏହାକୁ ଚୀନ୍‌ର ପ୍ରଥମ ରେଳ ଦୁର୍ଘଟଣା ବୋଲି କୁହାଯାଉଛି। ଏହାପୂର୍ବରୁ ୨୦୧୧ରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ୪୦ ଲୋକ ମୃତ୍ୟୁବରଣ କରିଥିଲେ।

# ହାସିନାଙ୍କୁ ପୁଣି ୨୧ ବର୍ଷ ଜେଲ୍


ଢାକା, ୨୭ ।୧୧(ଏଜେନ୍ସି): ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବାଂଲାଦେଶର ଏକ କୋର୍ଟ ଗୁରୁବାର ତାଙ୍କୁ ୩ଟି ଦୁର୍ନୀତି ମାମଲାରେ ୨୧ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାପୂର୍ବରୁ କୋର୍ଟ ତାଙ୍କୁ ଫାସି ଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏଥର କୋର୍ଟ ତାଙ୍କୁ ସରକାରୀ ହାଉସିଂ ପ୍ରେଜେକ୍ଟ ଓ ପୂର୍ବାଚଳ ପ୍ଲଟ୍ ଦୁର୍ନୀତିର ୩ଟି ମାମଲାରେ ଦଣ୍ଡିତ କରିଛନ୍ତି। ହସିନାଙ୍କ ପୁଅ ସଜିବ ୱାଜେଦ ଓ ଝିଅ ସାଇମା ୱାଜେଦଙ୍କ ୫ ବର୍ଷ ଲେଖା।ଏ ଜେଲ ଦଣ୍ଡ ଶୁଣାଯାଇଛି। ଏହି ମାମଲାରେ ବାକି ଅନ୍ୟ ୨୦ ଅଭିଯୁକ୍ତଙ୍କ ମଧ୍ୟରୁ ୧୯ ଜଣଙ୍କୁ ଭିନ୍ନ ଭିନ୍ନ ଦଣ୍ଡାଦେଶ ହୋଇଛି। ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ମଧ୍ୟ କରାଯାଉଛି।

ଚାପ ବଢ଼ାଉଛି ଏସ୍‌ଆଇଆର୍

# ୨୨ ଦିନରେ ୭ ରାଜ୍ୟରେ ୨୫ ବିଏଲ୍‌ଓଙ୍କ ମୃତ୍ୟୁ

■ ପଶ୍ଚିମବଙ୍ଗରେ ୩୪ ଜଣ ଜୀବନ ହାରିଥିବା ଟିଏମସିର ଦାବି
■ ମଧ୍ୟପ୍ରଦେଶରେ ୯, ୟୁପି-ଗୁଜରାଟରେ ୪ ଜଣ ଲେଖାଏଁ ମୃତ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ଲେଭୁଲ ଅଫିସର (ବିଏଲଓ)ଙ୍କୁ ଦିନରାତି କାମ କରିବାକୁ ପଡୁଛି। ୧୨ ରାଜ୍ୟର ୫୧ କୋଟିରୁ ଅଧିକ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବିଏଲଓଙ୍କ ଉପରେ ପ୍ରବଳ ଚାପର ସମ୍ମୁଖୀନ ହେଉଛନ୍ତି। ଦିନକୁ ୧୬ରୁ ୧୭ ଘଣ୍ଟା କାମ କରୁଛନ୍ତି। ଆଉ ଏହି କାର୍ଯ୍ୟଚାପ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ କେହି କେହି ଅବସାଦଗ୍ରସ୍ତ ହୋଇ ଜୀବନ ହାରୁଛନ୍ତି। ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବାର ୨୨ ଦିନ ମଧ୍ୟରେ ୭ ରାଜ୍ୟରେ ୨୫ ବିଏଲଓ ପ୍ରାଣ ହରାଇଲେଣି। ତେବେ ପଶ୍ଚିମବଙ୍ଗରେ କେବଳ ୩୪ ବିଏଲଓଙ୍କ ମୃତ୍ୟୁ ହୋଇଥିବା କ୍ଷମତାସୀନ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଛି। ଏହି ସବୁ ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଷ ରାଜସ୍ଥାନ, ଉତ୍ତର ପ୍ରଦେଶରେ ରାଜନୀତି ଜୋର୍ ଧରିଛି। ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ବିରୋଧୀ ଦାବି କରୁଛନ୍ତି। ସେହିପରି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ କାର୍ଯ୍ୟଚାପରେ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଇଛି।



ପଶ୍ଚିମବଙ୍ଗ ମନ୍ତ୍ରୀ ଅରୁପ ବିଶ୍ୱାସ କହିଛନ୍ତି ଯେ ଏସଆଇଆର ଯୋଗୁଁ ୩୪ ଲୋକ ଜୀବନ ହାରିଲେଣି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଗଳାବାଟ ଦେଇ ଏନ୍‌ଆରସି ଲାଗୁ କରିବାକୁ ଏବଂ ଭୟର ସ୍ଥିତି ସୃଷ୍ଟି ପାଇଁ ଏସଆଇଆର କରାଯାଉଛି। ସେହିପରି ଟିଏମସି ଚାପରେ ଜାଲ୍ ଏବଂ ସନ୍ଦେହଜନକ ବ୍ୟକ୍ତିଙ୍କ ନାମ ତାଲିକାରେ ସାମିଲ କରାଯାଉଛି ବୋଲି ବିଜେପି ଆଇଟି ସେଲ୍ ମୁଖ୍ୟ ଅମିଲ ମାଲବୀୟ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ମଧ୍ୟପ୍ରଦେଶରେ ସର୍ବାଧିକ ୯ ଜଣ, ଉତ୍ତର ପ୍ରଦେଶ ଓ ଗୁଜରାଟରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ୩ ଜଣ ଲେଖାଏଁ ଏବଂ ତାମିଲନାଡୁ, କେରଳରେ ଜଣେ ଲେଖାଏଁ ବିଏଲଓ ପ୍ରାଣ ହରାଇଲେଣି।

ଉତ୍ତରପ୍ରଦେଶ ଗୋଣ୍ଡାର ବିଏଲଓ ତଥା ଶିକ୍ଷକ ବିପିନ ଯାଦବ ସୋମବାର ବିଷ ଖାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ବାପା ପ୍ରଶାସନ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ କହିଛନ୍ତି ଯେ ଓବିସି ଭୋଟରଙ୍କ ନାମ ହଟାଇବା ଏବଂ ସାଧାରଣ ବର୍ଗର ନାମ ବଢ଼ାଇବାକୁ ବିଡିଓ ପୁଅ ଉପରେ ଚାପ ପକାଇ ଥିଲେ। ଏପରି ମନା କରିବାରୁ ନିଲମ୍ବନ ଏବଂ ଗିରଫ ଧମକ ଦିଆଯାଇଥିଲା। ସେହିପରି ବୁଧବାର ବରେଲିର ବିଏଲଓ ସର୍ବେଶ ଗଙ୍ଗୱାର ପ୍ରାଣ ହରାଇ ଥିଲେ। ତାଙ୍କ ଭାଇ ଯୋଗେଶ କହିଥିଲେ ଯେ ଏସଆଇଆର ଚାପ ଯୋଗୁ ବେଶୀ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେ ଛିଡ଼ା ହୋଇଥିବାବେଳେ ଅଚାନକ ଖସି ପଡ଼ି ପ୍ରାଣ ହରାଇ ଥିଲେ।

# ଏସ୍‌ଆଇଆର୍ ଆଳରେ ଭଉଣୀଙ୍କ ଜମିକୁ ନିଜ ନାମରେ କରିନେଲେ

ଲକ୍ଷ୍ନୌ, ୨୭।୧୧ (ଏଜେନ୍ସି): ଉତ୍ତର ପ୍ରଦେଶ ଫିରୋଜାବାଦରେ ଏସ୍‌ଆଇଆରକୁ ନେଇ ବଡ଼ ଠକେଇ ମାମଲା ସାମ୍ନାକୁ ଆସିଛି। ଏସଆଇଆର ବାହାନାରେ ଭଉଣୀର ଜମିକୁ ଭାଇ ନିଜ ନାମରେ କରାଇ ନେଇଛି। ଅଭିଯୁକ୍ତର ଭଉଣୀ ପାଠ ପଢ଼ାଲେଖା ଜାଣିନାହାନ୍ତି। ତେଣୁ ଭାଇର ଏହାର ସୁଯୋଗ ଉଠାଇ ଥିଲା। ଭଉଣୀକୁ ହରିୟାଣାର ଗୁରୁଗ୍ରାମକୁ ଡାକି ଏସଆଇଆର କାମ ପାଇଁ ତହସିଲ ଯାଇ ଦସ୍ତଖତ କରିବାକୁ କହିଥିଲା। ଏପରି ନ କଲେ ସରକାର ଦେଶରୁ ବାହାର କରିଦେବେ ବୋଲି ଧମକ ଦେଇଥିଲା। ତହସିଲରେ କୋଠା ଏବଂ ଦୋକାନକୁ ଭାଇକୁ ଗିଫ୍ଟରେ ଦେଉଛନ୍ତି କି ବୋଲି ମହିଳାଙ୍କୁ ପଚରା ଯାଇଥିଲା। ଗିଫ୍ଟର ଅର୍ଥ ବୁଝି ନ ପାରି ମହିଳା ହଁ କରି ଦସ୍ତଖତ କରିଦେଇଥିଲେ। ଏବେ ପୀଡ଼ିତା ସରତାଜ ଖାନମ ଏସଏସପି ଏବଂ କୋର୍ଟରେ ଅଭିଯୋଗ ଦାଏର କରିଛନ୍ତି। ରେଜେଷ୍ଟ୍ରି ରଦ୍ଦ କରିବାକୁ ନିବେଦନ କରିଛନ୍ତି।

ଅନ୍ୟପଟେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଗୁରୁବାର ଏସଆଇଆର ଫର୍ମ ପୂରଣ କରିଛନ୍ତି। କିଛି ତ୍ରୁଟି ଥିଲେ ଜଣାଇବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଏହା ମଧ୍ୟରେ ଗାଜିଆବାଦରେ ବିଏଲଓ ଡ୍ୟୁଟିରେ ମୁତୟନ ୨୧ ଜଣଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଏତଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ୪ ଶିକ୍ଷକ ସାମିଲ ଅଛନ୍ତି। ଗୋଣ୍ଡାରେ ବିଏଲଓ ବିପିନ ଯାଦବଙ୍କ ଆତ୍ମହତ୍ୟାକୁ ନେଇ ରାହୁଲ ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ଏସଆଇଆର ନାମରେ ପଛୁଆ, ଦଳିତ, ବଞ୍ଚିତ ବର୍ଗଙ୍କୁ ଭୋଟର ତାଲିକାରୁ ହଟାଯାଇ ବିଜେପି ନିଜ ମନଇଛା ତାଲିକା ପ୍ରସ୍ତୁତ କରୁଛି। ଗଣତନ୍ତ୍ରର ହତ୍ୟା ପାଇଁ ନିର୍ବାଚନ କମିଶନ ଦାୟୀ।

# ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିମାଡ଼; ୨ ଆହତ

ୱାଶିଂଟନ, ୨୭ ।୧୧(ଏଜେନ୍ସି): ଆମେରିକାରେ ବୁଧବାର ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ ଘଟିଛି। ଏଥିରେ ଦୁଇଜଣ ନ୍ୟାସନାଲ ଗାର୍ଡ ଆହତ ହୋଇଛନ୍ତି। ଏହି ଘଟଣାରେ ଆଫଗାନିସ୍ତାନର ଜଣେ ଶରଣାର୍ଥୀଙ୍କୁ ଗିରଫ କରାଯାଇଛି। ଏଫ୍‌ବିଆଇର ଅଧିକାରୀ ଦେଇଥିବା ସୂଚନା ଅନୁସାରେ ଆକ୍ରମଣରେ ସାମିଲ ହୋଥିବା ସଂଦୀଗ୍ଧର ହେଉଛି ୨୯ ବର୍ଷୀୟ ରହମାନୁଲ୍ଲା ଲାକନବାଲ। ସେ ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନରୁ ଆମେରିକା ଆସିଥିଲା। ସେ ୨୦୨୪ରେ ଶରଣାର୍ଥୀର ମାନ୍ୟତା ପାଇବା ପାଇଁ ଆବେଦନ ମଧ୍ୟ କରିଥିଲା। ୨୦୨୫ରେ ତା'ର ଅବେଦନକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ଏହି ଘଟଣାରେ ଯିଏବି ସାମିଲ ଥାନ୍ତୁ ନା କାହିଁକି ତାଙ୍କୁ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ଟ୍ରମ୍ପ କହିଛନ୍ତି। ଏଥିସହ ଆମେରିକାରେ ଆଫାଗାନ ଶରଣାର୍ଥୀଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିବାକୁ ଘୋଷଣା କରିଛନ୍ତି।

ଏହି ଘଟଣା ଫାରାଗୁଟ୍ ୱେଷ୍ଟ ମେଟ୍ରୋ ଷ୍ଟେସନ ନିକଟରେ ଘଟିଥିଲା। ଆମେରିକାର ସମୟ ଅନୁସାରେ ରହମାନୁଲ୍ଲା ଦ୍ୱିପହର ୨.୧୫ରେ ଅଚାନକ ଗୁଳି ଚଳାଇଥିଲା। ସେ ପ୍ରଥମେ ଜଣେ ମହିଳା ଗାର୍ଡଙ୍କ ମୁଣ୍ଡ ଓ ଛାତିକୁ ଲକ୍ଷ୍ୟକରି ଗୁଳି ମାରିଥିଲା। ଏହାପରେ ସେ ଅନ୍ୟଜଣେ ଗାର୍ଡଙ୍କୁ ଗୁଳି ମାରିଥିଲା। କିନ୍ତୁ ଏହି ସମୟରେ ସେଠାରେ ଉପସ୍ଥିତ ଥିବା ତୃତୀୟ ଗାର୍ଡ ଜଣକ ରମହାନୁଲ୍ଲା ଉପରକୁ ଗୁଳି ଚଳାଇଥିଲେ। ଫଳରେ ତାଙ୍କୁ କାବୁ କରାଯାଇଥିଲା।

# ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ ଉନ୍ମୋଚନ କଲେ ମୋଦୀ

ନୂଆଦିଲ୍ଲୀ, ୨୭ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ୍ ଉନ୍ମୋଚନ କରିଛନ୍ତି। ଏହି ରକେଟର ନାମ ବିକ୍ରମ-୧ ରଖାଯାଇଛି। ଏହି ରେକଟର ଉଚ୍ଚତା ୭ ମହଲା କୋଠା ସହିତ ସମାନ। ଅର୍ଥାତ ରକେଟର ଉଚ୍ଚତା ଅର୍ଥାତ ୨୬ମିଟର ବା ୮୫ ଫୁଟ। ଏହି ରକେଟକୁ ଏକ ଘରୋଇ ସ୍ପେସ୍ କମ୍ପାନୀ 'ସ୍କାଏରୁଟ୍ ଏରୋସ୍ପେଶ୍' ନିର୍ମାଣ କରିଛି। ଏହାକୁ ୨୦୨୬ରେ ଲଞ୍ଚ୍ କରାଯିବ। ଏହି ରକେଟ ନିଜ ସହିତ ୩୦୦ କେଜି ଓଜନର ଉପଗ୍ରହ ଅନ୍ତରୀକ୍ଷ ନେବାକୁ ସକ୍ଷମ ବୋଲି କୁହାଯାଇଛି। ରକେଟକୁ ବାଦ୍ ଦେଲେ ପ୍ରଧାନମନ୍ତ୍ରୀ କମ୍ପାନୀର ଇନ୍‌ଫିନିଟି କ୍ୟାମ୍ପସର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି କ୍ୟାମ୍ପସରେ ଏକାଧିକ ଲଞ୍ଚ୍ ଭେଇକଲର ଡିଜାଇନ୍, ଡେଭଲପମେଣ୍ଟ, ଇଣ୍ଟିଗ୍ରେସନ ଓ



ଟେଷ୍ଟିଂର କାର୍ଯ୍ୟ କରାଯିବ। ଏହି କ୍ୟାମ୍ପସ ତେଲେଙ୍ଗାନାର ହାଇଦରାବାଦ୍‌ରେ ନିର୍ମାଣ କରାଯାଇଛି। କମ୍ପାନୀର ମୁଖ କାର୍ଯ୍ୟାଳୟ ମଧ୍ୟ ହାଇଦରାବାଦ୍‌ରେ ନିର୍ମିତ ହୋଇଛି। ସ୍କାଇରୁଟ ଏରୋସ୍ପେଶ କମ୍ପାନୀକୁ ୨୦୧୮ରେ ପବନ ଚନ୍ଦନା ଓ ଭାରତ ଡାକ ସ୍ଥାପନ କରିଥିଲେ। ଏହି ଦୁଇଜଣ ଆଇଆଇଟି ପାସ୍‌ଆଉଟ୍ ଓ ପୂର୍ବତନ ଇସ୍ରୋ ବୈଜ୍ଞାନିକ। ପୂର୍ବରୁ ଏହି କମ୍ପାନୀ ୨୦୨୨ରେ ବିକ୍ରମ-ଏସ୍ ରକେଟ ଲଞ୍ଚ୍ କରିଥିଲା ଓ ଏହା ଏକ ସବ-ଅର୍ବିଟାଲ ରକେଟ ଥିଲା। ଅର୍ଥାତ ଏହି ରକେଟ ୧୦୦ କିମି ଉପରକୁ ଯାଇପାରିବ ଓ ପୃଥିବୀ କକ୍ଷପଥରେ ପ୍ରବେଶ କରିବ ନାହିଁ। ଏବେ ଏହି କମ୍ପାନୀ ଆମେରିକାର ଏଲନ ମସ୍କଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି। ସ୍ପେଶ କ୍ଷେତ୍ରରେ ମସ୍କ ମଧ୍ୟ ବେଶ୍ ସକ୍ରିୟ ଅଛନ୍ତି।

# କାନାଡ଼ାରେ ଜଳିଗଲା ଘର; ପଞ୍ଜାବୀ ପରିବାରର ୪ ମୃତ

ଲୁଧିଆନା, ୨୭ ।୧୧ (ଏଜେନ୍ସି): କାନାଡ଼ାର ବ୍ରାମ୍ପଟନ ସହରରେ ରହୁଥିବା ପଞ୍ଜାବର ଲୁଧିଆନାରେ ଏକ ପରିବାରର ଘରେ



ଅଚାନକ ନିଆଁ ଲାଗିବା ଫଳରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ନିଆଁ ଲାଗିବା ପରେ ପରିବାରର ଜଣେ ଗର୍ଭବତୀ ମହିଳା ଛାତ ଉପରେ ଡେଇଁ ନିଜ ଜୀବନ ବଞ୍ଚାଇଥିଲେ ମଧ୍ୟ ପେଟରେ ଥିବା ପିଲା ମୃତ୍ୟୁବରଣ କରିଛି। ମହିଳାଙ୍କ ସ୍ୱାମୀ ପୂର୍ବରୁ ଘରୁ ବାହାରକୁ ଯାଇଥିବା କାରଣରୁ ବର୍ତ୍ତି ଯାଇଛନ୍ତି। ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିନ୍ତୁ ଏହି ପରିବାରର ୪ ଜଣ ଜିଅନ୍ତା ଜଳିଯାଇଛନ୍ତି। ଏହାର ଭିଡିଓ ସାମ୍ନାକୁ ଆସିବା ପରେ ଲୁଧିଆନାରେ ଏହି ଘଟଣା ଜଣାପଡ଼ିଥିଲା। ଏବେ ଏହି ପରିବାରର ସମ୍ପର୍କୀୟ କାନାଡ଼ା ଯିବେ। ଏହାପରେ ପୂରା ଘଟଣା ସମ୍ପର୍କରେ ଜଣାପଡ଼ିବ। ତେବେ ଏହା ଏକ ଦୁର୍ଘଟଣା ନା ଷଡ଼ଯନ୍ତ୍ର ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ନିଆଁ କିପରି ଲାଗିଲା ତା'ର କାରଣ ସମ୍ପର୍କରେ କିଛି ଜଣାପଡ଼ିନାହିଁ। କାନାଡ଼ାର ଯାଞ୍ଚ୍ ଏଜେନ୍ସି ଏହି ଘଟଣାର ତଦନ୍ତ କରୁଛି ବୋଲି କୁହାଯାଇଛି। ଏହି ପରିମରା ଲୁଧିଆନାର ଗୁରମ ଗାଁରେ ରୁହନ୍ତି। ଗୁରମ ଗାଁରେ ଏବେ ଶୋକର ଛାୟା ଖେଳିଯାଇଛି।

# ଇଣ୍ଡୋନେସିଆରେ ୩୦ ଦିନରେ ୧, ୪୦୦ ଭୂକମ୍ପ

ଜାକର୍ତ୍ତା, ୨୭ ।୧୧(ଏଜେନ୍ସି): ଇଣ୍ଡୋନେସିଆରେ ଗୁରୁବାର ଆସେ ରାଜ୍ୟ ନିକଟରେ ସୁମାତ୍ରା ଦୀପରେ ୬.୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ର ଭୂପୃଷ୍ଠର ୧୦ କିମି ତଳେ ଥିଲା। ଭୂକମ୍ପ ଦୃଷ୍ଟିକୋଣରୁ ସକ୍ରିୟ ଥିବା ଏହି ସମ୍ପୂର୍ଣ୍ଣ ଅଞ୍ଚଳ ଧରି ଉଠିଥିଲା। ସିନାବାଗର ପଶ୍ଚିମରୁ ୬୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା। ଫଳରେ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ତେବେ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ। ଏଥିସହ ଇଣ୍ଡୋନେସିଆରେ ଗତ ୩୦ ଦିନ ମଧ୍ୟରେ ୬.୪ ତୀବ୍ରତା ପର୍ଯ୍ୟନ୍ତ ୧, ୪୦୦ଟି ଭୂକମ୍ପର ରେକର୍ଡ ହୋଇଛି ବୋଲି ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଓ ଭଲକାନୋ ଡିସ୍‌କଭରୀ ଡାଟା ତରଫରୁ କୁହାଯାଇଛି। ଇଣ୍ଡୋନେସିଆ ପ୍ରଶାନ୍ତ ମହାସାଗରର ଚାରିପଟେ ଥିବା 'ରିଙ୍ଗ ଅଫ୍ ଫାୟାର' ଉପରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଭୂକମ୍ପ ହେଉଥିବା ସ୍ଥାନ ଉପରେ ସ୍ଥିତ। ଏହି ଅଞ୍ଚଳରେ ଥିବା ୧୫ଟି ବଡ଼-ବଡ଼ ଟେକ୍ଟୋନିକ ପ୍ଲେଟ ପରସ୍ପରକୁ ଧକ୍କା ଦେବା ସହ ଦୂରେଇ ମଧ୍ୟ ଯାଇଥାନ୍ତି। ବିଶ୍ୱର ୯୦ ପ୍ରତିଶତ ଭୂକମ୍ପ ଏହି ଅଞ୍ଚଳରେ ହିଁ ଆସିଥାଏ। ପ୍ରତିବର୍ଷ ଇଣ୍ଡୋନେସିଆରେ ଛୋଟବଡ଼ ଭୂକମ୍ପ ଆସିଥାଏ ଓ ଏହା କୌଣସି ବଡ଼ କଥା ନୁହେଁ। ସୁମାତ୍ରା ଦୀପ ତଳେ ଥିବା ଇଣ୍ଡୋ- ଅଷ୍ଟ୍ରେଲିଆନ ପ୍ଲେଟ ଧିରେ-ଧିରେ ଅର୍ଥାତ ପ୍ରତିବର୍ଷ ୫-୭ ସେଣ୍ଟିମିଟର ୟୁରେସିଆନ ପ୍ଲେଟ୍ ତଳକୁ ଧସିଯାଉଛି। ଏହା



ଦ୍ୱାରା ବହୁତ ଚାପ ସୃଷ୍ଟି ହୋଇଥାଏ। ଯେତେବେଳେ ଏହି ଚାପ ଏକଦମ ଆସିଛି ସେତେବେଳେ ଭୂକମ୍ପ ଆସିଥାଏ। ପୁଣି ସୁମାତ୍ରାରେ ଗ୍ରେଟ୍ ସୁମାତ୍ରା ଫଲ୍ଟ ନାମକ ଏକ ବଡ଼ ଫାଟ ମଧ୍ୟ ରହିଛି। ଏହା ଫଳରେ ପ୍ରାୟ ଭୂକମ୍ପର ଝଟ୍‌କା ଆସିଥାଏ। ଗତ କିଛିଦିନ ମଧ୍ୟରେ ଆସିଥିବା ୬.୬ ଓ ୬.୩ ତୀବ୍ରତାର ଭୂକମ୍ପ ଏହି କାରଣରୁ ହିଁ ଆସିଥିଲା। ପୂର୍ବରୁ ୨୦୦୪ରେ ସୁମାତ୍ରା ନିକଟରେ ୯.୧ ତୀବ୍ରତାର ଏକ ବଡ଼ ଭୂକମ୍ପ ଆସିଥିଲା ଓ ଏଥିରେ ୨ ଲକ୍ଷ ୩୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏଥର କିନ୍ତୁ ୧୦ କିମି ଗଭୀରରେ ଭୂକମ୍ପର କେନ୍ଦ୍ର ଥିଲା। ଏଥିପାଇଁ ଭୂମି ଜୋରରେ ଥରି ଉଠିଥିଲା। କିନ୍ତୁ ସୁନାମୀର କୌଣସି ବିପଦ ନଥିଲା। କିଛିଦିନ ତଳେ ଆସିଥିବା ଘୂର୍ଣ୍ଣିବାତ୍ୟା ଓ ବନ୍ୟାରେ ଇଣ୍ଡୋନେସିଆରେ ବହୁତ କ୍ଷୟକ୍ଷତି ହୋଇଛି। ୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଭୂକମ୍ପର ଝଟ୍‌କା ବାରମ୍ବାର ଆସୁଥିବାରୁ ଲୋକେ ବହୁତ ଭୟଭିତ ଅବସ୍ଥାରେ ଅଛନ୍ତି। ଆଗକୁ ଆହୁରି ମଧ୍ୟ ଭୂକମ୍ପର ଝଟ୍‌କାର ଆଶଙ୍କା ରହିଛି ବୋଲି ବୈଜ୍ଞାନିକମାନ କହିଛନ୍ତି। ଇଣ୍ଡୋନେସିଆରେ ଭୂକମ୍ପ ଓ ବନ୍ୟା ପ୍ରତିବର୍ଷ ଆସିଥାଏ। ଏବେ ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକ ବର୍ଷା ଓ ଭୂକମ୍ପର ପ୍ରଭାବ ବଢ଼ିବାରେ ଲାଗିଛି ବୋଲି କୁହାଯାଉଛି।

# ଇମ୍ରାନ୍‌ଙ୍କୁ ନେଇ ଥମୁନି ଚର୍ଚ୍ଚା

ଇସଲାମାବାଦ୍, ୨୭ ।୧୧(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମରେ ଗୁଜବ ଜୋରଶୋରେ ପ୍ରଚାରିତ ହେଉଛି। ସେ ୨୦୨୩ ଅଗଷ୍ଟରେ ତାଙ୍କୁ ରାୱଲପିଣ୍ଡିର ଅଡିଆଲ ଜେଲ୍‌ରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଅଛି ବୋଲି କେତେକ ଗଣମାଧ୍ୟମ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଗତ ୩ ସପ୍ତାହ ହେବ ଇମ୍ରାନଙ୍କ ୩ ଭଉଣୀ ତାଙ୍କୁ ଭେଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଜେଲ ପ୍ରଶାସନ ସେମାନଙ୍କୁ ଅନୁମତି ଦେଉନାହିଁ। ଫଳରେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ ବୋଲି ଅନୁମାନ କରାଯିବା ସହ ଗୁଜବ ପ୍ରସାରିତ ହୋଇଛି। ଇମାନଙ୍କ ଭଉଣୀମାନେ ସତ କହିବାକୁ ଦାବି କରିଛନ୍ତି। ଏ ନେଇ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା ଫଳରେ ଜେଲ ପ୍ରସାସନ ତାଙ୍କ ସ୍ୱାସ୍ଥ୍ୟ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଇମ୍ରାନ ପୂରା ଠିକ୍ ଅଛନ୍ତି ବୋଲି ଜେଲ ପ୍ରଶାସନ କହିଛି। ଇମ୍ରାନଙ୍କ ପାର୍ଟି ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ୍ (ପିଟିଆଇ) ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଚାରିତ ହେଉଥିବା ଗୁଜବ ବିଷୟରେ ସ୍ପଷ୍ଟିକରଣ ମାଗିଛି। ସେହିପରି ପରିବାରର ଲୋକଙ୍କ ସହ ଇମ୍ରାନଙ୍କୁ ସକ୍ଷାତ କରାଇବାର ବ୍ୟବସ୍ଥା କରିବାକୁ ମଧ୍ୟ ପାର୍ଟି ଦାବି କରିଛି। ଯଦି ଇମ୍ରାନଙ୍କର କିଛି ହୁଏ ତେବେ ତାକୁ ବରାଦାସ୍ତ କରାଯିବ ନାହିଁ ବୋଲି ପାର୍ଟି ତରଫରୁ କୁହାଯାଇଛି। ପୂର୍ବରୁ ଜେଲ୍ ବାହାରେ ଧାରଣାରେ ବସିଥିବା ଇମ୍ରାନଙ୍କ ଭଉଣୀମାନଙ୍କ ଉପରେ ଲାଠିଚାର୍ଜ କରାଯାଇଥିଲା। ଗତ ଦୁଇବର୍ଷ ହେବ ସେ ଜେଲ୍‌ରେ ବନ୍ଦ ଅଛନ୍ତି। ଇସଲାମାବାଦ ହାଇକୋର୍ଟ ମଧ୍ୟ ଇମ୍ରାନଙ୍କୁ ତାଙ୍କ ପରିବାର ସହ ସକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। ଏହା ସତ୍ତ୍ୱେ ଜେଲ ପ୍ରଶାସନ ଅନୁମତି ଦେଉନାହିଁ ବୋଲି ଅଭିଯୋଗ ହେଉଛି।




ବିଧାନସଭାରେ ଅଭିଭାଷଣ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ


ଏକ ବିଶେଷ ମୁହୂର୍ତ୍ତରେ ନବୀନ ପଟ୍ଟନାୟକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଝଟ୍‌କା

# ବିଧାୟକ, ସାଂସଦଙ୍କ ସୁପାରିସରେ ଶିକ୍ଷକ ବଦଳି ନିଷ୍ପତ୍ତି ରଦ୍ଦ

କଟକ, ୨୭।୧୧ (ସମିସ): ବିଧାୟକ ଓ ସାଂସଦମାନଙ୍କ ସୁପାରିସ ଭିତ୍ତିରେ ଶିକ୍ଷକ ବଦଳି ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଲାଗିଛି ହାଇକୋର୍ଟଙ୍କ ଝଟ୍‌କା। ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଶିକ୍ଷକଙ୍କ ବଦଳି ପାଇଁ ବିଧାୟକ ଓ ସାଂସଦ ସୁପାରିସ୍ କରିବା ସମ୍ପର୍କିତ ନିଷ୍ପତ୍ତି ତଥା ଗତ ମେ' ୧୩ରେ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଜାରି ହୋଇଥିବା ଚିଠିକୁ ହାଇକୋର୍ଟ ଆଜି ରଦ୍ଦ କରିଦେଇଛନ୍ତି। ଫକିର ମହାନନ୍ଦ, ରାହୁଲ ତ୍ରିପାଠୀ ଓ ଅନ୍ୟ ଶିକ୍ଷକମାନଙ୍କ ତରଫରୁ ରୁଜୁ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି। ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷକମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ, ସେମାନଙ୍କ ବଦଳି କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି। ବିଶେଷକରି ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ଷମତା ଦ୍ୱାରା ଶିକ୍ଷକ ଗୋଷ୍ଠୀ ସହ ରାଜନୈତିକ ଦଳ ଓ ବ୍ୟକ୍ତିଙ୍କ ମଧ୍ୟରେ ଏକ ମେଣ୍ଟ ସୃଷ୍ଟି ହେବ, ଯାହା ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ଯେଉଁ ଆବେଦନକାରୀ ଶିକ୍ଷକମାନେ ଅନ୍ତରୀଣ ରହିତାଦେଶ ବଳରେ ପୂର୍ବ ସ୍ଥାନରେ କାର୍ଯ୍ୟ କରୁଛନ୍ତି, ସେମାନେ ଏବେ ସେହିଠାରେ କାର୍ଯ୍ୟ କରିବେ। ତେବେ ଉକ୍ତ ସୁପାରିସ ଆଧାରରେ ଯେଉଁମାନଙ୍କ ବଦଳି ହୋଇଛି ଓ ସେମାନେ ନୂତନ ସ୍ଥାନରେ ଯୋଗ ଦେଇସାରିଛନ୍ତି, ସେମାନେ ୨୦୨୫-୨୬ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରିବେ। ଏହାର ଏକ ସପ୍ତାହ ମଧ୍ୟରେ ସେହି ଶିକ୍ଷକମାନଙ୍କୁ ମୂଳ ସ୍ଥାନକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଟି. ସୁବ୍ରମଣ୍ୟମ ବନାମ କର୍ଣ୍ଣାଟକ ସରକାରଙ୍କ ରାୟକୁ ଉପସ୍ଥାପନ କରାଯାଇଥିଲା। ଏହି ରାୟ ଅନୁସାରେ, କେବଳ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଲେ ମନ୍ତ୍ରୀମାନେ ମଧ୍ୟ ଏଭଳି ବଦଳି କରିବାର କ୍ଷମତା ଧାରଣ କରିନାହାନ୍ତି ବୋଲି ସ୍ପଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ, ବିଧାୟକ ଓ ସାଂସଦମାନେ ନିଜ ନିର୍ବାଚନ ମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଗତ ମେ' ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା। ବଦଳି ସୁପାରିସ ଜିଲ୍ଲା ସ୍ତରୀୟ ବଦଳି କମିଟି (ଡିଏଲଟିସି)କୁ ମେ' ୧୫ରୁ ଜୁନ୍ ୫ ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା। ଆବେଦନକାରୀ ଶିକ୍ଷକମାନଙ୍କୁ ମଧ୍ୟ ଅନୁରୂପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସକ୍ରମେ ବଦଳି କରାଯାଇଥିଲା। ଏପରିକି, ଆବେଦନକାରୀଙ୍କୁ ୧୦୦ କିଲୋମିଟର ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା। ଏଭଳି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୌଣସି କ୍ଷମତା କିମ୍ବା ଯଥାର୍ଥତା ନଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମାମଲାର ଶୁଣାଣି କରି ଆବେଦନକାରୀ ଶିକ୍ଷକଙ୍କ ବଦଳି ଆଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପୁରୁଷୋତ୍ତମ ଚୁଳି, ରାମଦାସ ଆଚାରି, ସୁକାନ୍ତ ଦଳାଇ ଓ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ।

## ଆଜିଠୁ ଖୋଲିବ ମଣ୍ଡି

# ଏଯାଏ ମିଳିନି ଟୋକନ୍

ଭୁବନେଶ୍ୱର/ବରଗଡ଼, ୨୭ ।୧୧(ସମିସ): ଚଳିତ ଖରିଫ୍ ଋତୁର ଧାନ କିଣା ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଠାରୁ ଆରମ୍ଭ ହେବ। ପ୍ରଥମ ଦିନରେ ବରଗଡ଼ ସମେତ ସମ୍ବଲପୁର ଜିଲ୍ଲାରୁ ଧାନ କିଣାହେବ। ମାତ୍ର ଧାନ କିଣା ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏ ଚାଷୀଙ୍କୁ ଟୋକନ୍ ମିଳି ନାହିଁ। ପଞ୍ଜିକରଣ ନୀତିରେ ତ୍ରୁଟି ଓ ବିଳମ୍ବରେ ଧାନକିଣା ସତ୍ତ୍ୱେ ଆସନ୍ତାକାଲି ଠାରୁ ଧାନକିଣା ଆରମ୍ଭ ହେବ ନା ନାହିଁ ସେ ସମ୍ପର୍କରେ କୌଣସି ସ୍ୱଷ୍ଟତା ନ ଥିବାରୁ ସରକାରଙ୍କ ଠାରୁ ସ୍ୱଷ୍ଟୀକରଣ ଦାବି କରି ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ବରଗଡ଼ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରୁ ଶୁକ୍ରବାର ଠାରୁ ଧାନ କିଣା ପାଇଁ ଡିଏଲ୍‌ପିସି ବୈଠକରେ ନିଷ୍ପତ୍ତି ହୋଇଛି। ହେଲେ ଧାନ ବିକିବା ପାଇଁ ଚାଷୀଙ୍କୁ ଟୋକନ୍ ଦିଆଯାଇ ନାହିଁ। ଚାଷୀମାନେ ବିଭିନ୍ନ ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ୍ ଧାନ ଗଦା କଲେଣି, ମାତ୍ର କେବେ ସୁଦ୍ଧା ଚାଷୀଙ୍କୁ ଟୋକନ୍ ଦେଇ ଧାନ କିଣା ଆରମ୍ଭ କରିବେ ସେ ନେଇ ସରକାର କୌଣସି ସ୍ୱଷ୍ଟ ସୂଚନା


ବରଗଡ଼ ଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର

ଦେଉ ନାହାନ୍ତି। ଯାହାର ସୁଯୋଗ ନେଇ ଜିଲ୍ଲାରେ ଧାନ ମାଫିଆ ମାତିଲେଣି। ଚାଷୀଙ୍କ ଆବଶ୍ୟକତା ଥିବାରୁ ସେମାନେ ବାଧ୍ୟ ହୋଇ ଦଲାଲମାନଙ୍କୁ କ୍ୱିଣ୍ଟାଲ ପିଛା ମାତ୍ର ୧୫ରୁ ୧୬ଶହ ମଧ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅନୁରୂପ ଭାବେ ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି ପାଇଁ ବହୁତ ପ୍ରକୃତ ଚାଷୀ ପଞ୍ଜୀକରଣ କରିପାରି ନାହାନ୍ତି। ସାର ଏବଂ ଉନ୍ନତ ବିହନ ଏବଂ ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ଅଧିକ ଅମଳ ହେଉଥିଲେ ମଧ୍ୟ ବଳକା ଧାନ କିଣିବାକୁ ସରକାର ବ୍ୟବସ୍ଥା କରି ନଥିବାରୁ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏଣୁ ବଳକା ଧାନ କିଣା ବ୍ୟବସ୍ଥା କରିବା ସହ ଧାନକିଣା ସମ୍ପର୍କରେ ସ୍ୱଷ୍ଟିକରଣ ରଖିବାକୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟଥା ବଡ଼ ଧରଣର ଚାଷୀ ଆନ୍ଦୋଳନ କରିବା ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନୁରୂପ ଭାବେ ସମ୍ବଲପୁର ଜିଲ୍ଲାରେ ମଧ୍ୟ ସମାନ ଅବ୍ୟବସ୍ଥା ଲାଗି ରହିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତାକାଲି ଠାରୁ ଧାନକିଣା ସ୍ୱଭାବିକ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ କୃଷକ ସଂଗଠନ ଚେତାବନୀ ଦେଇଛନ୍ତି।

## ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳିରେ ବିଳମ୍ବ

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଚେତାବନୀ

ଭୁବନେଶ୍ୱର, ୨୭ ।୧୧(ସମିସ): ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତିଙ୍କ ବଦଳିରେ ଚଳିତ ବର୍ଷ ଅହେତୁକ ବିଳମ୍ବ ହୋଇଛି। ପ୍ରାୟ ୬ ମାସରୁ ଅଧିକ ସମୟ ହେଲା ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଜାଣିଶୁଣି ବିଳମ୍ବ କରାଯାଉଥିବା ଅଭିଯୋଗ କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ମାଧ୍ୟମିକ ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରାଥମିକତା ଭିତ୍ତିରେ ବଦଳି ପ୍ରକ୍ରିୟା କରିବାର ପ୍ରାବଧାନ ରହିଛି। ହେଲେ ଚଳିତ ବର୍ଷ ସେମାନଙ୍କୁ ଅଣଦେଖା କରି ଅନ୍ୟ ଶିକ୍ଷକଙ୍କର ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏପରିକି ଆବେଦନକୁ ଦୀର୍ଘ ୬ମାସ ଅତିକ୍ରମ କରିଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବଦଳି ନିୟମର ଏହା ଖୋଲା ଉଲଂଘନ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭିନ୍ନ ଆଳ ଦେଖାଇ ସେମାନଙ୍କର ବଦଳି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ନ ଥିବା ସଂଘ ଅଭିଯୋଗ କରିଛି। ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରାଥମିକ ଦମ୍ପତି ଶିକ୍ଷକଙ୍କ ବଦଳି ହୋଇସାରିଥିବା ବେଳେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ କାହିଁକି ବିଳମ୍ବ କରାଯାଉଛି ବୋଲି ଶିକ୍ଷକମାନେ ପ୍ରଶ୍ନ କରିବା ସହ ୧୦ ଦିନ ମଧ୍ୟରେ ବଦଳି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି। ଅନ୍ୟଥା ଆବେଦନ କରିଥିବା ପ୍ରାୟ୨ଶହରୁ ଅଧିକ ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ସପରିବାର ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି।

## ଏସ୍‌ଆଇ ଚାକିରି ବିକ୍ରି ମାମଲା

# ୩ ଦିନିଆ ସିବିଆଇ ରିମାଣ୍ଡରେ ୪ ମଧ୍ୟସ୍ଥ

ଭୁବନେଶ୍ୱର,୨୭।୧୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ୪ଜଣ ମଧ୍ୟସ୍ଥଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ୩ଦିନିଆ ରିମାଣ୍ଡରେ ନେଇଛି। ଏହି ମଧ୍ୟସ୍ଥମାନେ ହେଲେ ବିଶ୍ୱରଞ୍ଜନ ବେହେରା, ଲୋକନାଥ ସାହୁ, ଫଲିମ୍ ଅହମ୍ମଦ ଖାନ୍ ଏବଂ ବିଶ୍ୱରଞ୍ଜନ ହରିଶ୍ଚନ୍ଦନ। ଏମାନଙ୍କୁ ରିମାଣ୍ଡରେ ନେବା ପାଇଁ ସକାଳୁ ସିବିଆଇ ଟିମ୍ ଝାରପଡା ଜେଲରେ ପହଁଞ୍ଚିଥିଲା। ସବୁ ଔପଚାରିକତା ଶେଷ କରିବା ପରେ ୪ଜଣଙ୍କୁ କଡା ସୁରକ୍ଷା ମଧ୍ୟ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏମାନଙ୍କୁ ସିବିଆଇର ସ୍ୱତନ୍ତ୍ର ଟିମ୍ ଦିନ ତମାମ୍ ଜେରା କରିଥିଲା। ଏସ୍‌ଆଇ କ୍ରାଇମ୍ ସିଣ୍ଡିକେଟ୍ ସମ୍ପର୍କରେ ଏମାନଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା।

ମିଳିଥିବା ସୂଚନା ମୁତାବକ ସିବିଆଇ ପରୀକ୍ଷା ଚାକିରି ବିକ୍ରି କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପ୍ରତ୍ୟେକ ସଦସ୍ୟମାନଙ୍କୁ ଧରିବାକୁ ଏକ ଫୁଲପ୍ରୁଭ୍ ଯୋଜନା ପ୍ରସ୍ତୁତ କରିଛି। ଅଭିଯୁକ୍ତ ମାନଙ୍କୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ପ୍ରଥମ ଶ୍ରେଣୀରେ ରହିଛନ୍ତି ଚାକିରି ଆଶାୟୀ। ଯେଉଁମାନେ ଟଙ୍କା ଖର୍ଚ୍ଚ କରି ଚାକିରି ପାଇବାକୁ ଯୋଜନା କରିଥିଲେ। ୬ ଦିନ ଧରି ଏମାନଙ୍କୁ ଜେରା କରାଗଲା। ଏହାପରେ ଏମାନଙ୍କ ଠାରୁ ଯାହା କିଛି ତଥ୍ୟ ମିଳିଲା ତାହାକୁ ଆଧାର କରି ଦ୍ୱିତୀୟ ଶ୍ରେଣୀରେ ଥିବା ମଧ୍ୟସ୍ଥଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି। ଏମାନଙ୍କ ଠାରୁ କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଏହାପରେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବେ ସିଣ୍ଡିକେଟ୍ ଜଣେ ଜଣେ ସଦସ୍ୟ। ଏଣୁ ସିବିଆଇ ତଦନ୍ତ ପ୍ରକ୍ରିୟା ତଳୁ ଉପର ଆଡକୁ ଯାଉଛି ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରିମାଣ୍ଡରେ ଆସିଥିବା ଅଭିଯୁକ୍ତ ମାନେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପରେ ସେମାନଙ୍କୁ ଜେରା ପାଇଁ ସ୍ୱତନ୍ତ୍ର ଗୃହକୁ ନିଆଯାଇଥିଲା। ହେଲେ ଏହି ଗୃହରେ ୬ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ସମ୍ପୂର୍ଣ୍ଣ ଏକଲା ଛାଡି ଦିଆଯାଇଥିଲା। ଗୋଟିଏ ବି ପ୍ରଶ୍ନ ନ ପଚାରି ଦୂରରୁ ସେମାନଙ୍କ ହାବଭାବକୁ ଯାଞ୍ଚ କରୁଥିଲେ ସିବିଆଇ ଅଧିକାରୀ। ଏକୁଟିଆ ଘଣ୍ଟା ଘଣ୍ଟା ଧରି ବସିବା ପରେ ଅଭିଯୁକ୍ତମାନେ ଛାନିଆ ହୋଇଯାଇଥିଲେ। ଯିଏ ମାନସିକସ୍ତରରେ ଭାଙ୍ଗି ପଡୁଥିଲା ଏବଂ ସିବିଆଇ ଆଗରେ ସବୁକିଛି ମାନିଯିବ ବୋଲି ବିଶ୍ୱାସ ହୋଇଥିଲା, ସେମାନଙ୍କୁ ହିଁ ଜେରା ଆରମ୍ଭ କରାଯାଉଥିଲା। ସେମାନଙ୍କୁ ଆରମ୍ଭ ହେଉଥିଲା ପ୍ରକୃତ ଜେରା। ଗୋଟିଏ ପରେ ଗୋଟିଏ ପଶ୍ନ ପଚରାଯାଉଥିଲା।

ସିବିଆଇର ପ୍ରଶ୍ନବାଣରେ ଘାଇଲା ହୋଇଯାଇଥିଲେ ରିମାଣ୍ଡରେ ଥିବା ଅଭିଯୁକ୍ତମାନେ। କେତେବେଳେ କାହାକୁ ଏକୁଟିଆ ଜେରା କରାଯାଉଥିଲା। ପୁଣି କେତେବେଳେ କଥା ନ ମିଶିବାରୁ କେତେବେଳେ ଏମାନଙ୍କୁ ଏକତ୍ର ଜେରା କରାଯାଉଥିଲା। ସିବିଆଇର ଗୋଟିଏ ଉଦ୍ଦେଶ୍ୟ ଥିଲା କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ନାଆଁ ସାମ୍ନାକୁ ଆଣିବା ଏବଂ ଏମାନଙ୍କ ବିରୋଧରେ ପ୍ରମାଣ ଯୋଗାଡ କରିବା।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଶ୍ୱ ରଞ୍ଜନ ବେହେରା ଏବଂ ଲୋକନାଥ ସାହୁଙ୍କୁ ଜେରା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ରାକେଟ୍‌ର ଟଙ୍କା କାରବାର ଉପରୁ ପରଦା ହଟାଇବା। ନିଲମ୍ବିତ କନ୍‌ଷ୍ଟେବଲ ବିଶ୍ୱରଞ୍ଜନ ଜେରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ସିବିଆଇକୁ କହିଛନ୍ତି ବୋଲି ଜଣାପଡ଼ିଛି। ସେ ସିବିଆଇ ଆଗରେ ବହୁ ଗୁମର ଖୋଲିଛନ୍ତି। ତାଙ୍କ ଘର ବାରଙ୍ଗ ଥାନା ଅଞ୍ଚଳରେ। ଚାକିରି କରିବାର କିଛି ବର୍ଷ ପରେ ସେ ଚାକିରି ବିକ୍ରି କ୍ରାଇମ୍ ସିଣ୍ଡିକେଟ୍ ସଂସ୍ପର୍ଶରେ ଆସିଥିଲେ। ବିଶ୍ୱରଞ୍ଜନ ବହୁ ମଧ୍ୟସ୍ଥଙ୍କ ସହ ଯୋଗାଯୋଗରେ ଥିଲେ। ସେ ୧୧୪ ଆଶାୟୀଙ୍କ ଠାରୁ ସାର୍ଟିଫିକେଟ୍ ଏବଂ ଚେକ୍ ସଂଗ୍ରହ କରିଥିଲେ। ଏହା ବଦଳରେ ସେ ପ୍ରଶ୍ନପତ୍ର ପ୍ରଦାନ କରିଥିଲେ।

# ନିବେଶ ଆଳରେ ୫୦ କୋଟି ଠକେଇ

ସମ୍ବଲପୁର,୨୭।୧୧(ସମିସ): "ମୁଁ ଆଇଟି ଏକ୍ସପର୍ଟ। ଟ୍ରେଡିଂ କ୍ଷେତ୍ରରେ ବହୁବର୍ଷ ହେଲାଣି କାମ କରୁଛି। ମୋତେ ଟଙ୍କା ଦିଅ, ମୁଁ ବିନିଯୋଗ କରିବି। ପ୍ରଥମ ମାସରେ ମୂଳଧନର ୧୦ ପ୍ରତିଶତ ଦେଇଦେବି। ୬ ମାସ ପରେ ବଡ଼ ଆକାରରେ ଟଙ୍କା ଫେରାଇଦେବି। ବ୍ୟାଙ୍କ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ବିନିଯୋଗ କଲେ, ଏତେ ଲାଭ ପାଇବେନି। ମୋତେ ଟଙ୍କା ଦେଲେ କୋଟିପତି ହେବେ।" ଏପରି ଲୋଭ ଦେଖାଇ ଜଣେ ଧୂର୍ତ୍ତ ପାଖାପାଖି ୫୦ଜଣଙ୍କଠାରୁ ପ୍ରାୟ ୫୦କୋଟି ଟଙ୍କା ଠକିନେଇଛି। ଏହି ଘଟଣାରେ ସମ୍ବଲପୁର ସଦର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତ କ୍ଷେତରାଜପୁର ଥାନା ଚନ୍ଦନ ନଗରର ମଧୁସୂଦନ ବରାଇ(୩୬)କୁ ଗିରଫ କରିଛି। ଏ ଏଣ୍ଡ ଏ ଇଣ୍ଟରପ୍ରାଇସେସ ଇନଭେଷ୍ଟମେଣ୍ଟ ରିଟର୍ନ୍ସ ନାମକ ଏକ ସଂସ୍ଥା ସଦର ଥାନା ଏନଏସସିବି କଲେଜ ଛକରେ ଖୋଲାଯାଇଥିବା ପୁଲିସ ଖବର ପାଇଥିଲା। ଲୋକଙ୍କ ପାଖରୁ ମୋଟା ଟଙ୍କା ନେଇ ଅଭିଯୁକ୍ତ ମଧୁସୂଦନ ଏପରି କାଣ୍ଡ ଘଟାଇଥିବା ସମ୍ବଲପୁର ଏସପି ମୁକେଶ ଭାମୂ କହିଛନ୍ତି।

ସଦର ପୁଲିସ ଇନଭେଷ୍ଟ ଅଫିସ ଖୋଲା ଯାଇ ଲୋକଙ୍କ ପାଖରୁ ଟଙ୍କା ନେଉଥିବା ଖବର ପାଇଥିଲା। ପରେ ପୁଲିସ ଟିମ ଗଠନ କରି ଚଢ଼ଉ କରିଥିଲା। ପୁଲିସ ତା ନିକଟରୁ ଗୋଟାଏ ମୋବାଇଲ, ୬ଟି ସିପିୟୁ, ୬ଟି ମନିଟର, ଗୋଟାଏ ପ୍ରିଣ୍ଟର, ୫ଟି କି-ବୋର୍ଡ ସହ ୫ଟି ମାଉସ ଜବତ କରିଛି। ପ୍ରାୟ ୪୭ଜଣ ଲୋକଙ୍କ ପାଖରୁ ଲକ୍ଷାଧିକ ମୋଟ ୫୦କୋଟି ଟଙ୍କା ଠକେଇ ହୋଇଥିବା ପୁଲିସ ଅନୁମାନ କରିଛି। ଏବେ ପର୍ଯ୍ୟନ୍ତ ୨୦କୋଟିର ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ବାବଦରେ ସୂଚନା ପାଇଛି। ଅଭିଯୁକ୍ତ ପୂର୍ବରୁ ଓଡ଼ିଶା ବାହାରେ ଏକ କମ୍ପାନୀର ଆଇଟି ସେକ୍ଟରରେ କାମ କରୁଥିଲା। ପରେ ଚାକିରି ଛାଡ଼ି ଟ୍ରେଡିଂ କ୍ଷେତ୍ରରେ ପ୍ରବେଶ କରିଥିଲା। ନିଜର ଡିମାଟ୍ ଆକାଉଣ୍ଟରେ ଲୋକଙ୍କ ଟଙ୍କା ଆଣି ବିନିଯୋଗ କରୁଥିଲା। ଗ୍ରାହକ ଦେଉଥିବା ଟଙ୍କାକୁ ରଖିବା ପରେ ସେମାନଙ୍କୁ ବଣ୍ଡ ପେପର୍ ମଧ୍ୟ ଦେଉଥିଲା। କିଛି ଲୋକଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଟଙ୍କା ଫେରାଇଥିବା ମଧ୍ୟ ସୂଚନା ରହିଛି। ଏହି ଅଭିଯୁକ୍ତର ଅନ୍ୟ ଏକ ସହଯୋଗୀ ରହିଥିବା ପୁଲିସ ଜାଣିବାକୁ ପାଇଛି। କେଉଁ ପରିସ୍ଥିତିରେ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପାଇଁ ଦେଉଥିଲେ, ତାହା ଅଭିଯୁକ୍ତ ମଧୁସୂଦନକୁ ରିମାଣ୍ଡରେ ଆଣିଲେ ଜଣା ପଡ଼ିବ ବୋଲି ଶ୍ରୀ ଭାମୁ କହିଛନ୍ତି।

## ପ୍ରେମ ପାଇଁ ସାତଦରିଆ ପାରି

# ଓଡ଼ିଆ ଯୁବକଙ୍କ ହାତ ଧରିଲେ ସ୍ଲୋଭାକିଆ ଯୁବତୀ

ପାରଳାଖେମୁଣ୍ଡି, ୨୭ ।୧୧ (ସମିସ): ପ୍ରେମ ମାନେନାହିଁ ସୀମା ସରହଦ, ବନ୍ଧବାଡ଼। ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ସ୍ଲୋଭାକିଆର ଜଣେ ଯୁବତୀ। ପ୍ରେମ ପାଇଁ ସେ ସାତଦରିଆ ପାର ହୋଇ ଓଡ଼ିଶାରେ ପାଦ ଥାପିଛନ୍ତି। ହିନ୍ଦୁ ରୀତିନୀତିରେ ଜଣେ ଓଡ଼ିଆ ଯୁବକଙ୍କୁ ବିବାହ କରି ଓଡ଼ିଶାର ବୋହୂ ହୋଇଛନ୍ତି। ସେ ହେଲେ, ୟୁରୋପୀୟ ଦେଶ ସ୍ଲୋଭାକିଆର ଯୁବତୀ ଏନା। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାମଲିଙ୍ଗେଶ୍ୱର ମନ୍ଦିରରେ ସେ ପାରଳାଖେମୁଣ୍ଡିର ରାଜୀବ ମିଶାଲଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

ରାଜୀବ ସିଙ୍ଗାପୁରରେ କାମ କରନ୍ତି। ଏକ ହସ୍ପିଟାଲରେ ଏନାଙ୍କ ସହ ତାଙ୍କର ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀର୍ଘ ବର୍ଷ ଧରି ରାଜୀବଙ୍କ ସଂସ୍ପର୍ଶରେ ରହିବା ପରେ ଏନା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଭଲ ପାଇ ବସିଥିଲେ। ଏ ସଂପର୍କରେ ଉଭୟେ ନିଜ ନିଜ ପରିବାରଲୋକଙ୍କ ସହ ଆଲୋଚନା କରିବା ପରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତିରେ ରାମଲିଙ୍ଗେଶ୍ୱର ମନ୍ଦିରରେ ହିନ୍ଦୁ ରୀତିନୀତିରେ ଦୁହିଁଙ୍କ ବିବାହ ସଂପନ୍ନ ହୋଇଥିଲା। ରାଜୀବଙ୍କ ପରିବାରଲୋକ ଏନାଙ୍କ ନାମକୁ ଭାରତୀୟ ନାମ ଅନୁସାରେ ଅନନ୍ୟା ଦେଇଛନ୍ତି। ଏହି ବିବାହ ଉତ୍ସବରେ ଉଭୟ ପକ୍ଷର ସମସ୍ତ ବନ୍ଧୁବାନ୍ଧବ ଓ ପ୍ରିୟଜନ ଉପସ୍ଥିତ ଥିଲେ।



## ପାଟଣାରେ ମେଗା ଷ୍ଟିଲ୍ ପ୍ଲାଣ୍ଟକୁ ବିରୋଧ ଜାରି

# ରାତି ଅଧରେ ପୁଲିସ-ଗ୍ରାମବାସୀ ହାତାହାତି

କେନ୍ଦୁଝର, ୨୭।୧୧ (ସମିସ): କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନକୁ ସ୍ଥାନୀୟ ଲୋକ ବିରୋଧ କରିଆସୁଛନ୍ତି। ଏହାକୁ ନେଇ ସ୍ଥିତି ଏବେ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଗତ ରାତିରେ କାରଖାନା ବିରୋଧୀ ମଞ୍ଚର ୬ନେତାଙ୍କୁ ଗିରଫ କରିବାକୁ ଯାଇଥିବା ପୁଲିସକୁ ଗ୍ରାମବାସୀଙ୍କ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡ଼ିଛି। ଉତ୍ୟକ୍ତ ଗ୍ରାମବାସୀମାନେ ଏହି ଗିରଫଦାରୀକୁ ବେଆଇନ ଦର୍ଶାଇ ପୁଲିସ୍‌କୁ ଗାଁ ଦାଣ୍ଡରେ ଅଟକ ରଖିଥିଲେ। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି, ସ୍ଥିତି ଜଟିଳ ହେବାରୁ ପୁଲିସ ମୃଦୁ୍ୟ ଲାଠି ଚାଳନା କରି ଗ୍ରାମବାସୀଙ୍କୁ ଘଉଡ଼ାଇଥିଲା। ଏଥିରେ ଜଣେ ମହିଳା ପୁଲିସ ଓ କିଛି ଗ୍ରାମବାସୀ ଆହତ ହୋଇଥିବା ଜଣାପଡ଼ିଛି। ପରେ ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେଇଥିଲା। ତୁରୁମୁଙ୍ଗା ଥାନା ଯମୁନାପଶି ଗ୍ରାମରେ ଏହି ଘଟଣା ଘଟିଛି। ଗିରଫ ଅଭିଯୁକ୍ତମାନେ ହେଲେ, କାରଖାନା ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ତାଙ୍କ ଭାଇ ଭୁବନାନନ୍ଦ ସର୍ଦ୍ଦାର, ମଞ୍ଚର




ଉପସଭାପତି ସରୋଜ କୁମାର ସିଂ, ରବୀନ୍ଦ୍ର ମାହାନ୍ତ, ବରିଷ୍ଠ କର୍ମୀ ଅନାମ ନାୟକ, ବୀରେନ୍ଦ୍ର ମହାକୁଡ଼। ଆଜି ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି।

ଅପରପକ୍ଷେ, ଏହି ୬ ଜଣଙ୍କ ଗିରଫଦାରୀ ପ୍ରତିବାଦରେ ଆଜି ସକାଳ ପ୍ରାୟ ୧୦ଟାରେ ପ୍ଲାଣ୍ଟ ପ୍ରଭାବିତ ୧୨ଟି ଗାଁର ପ୍ରାୟ ୨ ହଜାର ମହିଳା ପୁରୁଷ ଏକାଠି ହୋଇ ହାତୀବାରି ଛକ ନିକଟରୁ ଏକ ରାଲିରେ ବାହାରିଥିଲେ। ତୁରୁମୁଙ୍ଗା ଥାନାଠାରୁ ୫ ଶହ ମିଟର ଦୂରରେ ପୁଲିସ ସେମାନଙ୍କୁ ଅଟକାଇବାରୁ ସେମାନେ ତୁରୁମୁଙ୍ଗା ସର୍ଭିସ୍ ରୋଡରେ ଧାରଣା ଦେଇଥିଲେ। ଚାଷଜମିରେ ପ୍ଲାଣ୍ଟ ନିର୍ମାଣ ବନ୍ଦ କର, ପୋସ୍କୋ ସହ ଏମଓୟୁ ବାତିଲ, ରକ୍ତ ଦେବୁ ପଛେ ଭିଟା ମାଟି ଛାଡ଼ିବୁ ନାହିଁ ଆଦି ଲେଖାଥିବା ପ୍ଲା'-କାର୍ଡ ଧରି ଧାରଣାରେ ବସିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଆନ୍ଦୋଳନକାରୀମାନେ ଧାରଣରୁ ଉଠିଥିଲେ।

ସୂଚନାନୁଯାୟୀ, ପାଟଣା ବ୍ଲକ୍ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ଦୁଇଟି କମ୍ପାନୀ ମିଳିତ ଭାବେ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଯାଉଛନ୍ତି। ଏହାକୁ କାରଖାନା ପ୍ରତିରୋଧ

- ଲାଠିଚାର୍ଜ କରି ମୁକୁଳିଲା ପୁଲିସ
- ଗିରଫଦାରୀ ପ୍ରତିବାଦରେ ରାସ୍ତାରେ ଧାରଣା
- ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନିସର୍ତ୍ତ ଖଲାସ ଦାବି

ମଞ୍ଚ ବିରୋଧ କରିଆସୁଛି। ବେଣୁଧର ମଞ୍ଚର ସଂପାଦକ। କିଛି ଦିନ ତଳେ ଚେମେଣା ଗ୍ରାମର ପ୍ରତାପ ଦାସ ସହ ୨ଜଣଙ୍କୁ ଅତର୍କିତ ଆକ୍ରମଣ ସହ ତାଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେଇଯିବା, ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏନେଇ ନମ୍ବର ୨୬୫/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଗତ ରାତିରେ ଯମୁନାପଶି ଗାଁକୁ ଯାଇଥିଲା। କିନ୍ତୁ, କାରଖାନା ପ୍ରତିରୋଧ ମଞ୍ଚର ସ୍ୱରକୁ ଦବାଇବା ପାଇଁ ପୁଲିସ ଏଭଳି ମିଛ ମାମଲା କରି ଏହାର ସଦସ୍ୟଙ୍କୁ ଗିରଫ କରୁଥିବା ଅଭିଯୋଗ କରି ଗ୍ରାମବାସୀମାନେ ପୁଲିସର ବାଟ ଉଗାରିଥିଲେ। ଏହାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ହୋଇଥିଲା।

ଅପରପକ୍ଷେ, ମଞ୍ଚର ଉପଦେଷ୍ଟା ତଥା ଏଆଇକେକେଏମଏସ ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସ ଓ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ପୁଲିସର ଏଭଳି ଦମନକାରୀ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି। ଅବିଳମ୍ବେ ବିନା ସର୍ତ୍ତରେ ପ୍ରତିରୋଧ ମଞ୍ଚର ସଦସ୍ୟମାନଙ୍କୁ ଖଲାସ କରିବାକୁ ସେମାନେ ଦାବି କରିନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣାକୁ ନେଇ କାରଖାନା ପ୍ରସ୍ତାବିତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ୍ ତୀକ୍ଷ୍ଣ ନଜର ରଖିଛି।

## ବାଲି ଚାଲାଣ ଉପରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ରାତି ଅଧିଆ ଚଢ଼ଉ

# ୩୧ ହାଇୱା ଜବତ, ୮ ଜଣ ଅଟକ

ଜଳେଶ୍ୱର, ୨୭।୧୧(ସମିସ)



ଜଳେଶ୍ୱର, ସୁବର୍ଣ୍ଣରେଖା ନଦୀରେ ବ୍ୟାପକ ଚୋରା ବାଲି ଉତ୍ତୋଳନ ଓ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ନିକଟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣିରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଫଳରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ସୁବର୍ଣ୍ଣରେଖା ନଦୀର ଏକତାଳି ଅଞ୍ଚଳରୁ ହେଉଥିବା ଅବୈଧ ବାଲି ଉତ୍ତୋଳନ ଓ ପରିବହନ ବିରୋଧରେ ବଡ଼ ଧରଣର ଚଢ଼ଉ କରାଯାଇଛି ।

ପ୍ରାୟ ରାତି ୧୧ଟାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଉପ ଜିଲ୍ଲାପାଳ ଶିଭ ମାଳବିୟ ଓ ଡିଏସପି (ସିଟି) ମନିଷା ଶୈଗୁନ୍, ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏସଡିପିଓ ସୁବ୍ରତ ବେହେରା, ଆଇଆଇସି ଅଶୋକ ବେହେରା, କନିଷ୍ଠ ଖଣି ଅଧିକାରୀ ତାପସ ବେହେରା, ଜିତେନ୍ଦ୍ର ଦାସ, ସମ୍ବିତ ମଣି, ଜଗନ୍ନାଥ ଦାସ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ । ଏହି ସମୟରେ ବିନା ଅନୁମତିରେ ବାଲି ପରିବହନ କରୁଥିବା ୩୧ଟି ହାଇୱା ଟ୍ରକ୍ କୁ ଜବତ କରାଯାଇ ଲକ୍ଷ୍ମଣନାଥ ଡମ୍ପିଂୟାର୍ଡରେ ରଖାଯାଇଥିବା ବେଳେ ୮ ଜଣକୁ ଅଟକ ରଖାଯାଇଛି । ବସ୍ତା ବ୍ଲକର କାଦରାୟାଁ ବାଲି ସୈରାତକୁ ଉବେଶ ଘୋଷ ୫ ବର୍ଷ ଲାଗି ନିଲାମ ନେଇଥିଲେ । ପରେ ଏହାକୁ ଜନୈକ ବ୍ୟକ୍ତିକୁ ବାଲି ଉତ୍ତୋଳନ ଲାଗି ଦାୟିତ୍ୱ ଦେଇଥିଲେ । ବାଲି ଉତ୍ତୋଳନକାରୀ ମାନେ ବସ୍ତା ବ୍ଲକ ବଦଳରେ ଜଳେଶ୍ୱର ବ୍ଲକର ଏକତାଳି ନିକଟ ଜାତୀୟ ରାଜପଥ ୬୦ ଦେଇ ପଶ୍ଚିମବଙ୍ଗକୁ ଚାଲାଣ କରିଆସୁଥିଲେ । ଏହି ସୈରାତର ଅବଧି ଚଳିତମାସ ୩୦ ତାରିଖରେ ସରିବାକୁ ଥିବାବେଳେ ଏପରି ଚଢ଼ଉ ଫଳରେ ଅବୈଧ ବାଲି ଉତ୍ତୋଳନ ଓ ବାଲି ମାଫିଆ ମାନଙ୍କ ମନରେ ଛନକା ପଶିଛି । ଏ ସମ୍ପର୍କରେ ଜିଲ୍ଲାପାଳ ଅବୈଧ ଖନନ ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଗ୍ରହଣ କରାଯିବା ସହିତ ଅଧିକ ଚଢ଼ଉ ଜାରି ରହିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ କଣ୍ଟାପାଳ ଠାରୁ ମାକିଦନିଆ ପର୍ଯ୍ୟନ୍ତ ନଦୀର ଦୁଇ ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ବାଲି ଚୋରା ଚାଲାଣ ହେଉଥିବାବେଳେ ଏହାକୁ ରୋକାଯାଇ ପାରୁନାହିଁ । ବ୍ଲକର କେତେକ ତଳିଆ କର୍ମଚାରୀ, ଅଧିକାରୀ, ରାଜନୈତିକ ଦଳର ଛତ୍ରଛାୟା ତଳେ ଥିବା କିଛି ସ୍ଥାନୀୟ କୁଜି ନେତା ଓ ଯୁବକମାନେ ଏଥିରେ ସାମିଲ ଥିବା କୁହାଯାଉଛି ।

## ୮ ଲକ୍ଷର ସୁନାଗହଣା ସହିତ ଟଙ୍କା ଚୋରି

ଜଳେଶ୍ୱର, ୨୭।୧୧(ସମିସ): ରାଜ୍ୟ ରାଜପଥ ୫୭ର ଆମ୍ବିଳିଅଠା ପେଟ୍ରୋଲ ପମ୍ପ ନିକଟ ଶାନ୍ତନୁ ସେନାପତିଙ୍କ ଘରୁ ଗତ ରାତିରେ ଗ୍ରୀଲ ଭାଂଗି ଚୋରି ହୋଇଛି । ଶାନ୍ତନୁ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱର ଡାକ୍ତରଙ୍କ ନିକଟକୁ ଯାଇଥିବାରୁ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଘରେ ପଶି ଆଲମାରୀକୁ ଭାଂଗି ୮ଭରି ଓଜନର ୨ଟି ସୁନା ଚେନ୍, ବଳା, ପଲା ଇତ୍ୟାଦି ଗହଣା ଓ ନଗଦ ୧୦ହଜାର ଟଙ୍କା ଚୋରି କରିଛନ୍ତି । ଆଜି ଶାନ୍ତନୁ ଓ ତାଙ୍କ ସ୍ତ୍ରୀ ଘରକୁ ଫେରି ଏ ସମ୍ପର୍କରେ ପୁଲିସ୍‌କୁ ଖବର ଦେଇଥିଲେ । ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସିସି କ୍ୟାମେରା ଫୁଟେଜ ସଂଗ୍ରହ କରିଥିବା ବେଳେ ଏଥିରେ ୪ଜଣ ଦୃର୍ବୃତ୍ତ ସାମିଲ ଥିବା ଜାଣିବାକୁ ପାଇଛି ।

## ଗାଡ଼ିଆରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଖଇରା, ୨୭ ।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଗଗନଧୂଳି ଗ୍ରାମ ପଞ୍ଚାୟତ ଅଧୀନ ମନୋହରପୁର ଗ୍ରାମରେ ୬ଦିନ ଧରି ନିଖୋଜ ଥିବା ପ୍ରଫୁଲ୍ଲ ବାରିକ(୩୨)ଙ୍କ ମୃତ ଦେହ ଗ୍ରାମର ଏକା ଗାଡିଆରୁ ଗୁରୁବାର ଅପରାହ୍ନରେ ଉଦ୍ଧାର କରାଯାଇଛି । ବାପା ଲକ୍ଷ୍ମଣ ବାରିକଙ୍କ ଅଭିଯୋଗ ମୁଳେ ଖଇରା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଓଡ଼ିଶା ବାହାରେ କାମ କରୁଥିବା ପ୍ରଫୁଲ୍ଲ ୩ମାସ ତଳେ ଘରକୁ ଆସିଥିଲା ଏବଂ ପତ୍ନୀ ବାପଘରକୁ ଚାଲିଯିବା ପରେ ସେ ଏକାକୀ ରୋଷେଇ କରି ଖାଉଥିଲା । ୨୧ ତାରିଖରେ କାହାକୁ କିଛି ନ କହି ଘରି ଚାଲିଯିବା ପରେ ଆଉ ଫେରିନଥିଲା । ଗୁରୁବାର ମୃତ ଶରୀର ପାଣିରେ ଭାସୁଥିବା ନେଇ ଗ୍ରାମବାସୀ ଦେଖି ଖଇରା ପୁଲିସକୁ ଖବର ଦେଇଥିଲେ ।

## ଜଳେଶ୍ୱର ଆଦର୍ଶ ବିଦ୍ୟାଳୟର ଶିକ୍ଷକଙ୍କ ପ୍ରତିବାଦ

ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୨୭।୧୧(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାଳିକର ଶିକ୍ଷକ ଶିକ୍ଷୟିତ୍ରୀ ରଞ୍ଜିତା ଟୁଡୁ, ଶକ୍ତିପଦ ମଣ୍ଡଳ, ପ୍ରୀତି ମଧୁମିତା କର, ରାଜେନ୍ଦ୍ର ଗିରି, ଦେବାଞ୍ଜନ ବେରା, ବିମଳ କୁମାର ଜେନା, ରୁତୁରଞ୍ଜନ ପରିଡ଼ା, ସୁନିଲ କୁମାର ପ୍ରଧାନ ଓ ରୀନାରାୟ ସୋରେନ ୧୩ ଦଫା ଦାବି ନେଇ ଚାରି ଦିନ ଧରି କଳାବ୍ୟାଜ୍ ପରିଧାନ ପୂର୍ବକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜଣାଇ ଆସୁଛନ୍ତି । ଉକ୍ତ ଦାବି ଗୁଡ଼ିକ ହେଲା ଓଏଭି କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା, ୟୁନିଫର୍ମ କ୍ୟାଡ଼ର ରୋଲ ଲାଗୁ କରିବା, ପ୍ରତି ବିଦ୍ୟାଳୟରେ ପିଜିଟି ଓଡ଼ିଆ ଶିକ୍ଷକଙ୍କୁ ନିଯୁକ୍ତି ଦେବା, କଳା ଶିକ୍ଷକଙ୍କୁ ଟିଜିଟି ମାନ୍ୟତା, କ୍ରୀଡ଼ା, କମ୍ପ୍ୟୁଟର ଶିକ୍ଷକଙ୍କ ଗ୍ରେଡ଼ ପେ ବୃଦ୍ଧି, ଛାତ୍ରଛାତ୍ରୀଙ୍କୁ ଏନ.ଏମ.ଏମ.ଏସ. ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି । ନିଟ ଓ ଜେଇଇ ପରୀକ୍ଷାରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ପ୍ରତ୍ୟେକ ଆଦର୍ଶ ବିଦ୍ୟାଳୟକୁ ପିଏମ୍ ଶ୍ରୀ ବିଦ୍ୟାଳୟରେ ରୂପାନ୍ତରୀକରଣ । ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଡ଼ିସେମ୍ବର ୮ରେ ରାଜଧାନୀର ରାଜରାସ୍ତାରେ ଜୋରଦାର ଆନ୍ଦୋଳନର ଡାକରା ଦିଆଯିବ ।



## ଶିକ୍ଷକ ପଦ ପୂରଣ ଦାବିରେ ବିଦ୍ୟାଳୟ ସମ୍ମୁଖରେ ଧାରଣା



ଖଇରା, ୨୭ ।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ମିରିପୁର ଖଇରା ପ୍ରାଥମିକ ବିଦ୍ୟାଳୟ ମାତ୍ର ଜଣେ ଶିକ୍ଷକଙ୍କୁ ନେଇ ଚାଲିଛି । ଏଥିଯୋଗୁଁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ପ୍ରତିବାଦରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବିକା ଗୁରୁବାର ପୂର୍ବାହ୍ନରେ ବିଦ୍ୟାଳୟ ଗେଟରେ ତାଲା ଦେଇ ଧାରଣାରେ ବସି ରହିଥିଲେ । ପରେ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସ ନିର୍ଦ୍ଦେଶ କ୍ରମେ ଗଣ୍ଡିବେଡ ଜୋନ ସିଆରସିସି ଉଦୟଭାନୁ ପତି, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ କିରାଣି ବିଦ୍ୟାଧର ଦାସ ଧାରଣାସ୍ଥଳରେ ପହଞ୍ଚି ୧ସପ୍ତାହ ମଧ୍ୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ପିଲାମାନେ ଧାରଣାରୁ ଉଠିଥିଲେ । ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬ଟି ଶ୍ରେଣୀର ୬୩ଜଣ ପିଲାଙ୍କ ପାଇଁ ପୂର୍ବରୁ ୨ଜଣ ଶିକ୍ଷକ ଥିବା ବେଳେ କିଛି ମାସ ତଳେ ପ୍ରଧାନଶିକ୍ଷକ ନରେନ୍ଦ୍ର ସେଠୀ ମୃତ୍ୟୁ ବରଣ କରିବା ପରେ ସେହି ପଦବୀ ଏଯାଏଁ ଖାଲି ପଡ଼ିଛି । ଏଣୁ ବର୍ତ୍ତମାନର କାର୍ଯ୍ୟରତ ଶିକ୍ଷକ କୈଳାସ ମହାନ୍ତିଙ୍କୁ ଏକାକି ବିଦ୍ୟାଳୟ ଚଳାଇବା ମୁସ୍କିଲ ହୋଇ ପଡୁଛି ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ




ବାଲିଆପାଳ, ୨୭।୧୧(ସମିସ): ବାଲେଶ୍ୱର ଜିଲା ବସ୍ତାବ୍ଲକ ବାହାର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଗୋଛାୟତ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଉଦଘାଟନୀ ଉତ୍ସବରେ ସଭାପତିତ୍ୱ କରି ବିଜ୍ଞାନ ମେଳାର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଭାବରେ ପିଏମଶ୍ରୀ ବନବିହାରୀ ଲାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ନାୟକ ସମ୍ମାନୀତ ଅତିଥି ବାହାର୍ଦ୍ଦା ସରପଞ୍ଚ ସଞ୍ଜୀବ ଦଳାଇ ଯୋଗ ଦେଇ ଏହି ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ । କୁନି ବୈଜ୍ଞାନିକ ପ୍ରକଳ୍ପ ମାଧ୍ୟମରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଥାଏ ବୋଲି ଅତିଥିମାନେ କହିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭସ୍ମିତା ଭଞ୍ଜ ଓ ଗଣିତ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ନାୟକଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ବିଭାଗରେ ମୋଟ ୩୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶ୍ରେଷ୍ଠ ପ୍ରକଳ୍ପ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ପାଇଁ ଚୟନ ହୋଇଥିଲା । ଶିକ୍ଷକ ସାରସ୍ୱତ ସାହୁ, କାଳିପଦ ମଙ୍ଗରାଜ, ଶିକ୍ଷୟିତ୍ରୀ ସ୍ୱରୂପା ମହାପାତ୍ର, ନିୟତୀ ରାଉତ, ରଶ୍ମିତା ନାୟକ ଓ କର୍ମଚାରୀ ତାପସ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆମ୍ବେଦକର ସମତା ମଞ୍ଚ ପକ୍ଷରୁ ସମ୍ବିଧାନ ଦିବସ ପାଳିତ




ଜଳେଶ୍ୱର, ୨୭।୧୧ (ସମିସ): ଆମ୍ବେଦକର ସମତା ମଞ୍ଚ ଏବଂ ଓଡ଼ିଶା ଭୀମ ସୈନିକ ୟୁନିଟ ଜଳେଶ୍ୱର ଶାଖା ଆନୁକୂଲ୍ୟରେ ଦେଶର ୭୬ତମ ସମ୍ବିଧାନ ଦିବସ ମଞ୍ଚର ସଭାପତି ଅଶୋକ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ବିଶ୍ୱର ସର୍ବଶ୍ରେଷ୍ଠ ସମ୍ବିଧାନ ଗାରିମାର ସଚେତନତାର ବାର୍ତ୍ତା ନେଇ ଜନସମାଜରେ ପହଞ୍ଚାଇବା ପାଇଁ ଆଦିବାସୀ ବହୁଳ ରାଇବଣିଆ ଅଞ୍ଚଳର ଲୁହାପଡ଼ା ଛକ ଠାରୁ ଏକ ମଟର ସାଇକେଲ ଶୋଭାଯାତ୍ରା ବାହାରି ଜଳେଶ୍ୱର ଷ୍ଟେସନ ବଜାର ବସଷ୍ଟାଣ୍ଡ ଠାରେ ପହଞ୍ଚିଥିଲା ଏବଂ ସେଠାରେ କାଳୀ ମନ୍ଦିର ସମ୍ମିଳନୀ କକ୍ଷରେ ସଭାକାର୍ଯ୍ୟ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ମୋନାର ରାଜ୍ୟ ସମ୍ପାଦକ ମନମୋହନ ମିଶ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଶା ଭୀମ ସୈନିକ ୟୁନିଟର ରାଜ୍ୟ ସଭାପତି ହିମାଂଶୁ ସେଠୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ କୃଷକ ସଭାପତି ସିତାଂଶୁ ସେନାପତି, ବାଲେଶ୍ୱର ଜିଲ୍ଲା ଖ୍ରୀଷ୍ଟିଆନ ମୋର୍ଚ୍ଚା ସଭାପତି ତପନ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ସେନାପତି, ବାମପନ୍ଥୀ ନେତା ଦିଲ୍ଲୀପ ଗିରି, ପ୍ରମୁଖ ଯୋଗ ଦେଇଥିଲେ । ବକ୍ତାମାନେ ତାଙ୍କର ଅଭିଭାଷଣରେ ବର୍ତ୍ତମାନ ସମୟରେ ସମ୍ବିଧାନର ସୁରକ୍ଷା ବିଷୟରେ ଚିନ୍ତା ପ୍ରକଟ କରିଥିଲେ । ରମେଶ ହେମ୍ବ୍ରମ, ଯଦୁ ସରେନ୍, କୋଷାଧ୍ୟକ୍ଷ ବିରେନ୍ଦ୍ର ସାମଲ, ସନ୍ତୋଷ ଜେନା, ବବିତା ପାତ୍ର, ସବିତା ଭୂୟାଁ, ଜୟନ୍ତୀ ଚନ୍ଦ, ଝାନ ଟୁଡୁ, ମାଧବ ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଅନୁଷ୍ଠାନର ସମ୍ପାଦକ ନୀରୋଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଣ୍ଡିବେଡ ହାଇସ୍କୁଲରେ ବୃତ୍ତି ଚୟନ କାର୍ଯ୍ୟକ୍ରମ




ଖଇରା, ୨୭ ।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲରେ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବୃତ୍ତି ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପୁରାତନ ଛାତ୍ର ସଂସଦର ଉପସଭାପତି ଅଭିମନ୍ୟୁ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣ୍ଡିବେଡ ସିଏଚସିର ଡାକ୍ତର ଉମେଶ ଚନ୍ଦ୍ର ଧାଉଁଡିଆ, ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅଭୟ କୁମାର ମହାନ୍ତି, କମଳାର୍ଜୁନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଜ୍ୟୋତିର୍ମୟ ପଣ୍ଡା ଓ ଗ୍ରାମ୍ୟବ୍ୟାଙ୍କର ଅଧିକାରିଣୀ ସୌମ୍ୟାଶ୍ରୀ ନାୟକ ଯୋଗ ଦେଇ ବିଭିନ୍ନ ବୃତ୍ତି ସମ୍ପର୍କରେ ସୂଚନା ଦେବା ଅବସରରେ ସବୁ ଦିଗକୁ ଦୃଷ୍ଟି ଦେଇ ବୃତ୍ତି ଚୟନ କରିବା ଏବଂ ଲକ୍ଷ୍ୟ ପୂରଣ ପାଇଁ କଠିନ ପରିଶ୍ରମ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ପୁରାତନ ଛାତ୍ର, ଶିକ୍ଷୟତ୍ରୀ ଓ ଶିକ୍ଷକ ଏଥିରେ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ପରଲୋକ



କାଳିପଦା, ୨୭।୧୧ (ସମିସ): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧିନସ୍ଥ ପାଳପଡ଼ା ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ପଞ୍ଚାୟତର ବିଜେଡି ସଭାପତି ଅଦୈତ୍ୟ ଦାସ ଅଧିକାରୀଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ବ୍ରହ୍ମପୁର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ମୃତ୍ୟୁରେ ବସ୍ତା ବିଧାୟିକା ସୁବାସିନୀ ଜେନା ଗଭୀର ଶୋକ ବ୍ୟକ୍ତ କରିବା ସହିତ ଅନ୍ତିମ ସମୟରେ ଉପସ୍ଥିତ ହୋଇ ଅମର ଆତ୍ମାର ସଦଗତି କାମନା କରିଥିଲେ । ତାଙ୍କ ବିୟୋଗରେ ପଞ୍ଚାୟତରେ ବିଜୁ ଜନତା ଦଳର ଅପୂରଣୀୟ କ୍ଷତି ଘଟିଲା ବୋଲି ବିଧାୟିକା ଶ୍ରୀମତୀ ଜେନା କହିଛନ୍ତି । ତାଙ୍କ ମରଶରୀରକୁ ବିରାଟ ଶୋଭାଯାତ୍ରାରେ ନିଖିରା ପଞ୍ଚାୟତ ପରିକ୍ରମା କରି ସୁବର୍ଣ୍ଣରେଖା ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁଅ ଅମୀୟ ମୁଖାଗ୍ନି ଦେଇଥିଲେ ।

## ଚଣ୍ଡିମନ୍ଦିର ପୂଜାକୁ ନେଇ ଅସନ୍ତୋଷ; ଥାନାରେ ମାମଲା

ଜଳେଶ୍ୱର, ୨୭।୧୧(ସମିସ) : ଜଳେଶ୍ୱର ବ୍ଲକର କନକାଲ ଗାଁରେ ଥିବା ଚଣ୍ଡି ମନ୍ଦିରରେ ପୂଜାକୁ ଓ ପରମ୍ପରାକୁ ନେଇ ବିବାଦ ଉପୁଜିଛି । ଏ ନେଇ ରାଇବଣିଆ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି । ଗାଁରେ ଥିବା ଚଣ୍ଡି ମନ୍ଦିରର ପୂଜା ଓ ରକ୍ଷଣାବେକ୍ଷଣ ଲାଗି ବହୁବର୍ଷ ପୂର୍ବରୁ ବ୍ୟବସ୍ଥା ହୋଇଥିଲା । ମନ୍ଦିର ନାମରେ ଥିବା ଜମିକୁ ଗ୍ରାମର କିଛି ଲୋକ ବ୍ୟବହାର କରିବା ସହ ଏଥିରୁ ଆସୁଥିବା ଅର୍ଥରେ ବର୍ଷାଯାକର ପୂଜା ବିଧି ସମ୍ପନ୍ନ ହେଉଥିଲା । ଗ୍ରାମର ଜନାର୍ଦ୍ଦନ ବେହେରା ମଧ୍ୟ କିଛି ଚଣ୍ଡି ଠାକୁରାଣୀଙ୍କ ନାମରେ ଥିବା ସମ୍ପତ୍ତିକୁ ବ୍ୟବହାର କରିଆସୁଥିଲେ । ତାଙ୍କୁ ଗ୍ରାମର କିଛି ବ୍ୟକ୍ତି ମନ୍ଦିରକୁ ପଶିବାକୁ ବାରଣ କରିଥିଲେ । ଏପରିକି ପୁରୀ ମୁକ୍ତିମଣ୍ଡପରୁ ଏକ ଆଦେଶମାଳା ଆଣି ଜନାର୍ଦ୍ଦନକୁ ମନ୍ଦିରକୁ ବାରଣ କରିବା ସହିତ ତାଙ୍କର ପୁରୋହିତଙ୍କୁ ମଧ୍ୟ ତାଙ୍କ ଘରକୁ ଯିବାକୁ ବାରଣ କରାଯାଇଥିଲା । କେତେକ ଗ୍ରାମବାସୀ ଜାତିଆଣ ଅକ୍ଷେପ ଲଗାଇ ପ୍ରଚାରପତ୍ର ବାଣ୍ଟିବା ସହିତ ମନ୍ଦିରକୁ ପଶାଇ ଦେଇନଥିବା ଥାନାରେ ଅଭିଯୋଗ ହୋଇଛି । ଏ ନେଇ ରାଇବଣିଆ ଥାନାରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଏ ସମ୍ପର୍କରେ ଗ୍ରାମ୍ୟମୁଖ୍ୟ ତପନ ଦାସଙ୍କୁ ପଚାରିବାରୁ ସମାଧାନ ଲାଗି ଚେଷ୍ଟା କରାଯାଉଥିବା କହିଛନ୍ତି ।

## କେସି ପିପିଲି କଲେଜରେ ସମ୍ବିଧାନ ଦିବସ ପାଳିତ




ବାଲିଆପାଳ, ୨୭।୧୧(ସମିସ): କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଜଗାଇରେ ଉଭିଦ ବିଜ୍ଞାନ ଅଧ୍ୟାପିକା ଶାନ୍ତିଲତା ଦାସଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ଡ. ମାନସୀ ସାହୁ ଯୋଗଦେଇ ଭାରତ ପୃଥିବୀର ବୃହତ ସମ୍ବିଧାନ, ଯାହା ସମସ୍ତଙ୍କର, ସମସ୍ତଙ୍କୁ ନେଇ ଓ ସମସ୍ତଙ୍କ ପାଇଁ କିପରି କାର୍ଯ୍ୟକରେ ମତ ବ୍ୟକ୍ତ କରିଥିଲେ । ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପକ ବିଦ୍ୟାଧର କୁହ୍ଲାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନ ହିଁ ଶାସନ ସଂହିତା, ଯାହା ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ସମର୍ପିତ ବୋଲି ମତ ରଖିଥିବା ବେଳେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ରାଜନୀତି ବିଜ୍ଞାନର ଅଧ୍ୟାପକ ସଞ୍ଜୟ ଦାସ ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ବନ୍ଧରେ ମତ ରଖିଥିଲେ । ଅଧ୍ୟାପକ ସୁଶାନ୍ତ ରାଜ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଅଧ୍ୟାପିକା ସୁପ୍ରସନୀ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର +୩ର ଛାତ୍ର ଛାତ୍ରୀ ଓ ଜାତୀୟ ସେବା ଶିବିରର ମିଳିତ ସହଯୋଗରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଅଧ୍ୟାପିକା ଆରତୀ ଜେନା କୃତଜ୍ଞତା ଜ୍ଞାପନ କରିଥିଲେ ।

## ଆମ୍ବୁଲାନ୍ସରେ ଅମ୍ଳଜାନ ସରିଯିବାରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

# ପରିବାର ଲୋକଙ୍କୁ ଭେଟିଲେ ବସ୍ତା ବିଧାୟିକା



ବାଲିଆପାଳ, ୨୭।୧୧ (ସମିସ): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଫକୀରମୋହନ ମେଡିକାଲ କଲେଜକୁ ଗୁରୁତର ଅବସ୍ଥାରେ ଅସୁସ୍ଥ ୧୦ ମାସର ଶିଶୁପୁତ୍ରକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଉଥିବା ସମୟରେ ରାସ୍ତାରେ ଅକ୍ସିଜେନ ସରିଯିବାରୁ ପିଲାଟିର ମୃତ୍ୟୁ ହୋଇଥିଲା । ବାଲିଆପାଳ ପଞ୍ଚାୟତ ସମିତି ବୈଠକରେ ପ୍ରଥମେ ବସ୍ତା ବିଧାୟିକା ସୁବାସିନୀ ଜେନା ଏହି ବିଷୟରେ ଆଲୋଚନା କରିବା ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟା ବିଷୟରେ ଅବଗତ କରାଇଥିଲେ । ବୈଠକ ପରେ ରାତିରେ ଶିଶୁପୁତ୍ରର ବାପା ଓ ମା'ଙ୍କୁ ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଇକଡପାଳ ଗାଁରେ ରଜନୀକାନ୍ତ ପାତ୍ରଙ୍କ ବାସଭବନରେ ବିଧାୟିକା ସୁବାସିନୀ ଜେନା ପହଞ୍ଚି ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ । ବିଧାୟିକାଙ୍କ ସହିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ପ୍ରୀତମ ସାହୁ, ବିଷ୍ଣୁପୁର ପଞ୍ଚାୟତର ସମିତି ସଦସ୍ୟ ଚନ୍ଦ୍ରମୋହନ ଦାସ, ୱାର୍ଡ ସଦସ୍ୟ, ଜିଲା ପରିଷଦ ବେଣୁଧର ଜେନା ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଗୋଟିଏ ନିଷ୍ପାପ ଶିଶୁର ମୃତ୍ୟୁ ଘଟିଗଲା । ଏ ସମ୍ପର୍କରେ ଆଗାମୀ ଶୀତ ଅଧିବେଶନରେ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ଶ୍ରୀମତୀ ଜେନା କହିଛନ୍ତି ।

## ଖବର ପ୍ରସାରଣ ପରେ ବିଦ୍ୟୁତ୍ ବିଭାଗର ତତ୍ପରତା

# ଷ୍ଟେସନ ଛକ ରାସ୍ତା ମଝିରୁ ଉଠିଲା ଟ୍ରାନ୍ସଫର୍ମର

ବସ୍ତା ବ୍ଲକ, ୨୭।୧୧ (ସମିସ)



ବାଲେଶ୍ୱର ଜିଲ୍ଲା ବସ୍ତା ବଜାର ଷ୍ଟେସନ ଛକ ସର୍ବସାଧାରଣ ରାସ୍ତା ଉପରେ ଏକ ଖୁଣ୍ଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଥିବା ବେଳେ ଯାତାୟାତରେ ଘୋର ଅସୁବିଧା ହେଉଥିବା ବେଳେ ଏନେଇ 'ସକାଳ'ରେ ଖବର ପ୍ରକାଶ ପରେ ବିଦ୍ୟୁତ୍ ବିଭାଗ ର ତତ୍ପରତା ଦେଖା ଦେଇଥିଲା । କିଛି ଦିନ ପରେ ବସ୍ତା ଟିପିଏନ୍‌ଓଡିଏଲ ବିଦ୍ୟୁତ୍ ବିଭାଗର ଏସଡିଓଙ୍କ ତତ୍ତ୍ୱାବଧାନରେ ଏହି ଟ୍ରାନ୍ସଫର୍ମରକୁ ଉଠା ଯାଇଛି ।

ବସ୍ତା ମୁଖ୍ୟ ରାସ୍ତାରୁ ବସ୍ତା ରେଳ ଷ୍ଟେସନକୁ ସଂଯୋଗ କରୁଥିବା ରାସ୍ତାର ଛକ ମଝିରେ ଏକ ଖୁଣ୍ଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଥିଲା । ଏହି ରାସ୍ତା ବ୍ୟସ୍ତବହୁଳ ହୋଇଥିବା ବେଳେ ସେହି ରାସ୍ତା ଦେଇ ଦୈନନ୍ଦିନ ଅନେକ ଭାରୀଯାନ ବିପଦ ପୂର୍ଣ୍ଣ ଭାବେ ଯାତାୟାତ କରୁଥିଲା । ଏହି ସମସ୍ୟାକୁ ନେଇ ଗତ ଅଗଷ୍ଟ ୨୫ ତାରିଖରେ 'ସକାଳ'ରେ ଖବର ପ୍ରକାଶିତ ହୋଇ ଥିଲା । ଖବର ପ୍ରକାଶ ପରେ ବିଦ୍ୟୁତ୍ ବିଭାଗ ଅଧିକ ତତ୍ପର ହୋଇ ଉଠିଥିବା ବେଳେ ପ୍ରକ୍ରିୟା ଆରମ୍ଭ ହୋଇ ଥିଲା । ପରବର୍ତ୍ତୀ ସମୟରେ ବସ୍ତା ଏସଡିଓ ନିଜେ ଉପସ୍ଥିତ ରହି ବିଭାଗୀୟ ଜେଇଙ୍କ ସହଯୋଗରେ ବିଦ୍ୟୁତ୍ କର୍ମଚାରୀଙ୍କୁ ନେଇ ଏହି ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ । ଫଳରେ ଏବେ ଯାତାୟାତ ସ୍ୱାଭାବିକ ହୋଇଛି ।

## ପୂର୍ବତନ ସମବାୟ ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ

ଜଳେଶ୍ୱର, ୨୭।୧୧(ସମିସ): ଜଳେଶ୍ୱର ସମବାୟ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ବିଜୟକୁମାର ଦାସଙ୍କ ପରଲୋକ ଘଟିଛି । ସେ ୯୧ବର୍ଷ ବୟସରେ ବାସସ୍ଥାନ ଗୋବରଘଟା ଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିବାବେଳେ ଜଳେଶ୍ୱର ସମବାୟ ବ୍ୟାଙ୍କରେ ଦୀର୍ଘବର୍ଷ ମ୍ୟାନେଜର ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । ପରେ ଜୋନାଲ ଅଫିସର ଭାବେ ୧୯୯୪ ମସିହାରେ ଅବସର ନେବାପରେ ଗାଁରେ ରହି ଆସୁଥିଲେ । ବଡପୁଅ ତଥା ପୂର୍ବତନ ଲକ୍ଷ୍ମଣନାଥ ସରପଞ୍ଚ ପ୍ରଶାନ୍ତ ଦାସ ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ । ସେ ବିଶେଷଭାବେ କୃଷକବନ୍ଧୁ, ଦରଦୀ, ଅନୁଷ୍ଠାନପ୍ରେମୀ, ମିଷ୍ଟଭାଷୀ ଓ ସମବାୟବିତ୍ ଭାବେ ପରିଚିତ ଥିଲେ । ତାଙ୍କ ମୃତ୍ୟୁରେ ସରପଞ୍ଚ ପ୍ରତିନିଧି ଚନ୍ଦନ କର, ପୂର୍ବତନ ସମିତି ସଭ୍ୟ ଭବାନୀ ଶଂକର ମହାନ୍ତି ଓ ବହୁ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତି ବେଳେ ଜଣେ ଗିରଫ

**ସୋର, ୨୭।୧୧(ସମିସ):** ସୋର ଥାନା ଖଞ୍ଜାମାହାଲ ପଥର ଖାଦାନରେ ବେଆଇନ ଭାବେ ବ୍ଲାଷ୍ଟିଂ କରିବାକୁ ପ୍ରସ୍ତୁତି ହେଉଥିବା ବେଳେ ଖଣି ବିଭାଗ ତରଫରୁ ଚଢ଼ାଉ କରାଯାଇ ଜଣକୁ ଥାନାରେ ଜିମା ଦେଇଥିଲେ। ଗତକାଲି ରାତିରେ ଖଞ୍ଜାମାହାଲ ପଥର ଖାଦାନ ନିକଟ ଏକ ସରକାରୀ ଜାଗାରେ ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତି ସରିଥିଲା।ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ସୋର ପୁଲିସ ସହାୟତାରେ ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତ ଥିବା ଗୋବିନ୍ଦପୁର ଗ୍ରାମର ଗୋପୀନାଥ ସିଂ (୪୩)କୁ ଧରିଥିବା ବେଳେ ଅନ୍ୟମାନେ ଚତୁରତାର ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫଳରେ କନିଷ୍ଠ ଖଣି ଅଧିକାରୀ ଶ୍ରୀ ଦାସ ବ୍ଲାଷ୍ଟିଂ ପାଇଁ ବ୍ୟବହୃତ ସାମଗ୍ରୀକୁ ଜବତ କରିବା ସହିତ ଗୋପୀନାଥକୁ ସୋର ଥାନାରେ ଜିମା ଦେଇ ଲିଖିତ ଅଭିଯୋଗ କରିଥିଲେ। ଆଜି ସକାଳେ ପୁଲିସ ଶ୍ରୀ ଦାସଙ୍କ ଅଭିଯୋଗ ମୂଳେ ୯୭୯/୨୫ରେ ଏକ ମାମଲା ରୁଜୁ କରି ଗୋପୀନାଥକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

# ସମ୍ବିଧାନ ଦିବସ ଅବସରରେ ସମ୍ମିଳନୀ

**ବାଲେଶ୍ୱର, ୨୭।୧୧(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ସାମ୍ବିଧାନିକ ଦିବସ ପାଳନ ଅବସରରେ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି ସାମ୍ବିଧାନିକ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ସାମ୍ବିଧାନିକ କର୍ତ୍ତବ୍ୟ ଗୁଡିକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଡିନ୍ ଡ. ବିନୟ



ଦାସ ଏବଂ ବାଲେଶ୍ୱର ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସର୍ବେଶ୍ୱର ସାହୁ ବିଶେଷଜ୍ଞ ଭାବରେ ଯୋଗଦେଇ ସାମ୍ବିଧାନିକ କର୍ତ୍ତବ୍ୟ ବାବଦରେ ସଚେତନ କରାଇଥିଲେ। ଏହି ଅବସରରେ ବାଲେଶ୍ୱର ମୁଖ୍ୟାଳୟର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ବାର ଆସୋସିଏସନ୍ ସଭାପତି କେଶବ କୁମାର ଆଚାର୍ଯ୍ୟ, ଆଇନଜୀବୀ ଏବଂ ସିଭିଲ୍ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀକୁ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ପରିଚାଳନା କରିଥିଲେ।

## ଜାତୀୟ ମହିଳା କମିଶନ ଆୟୋଗ ପକ୍ଷରୁ ମହିଳା ଜନଶୁଣାଣି ଶିବିର

# ୬ ଜିଲ୍ଲାରୁ ୫୦ ଅଭିଯୋଗ ଉପରେ ହେଲା ଶୁଣାଣି

**ବାଲେଶ୍ୱର, ୨୭ ।୧୧(ସମିସ)**




ଜାତୀୟ ମହିଳା କମିଶନ ଆୟୋଗଙ୍କ ପକ୍ଷରୁ ଆଜି ବାଲେଶ୍ୱରରେ ଏକ ମହିଳା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ମହିଳା ଆୟୋଗର ସଦସ୍ୟା ଡ. ଅର୍ଚ୍ଚନା ମଜୁମଦାରଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣୀ ଜିଲ୍ଲାପାଳଙ୍କ ଅଡିଟରିୟମ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୬ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ହୋଇଥିବା ୫୦ଟି ମାମଲା ଉପରେ ଶୁଣାଣି ହୋଇଥିଲା।


ଏହି ମହିଳା ଜନ ଶୁଣାଣୀ ଶିବିର ପାଇଁ ବାଲେଶ୍ୱର ଜିଲ୍ଲାରୁ ୨୦ଟି ମାମଲା ପଞ୍ଜୀକରଣ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରୁ ୪ଟି ମାମଲା, ଭଦ୍ରକ ଜିଲ୍ଲାରୁ ୧୧ଟି ମାମଲା, ଯାଜପୁର ଜିଲ୍ଲାରୁ ୮ଟି ମାମଲା, କେନ୍ଦ୍ରାପଡ଼ା ଜିଲ୍ଲାରୁ ୬ଟି ମାମଲା ଏବଂ ସୁନ୍ଦରଗଡ଼ ଜିଲ୍ଲାରୁ ଗୋଟିଏ ମାମଲାକୁ ମିଶାଇ ମୋଟ ୫୦ଟି ମାମଲାର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରୁ ପଞ୍ଜୀକରଣ ହୋଇଥିବା ମାମଲାରେ କେହି ଅଭିଯୋଗକାରିଣୀ ଆସିନଥିବାବେଳେ ବାକି ଅନ୍ୟ ଜିଲ୍ଲା ଗୁଡିକରୁ ଆସିଥିବା ମାମଲା ଉପରେ ଶୁଣାଣି ହୋଇଥିଲା। ଏହାଛଡା ଏହି ମହିଳା ଜନଶୁଣାଣୀ ଶିବର ହେଉଥିବା ଖବର ପାଇ ତତକ୍ଷଣାତ ୧୫ଟି ମାମଲାକୁ ପଞ୍ଜୀକରଣ କରାଯାଇ ଶୁଣାଣୀ କରାଯାଇଥିଲା। ବିଶେଷକରି ମହିଳାମାନଙ୍କ ପାରିବାରିକ ସମସ୍ୟା ହେଉ କିମ୍ବା ନାରୀ ନିର୍ଯାତନା ହେଉ ଆଦି ବିଭିନ୍ନ ଅଭିଯୋଗ ଉପରେ ଶୁଣାଣୀ ହୋଇଥିଲା।

ଏ ନେଇ ସଦସ୍ୟା ଶ୍ରୀମତି ମଜୁମଦାର କହିଛନ୍ତି ଯେ, ଜାତୀୟ ମହିଳା କମିଶନଙ୍କ ନିକଟରେ ଅନ ଲାଇନ କିମ୍ବା ଅଫ ଲାଇନରେ ପଞ୍ଜୀକରଣ ହୋଇଥିବା ମାମଲା ଉପରେ ଆଜି ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନର ଉପସ୍ଥିତିରେ ଶୁଣାଣି କରାଯାଇଛି। ଏଠାକୁ ଆଜି ମୋଟ ୫୦ଟି ମାମଲା ନେଇ ଶୁଶାଣୀ କରିବାକୁ ଆସିଥିଲେ। ଏହାଛଡା ତତକ୍ଷଣାତ ୧୫ଟି ମାମଲା ଯୋଡି ହୋଇଥିଲା। ଏପରିକି ଏହି ୧୫ଟି ମାମଲା ମଧ୍ୟରୁ ଯେଉଁ ମାମଲା ଗୁଡିକ ପୁଲିସ ନିକଟରେ ପଞ୍ଜୀକରଣ ହୋଇଛି ହେଲେ ସେନେଇ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ ସେଭଳି ମାମଲା ମଧ୍ୟ ଏଠାରେ ପଞ୍ଜୀକରଣ ହୋଇଛି। ସେଥିମଧ୍ୟରୁ ୩୮ ଟି ମାମଲାକୁ ସମ୍ପୂର୍ଣ୍ଣ ଭାବେ ଶେଷ କରାଯାଇଥିବା ବେଳେ ତତକ୍ଷଣାତ ଆସିଥିବା ୧୫ଟି ଅଭିଯୋଗ ମଧ୍ୟରୁ ୧୨ଟି ମାମଲା ଆସିଛି ଯାହାକି ପୁଲିସର ରିପୋର୍ଟକୁ ଅପେକ୍ଷା କରାଯାଇଛି। ଖୁବ୍‌ଶିଘ୍ର ସେମାନଙ୍କର ରିପୋର୍ଟ ଆସିଲେ ତୁରନ୍ତ ଫଇସଲା ହୋଇଯିବ ବୋଲି କହିଛନ୍ତି। ଏହାବ୍ୟତିତ ଆଜି ଜିଲ୍ଲାରେ ମୋଟ ୬୫ଟି ମାମଲା ଉପରେ ଶୁଣାଣି କରିଛନ୍ତି। ଶିବିର ମଧ୍ୟରେ ଘରୋଇ ହିଂସାକୁ ଛାଡି ବହୁତଗୁଡିଏ କ୍ରାଇମମାନ ଘଟୁଛି। ବିଶେଷ କରି ବିବାହର ପ୍ରତିଶ୍ରୁତି ଦେଇ ମହିଳାମାନେ ଶୋଷଣର ଶିକାର ହେବା, ଚାକିରି କରାଇଦେବାକୁ କହି ଶୋଷଣର ଶିକାର ହେବା, ବିଭିନ୍ନ ସ୍ଥାନରେ ଯୌନ ନିର୍ଯ୍ୟାତନା, ସାଇବର କ୍ରାଇମ ଆଦି ବିଭିନ୍ନ ଘଟଣା ଯାହାକି ମହିଳାମାନଙ୍କ କ୍ଷେତ୍ରରେ ଘଟୁଛି ତା ଉପରେ ଶୁଣାଣୀ କରାଯାଇଥିଲା। ବିଶେଷ କରି ଘରୋଇ ହିଂସା ଅଧିକମାତ୍ରାରେ ଦେଖାଦେଉଛି ହେଲେ ସେମାନଙ୍କୁ ନିଜ ନିଜ ମଧ୍ୟରେ ବୁଝାମଣା କରି ତାର ସମାଧାନ କରିବାକୁ ସେମାନେ ପ୍ରସ୍ତାବ ଦେଉଛନ୍ତି। ବିଶେଷ କରି ମହିଳାଙ୍କ କ୍ଷେତ୍ରରେ ସଜ୍ଜା କାଟୁଥିବା ଲୋକ ରହିଛନ୍ତି ଯେଉଁଥିରେ ୮୫ପ୍ରତିଶତ ଘଟଣା ହେଉଛି ହତ୍ୟା। ଏଣୁ ହତ୍ୟା କରିବା ପୂର୍ବରୁ କିପରି ତାହାକୁ ସମାଧାନ କରାଯିବ ସେ ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହାଛଡା ବାହାରେ କାର୍ଯ୍ୟ କ୍ଷେତ୍ରରେ ମହିଳାମାନେ ଯେଉଁ ଦୁଷ୍କର୍ମରେ ଶିକାର ହେବା ହେଉ କିମ୍ବା କୌଣସି ମହିଳାଙ୍କୁ ଦୁଷ୍କର୍ମ ହେଉ କିମ୍ବା ଦୁଷ୍କର୍ମ ଉଦ୍ୟମ ହେଉ ତାହା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଉଛି ବୋଲି କହିଛନ୍ତି।

ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଜାତୀୟ ମହିଳା କମିଶନ ଦେଶର ବିଭିନ୍ନ ରାଜ୍ୟର ଜିଲ୍ଲାମାନଙ୍କୁ ଯାଇ ଜନଶୁଣାଣୀ କରନ୍ତି। ସବୁ ଲୋକ ଜାତୀୟ ମହିଳା କମିଶନଙ୍କ ଠାରେ ଅଭିଯୋଗ କରିବାକୁ ଯାଇ ପାରୁ ନାହାନ୍ତି ଏଣୁ ସେମାନେ ବିଭିନ୍ନ ଜିଲ୍ଲାକୁ ଆସି ଏହି ଶୁଣାଣୀ କରୁଛନ୍ତି। ଆଜି ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁଲିସ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲା ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦୱାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି, ରାଷ୍ଟ୍ରୀୟ ମହିଳା ଆୟୋଗର ବିଶେଷ ସମନ୍ୱୟକ ନେହା ମହାଜନ ଗୁପ୍ତା, ଜେଟିଇ(ଆଇନ) ମନମୋହନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାର ବହୁ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

**ବାଲେଶ୍ୱର, ୨୭।୧୧(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ସାମାଜିକ ବିଜ୍ଞାନ ବିଭାଗ ଦ୍ୱାରା ସମ୍ବିଧାନ ଦିବସକୁ ଗୌରବ, ଶିକ୍ଷାନୁକୂଳ ଓ ଉତ୍ତରଦାୟୀ ନାଗରିକତାର ଆଦର୍ଶ ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଭାରତୀୟ ସମ୍ବିଧାନରେ ସ୍ଥାପିତ - ନ୍ୟାୟ, ସ୍ୱାଧୀନତା, ସମତା ଓ ଭାଇଚାରା ର ମୂଲ୍ୟବୋଧକୁ ପୁନଃ ସମନ୍ୱୟ କରିବା ପ୍ରୟାସ ନେଇ ଆୟୋଜିତ ହୋଇଥିଲା। ଏହି ଅବସର ଗବେଷକ ଛାତ୍ରଛାତ୍ରୀ, ଆଇନ ବିଶେଷଜ୍ଞ, ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମିଳିତ ଭାବେ ୧୯୪୯ ମସିହାରେ ଭାରତୀୟ ସମ୍ବିଧାନ ଗ୍ରହଣର ପରମ୍ପରାଗତ ଅର୍ଥ ଉପରେ ଚିନ୍ତନ ଓ ଏହାର ଆଧୁନିକ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ସଭାପତି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦବୋଧନରେ, ସମ୍ବିଧାନକୁ ଭାରତୀୟ ଗଣତନ୍ତ୍ରର ଧର୍ମଗ୍ରନ୍ଥ ଭାବେ ବିବେଚନା




କରି, ଏହାର ଆଦର୍ଶଗୁଡ଼ିକ ନିଜର ଜୀବନର ଆଚରଣରେ ଲିପ୍ତ କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ଆଦର୍ଶ ନାଗରିକ, ସଚେତନ ତଥା ନୀତିନିଷ୍ଠ ଓ ସମାଜ-ସମ୍ବେଦନଶୀଳ ପିଢ଼ୀ ଭାବେ ଗଢ଼ି ତୋଳିବାରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ତାହା ଉପସ୍ଥାପନ କରିଥିଲେ। ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମର ଆରମ୍ଭରେ ସମ୍ବିଧାନ ଦିବସର ଐତିହାସିକ ଅର୍ଥ ଓ ପରିଚୟ ପ୍ରଦାନ କରି ସମ୍ବିଧାନର ପ୍ରସ୍ତାବନା ସାମୁହିକ ପଠନର ଦାୟିତ୍ୱ ନିର୍ବାହ କରିଥିଲେ। ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପବିତ୍ର ମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଓ ସମ୍ମାନନୀୟ ଅତିଥି ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଉଦ୍‌ବୋଧନ ଦେଇ କାର୍ଯ୍ୟକ୍ରମର ଆୟୋଜକଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବରିଷ୍ଠ ନ୍ୟାୟାଧୀବକ ସୌର୍ଯ୍ୟ କାନ୍ତ ପାଢ଼ୀ (ଉଚ୍ଚ ନ୍ୟାୟାଳୟଓଡ଼ିଶା), ସମ୍ମାନନୀୟ ଅତିଥି ଭାବେ ଉପସ୍ଥିତ ହୋଇ ସମ୍ବିଧାନର ବିବିଧ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଓ ସୂଚନା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ନ୍ୟାୟାଳୟ ସମ୍ପୃକ୍ତ ବିଭିନ୍ନ ବ୍ୟାଖ୍ୟା, ଆଧୁନିକତାର ସମ୍ମିଶ୍ରଣ ଓ ଗଣତନ୍ତ୍ରୀୟ ମୂଲ୍ୟଗୁଡ଼ିକ ସୁରକ୍ଷାରେ ନାଗରିକମାନଙ୍କ ଉତ୍ତରଦାୟୀ ଭୂମିକା ବିଷୟରେ ଗଭୀର ମତ ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ, ସମ୍ବିଧାନର ପରିବର୍ତ୍ତନଶୀଳ ଦୃଷ୍ଟିକୋଣ, ସାମାଜିକ ସଶକ୍ତିକରଣ, ସତ୍ତା ବିକେନ୍ଦ୍ରୀକରଣ ଓ ଅଂଶଗ୍ରାହୀ ଗଣତନ୍ତ୍ର ଆଦି ବିଭିନ୍ନ ସଂଯୋଜିତ ବଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆନ୍ଥ୍ରୋପୋଲଜି ବିଭାଗର ସହକାରୀ ଅଧ୍ୟାପକ ଡ଼କ୍ଟର ଆକାଶ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଲେ। କାର୍ଯ୍ୟକ୍ରମର ଶେଷ ଅଂଶରେ ସୋସିଆଲ୍ ସାଇନ୍ସ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ନିର୍ବାଚନ ପ୍ରକ୍ରିୟାର ସୁରକ୍ଷାକରଣ' ଶୀର୍ଷକ ଏକ କ୍ଷୁଦ୍ରନାଟ୍ୟ ପ୍ରସ୍ତୁତି କରାଯାଇଥିଲା।

# ବାଲେଶ୍ୱର ଲୋକ ମହୋତ୍ସବର ନବମ ସନ୍ଧ୍ୟା



**ବାଲେଶ୍ୱର, ୨୭।୧୧(ସମିସ):** ବାଲେଶ୍ୱର ଲୋକ ମହୋତ୍ସବର ଗୁରୁବାର ଥିଲା ନବନ ସନ୍ଧ୍ୟା। ଏହି ଅବସରରେ ଉପସଭାପତି ସିମନ ଦାସ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ପୂର୍ବତନ ବ୍ରିଟ ଅଧକ୍ଷ ଆଲୋକ ସାହୁ, କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସ, ବିସିଆଇସିର ସଭାପତି ସଞ୍ଜୀୟ ଦାସ, ପିଏନବି ଶାଖା ପରିଚାଳକ ବିଶ୍ୱଜିତ ବିଶ୍ୱାଳ, ଉପଦେଷ୍ଟା ପ୍ରକାଶ କିଶୋର ନାୟକ ଯୋଗ ଦେଇ ମହୋତ୍ସବର ଉନ୍ନତି କାମନା କରିଥିଲେ। କୋଷାଧ୍ୟକ୍ଷ ନିଶିତ ବାରିକ ମଞ୍ଚ ଆହ୍ୱାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷ ବିଶ୍ୱଜିତ ପରମାଣିକ, ସାଧାରଣ ସମ୍ପାଦକ ସଞ୍ଜୀୟ ସାମନ୍ତ, କାର୍ଯ୍ୟକାରୀ ସଦସ୍ୟ ଜୟରାମ ଦାସ, ମନୋରଞ୍ଜନ ନନ୍ଦୀ, ଅଜୟ ପ୍ରଧାନ, ସାଗର ଅଗ୍ରୱାଲ, ଉପେନ୍ଦ୍ର ବେହେରା, ଲମ୍ବୋଦର ବେହେରା ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ ସିଲାବ ସତ୍ୟକାମ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅସିତ ଦାସ, ଶ୍ରୀମାନ ଶ୍ରୀଚନ୍ଦନ, ବିକାଶ ପାଢ଼ୀ, ଶ୍ରୀମନ୍ତ ମାଝୀ, ତାପସ ପାଣିଗ୍ରାହୀ, ସୌଭାଗ୍ୟ ମାନସ ନାୟକ, ରାଜେଶ ମହାକୁଡ଼, ସମ୍ବିତ ବିଶ୍ୱାଳ, ସତ୍ୟ ପ୍ରକାଶ ପତି, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ହ୍ରିତିକ ନାୟକ, ଜିତେନ୍ଦ୍ର ମହାଳିକ, ଅନୁପମ ମିଶ୍ର, ସୌମ୍ୟରଞ୍ଜନ ଯାଦବ ପମୁଖ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ଶକ୍ତି ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ଗୀତ ଶୁଣିବା ପାଇଁ ଆଇଟିଆଇ ପଡ଼ିଆରେ ନାହିଁ ନ ଥିବା ଗହଳି ହୋଇଥିଲା।

# ରେମୁଣାରେ ବାଂଲାଦେଶୀ ଓ ସନ୍ଦିଗ୍ଧଙ୍କୁ ଚିହ୍ନଟ କରିବାକୁ ଦାବି

**ବାଲେଶ୍ୱର, ୨୭।୧୧(ସମିସ):** ରେମୁଣା ଅଞ୍ଚଳରେ ରହୁଥିବା ବାଂଲାଦେଶୀ ଏବଂ ସନ୍ଦିଗ୍ଧଙ୍କୁ ଚିହ୍ନଟ କରି ସେମାନଙ୍କୁ ହଟାଇବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି ରେମୁଣାର ବୁଦ୍ଧିଜୀବୀ, ସମାଜସେବୀ ଏବଂ ସାମାଜିକ କର୍ମୀ ଏନେଇ ଆଜି ଜିଲାପାଳ ଏବଂ ଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। 'ରାଷ୍ଟ୍ର ଜାଗରଣ ସମିତି' ପକ୍ଷରୁ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି। ସମିତି ପକ୍ଷରୁ ଦର୍ଶାଯାଇଛି ଯେ, ସାରା ଦେଶରେ ଅବୈଧଭାବେ ବସବାସ କରୁଥିବା ବାଂଲାଦେଶୀ ଓ ପାକିସ୍ତାନୀଙ୍କ ଦ୍ୱାରା ବିଭିନ୍ନ



ଅସାମାଜିକ ଏବଂ ଆତଙ୍କବାଦ କାର୍ଯ୍ୟକଳାପ ଚିନ୍ତାଜନକ ବିଷୟ ପାଲଟିଛି। ଏହି ପରିପ୍ରେକ୍ଷୀରେ ରେମୁଣାରେ ବାଂଲାଦେଶୀ ଏବଂ ସେମାନଙ୍କ ସମ୍ପର୍କୀୟ ବସବାସ କରି ଆସୁଥିବା ଦୃଷ୍ଟିରୁ ଅଞ୍ଚଳର ଶାନ୍ତି ଏବଂ ସୌହାର୍ଦ୍ଦ ପ୍ରତି ବିପଦର ଆଶଙ୍କା ରହିଛି। ଅନେକ ସମୟରେ ସାମ୍ପ୍ରଦାୟିକ ଉତ୍ତେଜନା ଓ ହିଂସାକାଣ୍ଡ ଦେଖାଯାଉଛି। ଗୋରୁ ଚୋରି ଏକ ସାଧାରଣ କଥାରେ ପରିଣତ ହୋଇଛି। ବିଳମ୍ବିତ ରାତିରେ ସେମାନଙ୍କ କାର୍ଯ୍ୟକଳାପ ଅଞ୍ଚଳବାସୀଙ୍କ ମନରେ ଭୟ ସଞ୍ଚାର କରୁଛି। ରେମୁଣା ଥାନା ଅଧୀନ ମାଧିପୁର, ଗନିପୁର, ଚେଙ୍ଗଡ଼ା ସାହି, କୂଟପୋଖରୀ ନିକଟ ଅଞ୍ଚଳରେ କିଛି ସନ୍ଦିଗ୍ଧ ଲୋକଙ୍କ ଯାତାୟାତ ମନକୁ ଆଶଙ୍କିତ କରୁଛି। ଏଥିପ୍ରତି ଦୃଷ୍ଟି ଦେଇ ରେମୁଣାରେ ବାଂଲାଦେଶୀ ଏବଂ ସନ୍ଦିଗ୍ଧଙ୍କୁ ଚିହ୍ନଟ ପୂର୍ବକ ତୁରନ୍ତ ହଟାଇବା ପାଇଁ ଦାବି କରାଯାଇଛି। ସମିତି ଆବାହକ ଜୟନ୍ତ କୁମାର ପଣ୍ଡା, ସଭାପତି ସରୋଜ କୁମାର ବେହେରାଙ୍କ ସମେତ ସଦସ୍ୟ ଦାବିପତ୍ର ପ୍ରଦାନ କରିଥିଲେ।

# କୁନ୍ତଳା କୁମାରୀ ସାବତ ମହିଳା କଲେଜରେ କର୍ମଶାଳା

**ବାଲେଶ୍ୱର, ୨୭।୧୧(ସମିସ):** କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ଭାରତ ସରକାରଙ୍କ 'ଅନୁସନ୍ଧାନ ଜାତୀୟ ଗବେଷଣା ସଂସ୍ଥା' ଓ ପଦାର୍ଥ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ବିଷୟ ବିଶେଷଜ୍ଞ ଭାବେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେଶ କୁମାର ପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟ ବିଶେଷଜ୍ଞ ଭାବେ ଆଇଆଇଟି ଭିଲାଇର ଡ. ସୁଧନ୍ୟ ପାତ୍ର ଏବଂ ପଦାର୍ଥ ବିଜ୍ଞାନ ଅନୁଷ୍ଠାନ ଭୁବନେଶ୍ୱରର ଡ. ମୃତ୍ୟୁଞ୍ଜୟ ଭୂୟାଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଦିବସରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଡ. ବିବେକାନନ୍ଦ ନାୟକ ଓ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ସୁବ୍ରତ କୁମାର ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ଶୁଭସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ, ଫକୀରମୋହନ



ସ୍ୱୟଂଶାସିତ ମହାବିଦ୍ୟାଳୟ, ସିବିଏସ୍‌ଟି ଆଦି ଉଚ୍ଚ ଶିକ୍ଷାନୁଷ୍ଠାନରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ/ ଅଧ୍ୟାପିକା ଯୋଗ ଦେଇଥିଲେ। କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା କର୍ମଶାଳାରେ ସହଯୋଗ କରିଥିଲେ।

# ମେଳାରେ ଖାଦ୍ୟ ସୁରକ୍ଷା ଟିମ୍ ଯାଞ୍ଚ

**ବାଲେଶ୍ୱର, ୨୭।୧୧(ସମିସ):** ବାଲେଶ୍ୱର ସହର ଆଇଟିଆଇ ପଡ଼ିଆରେ ଚାଲିଥିବା ବାଲେଶ୍ୱର ଲୋକ ମହୋତ୍ସବରେ ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଯାଞ୍ଚ କରାଯାଇଛି। ଯେଉଁଥିରେ ନିଷେଧ ଥିବା ଖାଦ୍ୟ ରଙ୍ଗ ବ୍ୟବହାର ହେଉଥିବା ଜଣାପଡ଼ିଥିଲା। ସେଥିପାଇଁ ଖାଦ୍ୟ ରଙ୍ଗକୁ ଟିମ୍ ପକ୍ଷରୁ ନଷ୍ଟ କରାଯାଇଥିଲା। ୧୯ ତାରିଖରୁ ଆରମ୍ଭ ହୋଇଛି ଏହି ମହୋତ୍ସବ। ଏହି ମହୋତ୍ସବରେ ୪୦୦ ରୁ ଅଧିକ ବିଭିନ୍ନ ଷ୍ଟଲ୍ ପଡ଼ିଛି। ତେବେ ତାହାରି ଭିତରେ ଅନେକ ଖାଦ୍ୟ ଷ୍ଟଲ୍



ରହିଛି। ପ୍ରତିଦିନ ଶତାଧିକ ଲୋକ ମେଳା ବୁଲିବା ସହ ଖାଦ୍ୟ ଖାଉଛନ୍ତି। ଫାଷ୍ଟଫୁଡ୍‌ଠୁ ଆରମ୍ଭ କରି ଛଣାଛଣି ଆଦି ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ୍ ମେଳାରେ ପଡ଼ିଛି। ହେଲେ ମେଳାରେ ମଧ୍ୟ ନିଷେଧ ଥିବା ଖାଦ୍ୟ ରଙ୍ଗ ବ୍ୟବହାର ହେଉଥିବା ଦେଖିବାକୁ ମିଳିଥିଲା। ମେଳାରେ ଥିବା ବିଭିନ୍ନ ଷ୍ଟଲ୍‌ରେ ଖାଦ୍ୟ ଯାଞ୍ଚ କରାଯାଇଛି। ବାସି ଖାଦ୍ୟ ନଥିଲା। ହେଲେ ନିଷେଧ ଖାଦ୍ୟ ରଙ୍ଗ ବ୍ୟବହାର ହେଉଥିଲା। ତାହାକୁ ସବୁ ନଷ୍ଟ କରିଛୁ ବୋଲି ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆ ସୂଚନା ଦେଇଛନ୍ତି। ଏହି ଟିମ୍‌ରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବିବାହ ଶୋଭାଯାତ୍ରା ବେଳେ ୩ ଗାଡ଼ିକୁ ପିଟିଲା ଡମ୍ଫର

## ବର୍ତ୍ତିଲେ ବରଯାତ୍ରୀ, ଘଟଣାସ୍ଥଳରେ ଉତ୍ତେଜନା









**ବସ୍ତା ବ୍ଲକ, ୨୭।୧୧ (ସମିସ)**

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଦରଡ଼ା ଛକରେ ବୁଧବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବରଯାତ୍ରୀ ଦଳ ଶୋଭାଯାତ୍ରା କରୁଥିବା ବେଳେ ଏକ ଡମ୍ଫର୍ ଦ୍ରୁତଗତିରେ ଆସି ଭାରସ୍ୟାମ ହରାଇ ତିନୋଟି ଗାଡ଼ିକୁ ଧକ୍କା ଦେଇଥିବା ବେଳେ ବରଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇ ଛନ୍ତି। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଛି।

ବୁଧବାର ରାତିରେ ସମୟରେ ଦରଡ଼ା ଛକ ନିକଟରେ ଜନୈକ ବ୍ୟକ୍ତିଙ୍କ ବାହାଘର ଶୋଭାଯାତ୍ରା ଚାଲିଥିଲା। ବାହାଘର ପାଇଁ ଆସିଥିବା ଗାଡି ସବୁ ରାସ୍ତା କଡ଼ ରେ ଛିଡା ହୋଇଥିବା ବେଳେ ଏକ ହାଇୱା ଗାଡି ନିଜର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ଥିବା ଏକ ବାଇକ ସହିତ ଗୋଟିଏ ବୋଲେରୋ ଓ କାରକୁ ଧକ୍କା ଦେଇ ଥିଲା। ଯାହା ଫଳରେ ଗାଡ଼ି ସବୁ କ୍ଷତିଗ୍ରସ୍ତ ହୋଇ ଥିଲା। ଏହି ଦୁର୍ଘଟଣା ପରେ ଲୋକେ ଘଟଣା ସ୍ଥଳରେ ହାଇୱା ଡ୍ରାଇଭରକୁ ଅଟକ କରି ପୁଲିସକୁ ଡାକି ହସ୍ତାନ୍ତର କରିଥିଲେ। ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରିଥିବା ଯୋଗୁଁ ଏହି ଦୁର୍ଘଟଣା ଘଟାଇ ଥିବା ଅଭିଯୋଗ ହୋଇଛି। ପୁଲିସ ଦୁର୍ଘଟଣା ଘଟାଇ ଥିବା ଗାଡ଼ିକୁ ଅଟକ କରି ତଦନ୍ତ ଜାରି ରଖିଛି।

## ● ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଚାମ୍ପିଅନସିପ

# ଫାଇନାଲରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ

**ବାଲେଶ୍ୱର, ୨୭।୧୧(ସମିସ):** ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ସହାୟତା ଓ ଦୃଷ୍ଟିହୀନ କ୍ରିକେଟ୍ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସପ୍ତମ ମହିଳା ଦୃଷ୍ଟିହୀନ କ୍ରିକେଟ୍ ଚାମ୍ପିଅନସିପ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱଦ୍ୟାଳୟଠାରେ ଚଳିତ ମାସ ୨୫ ତାରିଖଠାରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୮ଟି ଦଳ ଯଥା ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ମୟୂରଭଞ୍ଜ, ରମାଦେବୀ, ଗଂଜାମ, ଭୁବନେଶ୍ୱର, ଶୈଳବାଳା, ବଲାଙ୍ଗୀର, ଭୁବନେଶ୍ୱର ବିବି ସ୍କୁଲ ସାମିଲ ହୋଇଛନ୍ତି। ପ୍ରଥମ ଦିବସରେ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ଗୁଡିକରେ ରାଣୀପାଟଣା, ମୟୂରଭଞ୍ଜ ଦଳକୁ ଭେଟି ଥିଲା। ମୟୂରଭଞ୍ଜ ଦଳ ୬ ଓଭର ଖେଳି ୩୫ ରନ ସଂଗ୍ରହ କରିଥିବା ବେଳେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ୩ ଓଭର ୪ ବଲରେ ୨ ଟି ୱିକେଟ୍ ହରାଇ ୩୬ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଦିବସରେ ରାଣୀପାଟଣା ବିଦ୍ୟାଳୟ ଭୁବନେଶ୍ୱରର ଲୁଇସ୍ ବ୍ରେଲ୍ ସ୍କୁଲକୁ ଭେଟି ଥିଲା। ଏଥିରେ ୬ ଓଭର ଖେଳି ୩୮ ରନ ସଂଗ୍ରହ କରିଥିବା ବେଳେ ବାଲେଶ୍ୱର ଦଳ ୬ ଓଭର ରେ ୪୦ ରନ ସଂଗ୍ରହ କରି ବିଜେତା ହୋଇଥିଲା। ଦ୍ୱିତୀୟ ଦିବସରେ ତୃତୀୟ ମ୍ୟାଚରେ ବାଲେଶ୍ୱର ଦଳ ବଲାଙ୍ଗୀରକୁ ଭେଟି ଥିଲାବେଳେ ବଲାଙ୍ଗୀର ଦଳ ୫ ଓଭର ଖେଳି ୧ ୱିକେଟ୍ ରେ ପରାସ୍ତ ହୋଇ ୧୫ ରନ ସଂଗ୍ରହ କରିଥିଲା ବେଳେ ବାଲେଶ୍ୱର ଦଳ ୫ ଓଭର ଖେଳି କୌଣସି ୱିକେଟ୍ ନହରାଇ ୫୨ ରନ୍‌ରେ ବିଜୟ ହୋଇ ସେମି



ଫାଇନାଲରେ ଉତ୍ତୀର୍ଣ୍ଣ ହୋଇଥିଲା। ସେହିପରି ଅନ୍ତିମ ଦିବସରେ ବାଲେଶ୍ୱର ଦଳ ଶୈଳବାଳା ମହିଳା ମହାବିଦ୍ୟାଳୟ ଦଳକୁ ଭେଟି ଥିଲା। ଶୈଳବାଳା ମହିଳା ମହାବିଦ୍ୟାଳୟ ୬ ଓଭରରେ ଖେଳି ୬ ୱିକେଟ୍‌ରେ ହରାଇ ୧୯ ରନ୍ ସଂଗ୍ରହ କରିଥିଲା ବେଳେ ବାଲେଶ୍ୱର ଦଳ ମାତ୍ର ୮ ବଲରେ କୌଣସି ୱିକେଟ୍ ନ ହରାଇ ଫାଇନାଲକୁ ପ୍ରବେଶ କରିଛି। କ୍ୟାପଟେନ ଇତିକ୍ରିଷ୍ଟା ଭଞ୍ଜ ୧୦ ରନ୍ ସଂଗ୍ରହ କରିଥିଲା ବେଳେ ସୁନୀତା ସୋରେନ ୫ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଖେଳାଳିଙ୍କୁ ସାଧୁବାଦ ଜଣାଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ଜନତାଙ୍କୁ ମତାଧିକାର ସାବ୍ୟସ୍ତ କରିବାର ପୂର୍ଣ୍ଣ କ୍ଷମତା ଦିଆଯାଏ, ତେବେ ଶାସନ ବ୍ୟବସ୍ଥା ଏକ ଉଚ୍ଚତର ସୋପାନରେ ପହଞ୍ଚିବ ।
-ମାର୍କ ଜୁକରବର୍ଗ

## ପ୍ରଭାବହୀନ କୋପ୍ ୩୦

ବ୍ରାଜିଲ୍‌ର ବେଲମ୍‌ଠାରେ ଗତସପ୍ତାହରେ ସମାପ୍ତ ଜଳବାୟୁ ଶିଖର ସମ୍ମିଳନୀର ୩୦ତମ ଅଧିବେଶନ(କୋପ୍‌୩୦) ପୁଣି ଥରେ ଚକ୍ଷୁକୁଟା ପ୍ରହସନରେ ପରିଣତ ହୋଇଛି । ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ତାପମାନ ନିୟନ୍ତ୍ରଣ ଲକ୍ଷ୍ୟ ପ୍ରାୟତଃ ଗୁରୁତ୍ୱ ହରାଇଥିବା ବେଳେ କେବଳ ଉପରଦେଖାଣିଆ ଭାବରେ ଜଳବାୟୁ ପାଣ୍ଠି ପରିମାଣ ବୃଦ୍ଧି ଉପରେ ସକାରାତ୍ମକ ମତୈକ ପ୍ରକାଶ ପାଇଛି । ପରିବେଶ ପ୍ରଦୂଷଣରେ ସର୍ବାଧିକ ପ୍ରଭାବିତ ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କ ପ୍ରତି ସର୍ବାଧିକ ପ୍ରଦୂଷଣ ସୃଷ୍ଟିକାରୀ ବିକଶିତ ଦେଶମାନଙ୍କର ଉତ୍ତରଦାୟିତ୍ୱ ବୃଦ୍ଧି ନେଇ କୋପ୍‌୩୦ରେ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଥିବା ବେଳେ ସେଥିରେ ମଧ୍ୟ ନିରାଶ ହେବାକୁ ପଡ଼ିଛି । ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ସବୁଜ ଗୃହ ବାଷ୍ପ ସୃଷ୍ଟିକାରୀ ସାମଗ୍ରୀର ଆମଦାନୀ ଉପରେ ଅଧିକ ଶୁଳ୍କ ଲାଗୁ କରିବା ପାଇଁ କୋପ୍ ୩୦ରେ ସଂକଳ୍ପ ଆଗତ କରିବାକୁ ଯୋଜନା ଚୂଡ଼ାନ୍ତ ହୋଇଥିଲା । କିନ୍ତୁ ଭାରତ ଓ ଚୀନ୍ ସମେତ କେତେକ ବିକାଶଶୀଳ ରାଷ୍ଟ୍ର ଏଭଳି ପାତରଅନ୍ତର ନୀତିର ଘୋର ବିରୋଧ କରିବା ପରେ ତାହା ସ୍ଥଗିତ ରହିଲା । ଏଥିରୁ କୋପ୍‌୩୦ ଯେ ତାର ମୂଳ ଓ ମୌଳିକ ଲକ୍ଷ୍ୟରୁ ଦୂରେଇ ଯାଉଛି ଏହି ଅଭିଯୋଗ ନିରାଧାର ନୁହେଁ ।

କୋପ୍ ୩୦ର ଏକମାତ୍ର ସକାରାତ୍ମକ ବାର୍ତ୍ତା ହେଲା ବ୍ୟାପକ ଶିଳ୍ପାୟନ ଓ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ବିକାଶଶୀଳ ଦେଶମାନଙ୍କର କ୍ଷତିଭରଣା ପାଇଁ ୨୦୩୫ ମସିହା ପର୍ଯ୍ୟନ୍ତ ବାର୍ଷିକ ୧.୩ ଲକ୍ଷ କୋଟି ଡଲାରର ଅନୁଦାନ ଦେବା ପାଇଁ ସଦସ୍ୟ ଦେଶମାନେ ସହମତ ହୋଇଛନ୍ତି । ସେହିପରି କୋପ୍ ୨୮ ରେ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଭରଣା ପାଇଁ ପ୍ରସ୍ତାବିତ 'ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡ' ଆରମ୍ଭ କରିବା ଏବଂ ପ୍ରସ୍ତାବିତ ପାଣ୍ଠି ରାଶିକୁ ତିନିଗୁଣା ବୃଦ୍ଧି କରିବା ଲାଗି ମଧ୍ୟ ସଂକଳ୍ପ ପାରିତ ହୋଇଛି । କିନ୍ତୁ ୨୦୧୯ ରୁ ଜଳବାୟୁ ପାଣ୍ଠି ପ୍ରତି ବିକଶିତ ଦେଶମାନଙ୍କର ପ୍ରତିଶ୍ରୁତି ଓ ଅଙ୍ଗୀକାରବଦ୍ଧତାରେ ଥିବା ଆକାଶପାତାଳ ତଫାତ୍‌ର ଅନୁଭବ ଦୃଷ୍ଟିରୁ ଉପରୋକ୍ତ ସଂକଳ୍ପର ରୂପାୟନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ସେହିପରି ଆମେରିକା ଜଳବାୟୁ ଶିଖର ସମ୍ମିଳନୀରୁ ଓହରି ଆସିଥିବାରୁ ଜଳବାୟୁ ପାଣ୍ଠିର ଆକାର ଓ କାର୍ଯ୍ୟାନ୍ୱୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ଅପ୍ରିୟ ସତ୍ୟ ହେଉଛି, ବିକଶିତ ଦେଶମାନେ ଉତ୍ତରଦାୟିତ୍ୱ ନ ନେବା ପର୍ଯ୍ୟନ୍ତ ଜଳବାୟୁ ଶିଖର ସମ୍ମିଳନୀମାନ ଏଭଳି ଚକ୍ଷୁକୁଟା ପ୍ରହସନ ହୋଇଚାଲିଥିବ । କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଉଠେଇବ କିଏ? ସାମ୍ପ୍ରତିକ ବିଶ୍ୱର ସର୍ବବୃହତ୍ ଆହ୍ୱାନ ହେଉଛି ଜନତାଙ୍କୁ ଜଳବାୟୁ ନ୍ୟାୟ ପ୍ରଦାନ । ସ୍ୱାର୍ଥସର୍ବସ୍ୱ ମାନସିକତାରେ ଏହି ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ । ବୋଧହୁଏ ନିଜେ ପ୍ରଭାବିତ ଓ କ୍ଷତିଗ୍ରସ୍ତ ନ ହେବା ଯାଏଁ ବିକଶିତ ରାଷ୍ଟ୍ରମାନଙ୍କର ଚେତନା ଉଦୟ ହେବ ନାହିଁ । ସେପର୍ଯ୍ୟନ୍ତ ଅବଶିଷ୍ଟ ବିଶ୍ୱ ଜଳବାୟୁ ପରିବର୍ତ୍ତନର ବିଷ ପିଇବାକୁ ବାଧ୍ୟ । ବିଶେଷକରି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ତଥା ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟ ପ୍ରଭାବିତ ତାଲିକାରେ ନବମ ସ୍ଥାନରେ ଥିବା ଭାରତ ପାଇଁ ଏହି ଆହ୍ୱାନର ମୁକାବିଲା କରିବା ଆହୁରି ଅଧିକ କଠିନ ।

ଏବେ ସମୟ ଆସିଛି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ହ୍ରାସ କରିବା ପାଇଁ ଜାତୀୟ ନୀତି ପ୍ରଣୟନ କରିବାର । ଭାରତକୁ ଖାଦ୍ୟାଭାବ, ବାତ୍ୟା, ବନ୍ୟା, ମରୁଡ଼ି, ସମୁଦ୍ର ପତ୍ତନ ବୃଦ୍ଧି, ଜଳାଭାବ, ଶସ୍ୟ ହାନି, ସ୍ୱାସ୍ଥ୍ୟସଙ୍କଟ, ଜୈବବିବିଧତା ହ୍ରାସ, ଅଂଶୁଘାତ, ଆଦି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ଦୁଷ୍ପ୍ରଭାବରୁ ସୁରକ୍ଷା ଦେବାକୁ ହେଲେ ସଂକଳ୍ପ ନୁହେଁ, ଯୁଦ୍ଧକାଳୀନ ପଦକ୍ଷେପ ଆବଶ୍ୟକ । ଏଥିପାଇଁ ସରକାରୀ ଓ ରାଜନୈତିକ ନିଷ୍ଠା, ଗୋଷ୍ଠୀ ସହଭାଗିତା ଓ ପ୍ରଶାସନିକ ଆନ୍ତରିକତା ଅପରିହାର୍ଯ୍ୟ । ସେହିପରି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ସମାଧାନରେ ବୈଷୟିକ ଜ୍ଞାନକୌଶଳ ସହ ପାରମ୍ପରିକ ମୌଳିକ ଜ୍ଞାନକୁ ସମ୍ମିଳିତ ଭାବେ ପ୍ରୟୋଗ କରିବା ପାଇଁ ମାନସିକତାରେ ସକାରାତ୍ମକ ପରିବର୍ତ୍ତନ ମଧ୍ୟ ଜରୁରୀ ।

## ଆପଣା ହସ୍ତେ ଜିହ୍ୱା ଛେଦି

ଯାନବାହନ ଓ ସେଗୁଡ଼ିକର ଚାଳିତ ଶକ୍ତି ଜୀବାଶ୍ମ ଇନ୍ଧନର ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଜାରି କରିବା ଲାଗି ସରକାରଙ୍କୁ ଆବେଦନ କରିଛନ୍ତି କାରନିର୍ମାଣକାରୀ ସଂସ୍ଥାର ଜନୈକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ । ଆବେଦନର କାରଣରେ ସେ ଦର୍ଶାଇଛନ୍ତି ଯେ କାର ମୋ ଜୀବିକାର୍ଜନର ମୁଖ୍ୟ ସହାୟକ ଏହା ନିଃସନ୍ଦେହ; କିନ୍ତୁ ତା'ଠାରୁ ଗୁରୁତ୍ୱପୂର୍ଣ୍ଣ ମୋ ପୂର୍ବ ଓ ଉତ୍ତର ପିଢ଼ିର ସ୍ୱାସ୍ଥ୍ୟ ଓ ଭବିଷ୍ୟତ । ଯାନବାହନ ଚଳାଚଳରେ କଟକଣା ନ ଲାଗିବା ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣରୁ ଯେ ମୁକ୍ତି ନାହିଁ ଏହି ଆପ୍ତବାକ୍ୟଟି ସମ୍ପୃକ୍ତ ସିଇଓଙ୍କ ଆବେଦନରୁ ସ୍ପଷ୍ଟ ଓ ନିର୍ଧାର୍ଯ୍ୟ ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଦ୍ରୁତ ସହରୀକରଣ ସହିତ କର୍ମସ୍ଥଳୀ, ବିପଣନ ଓ ମନୋରଞ୍ଜନ ବିକ୍ଷିପ୍ତ ହୋଇଛି ଏବଂ ଗମନାଗମନରେ ଯାନବାହନ ଏକ ଜରୁରୀ ଆବଶ୍ୟକତା ହୋଇପଡ଼ିଛି । ସେହି ଆଧାରରେ ଆଶାତୀତ ଭାବେ ଯାନବାହନ ଉତ୍ପାଦନ ଓ ବିକ୍ରି ବଢ଼ିବାରେ ଲାଗିଛି । ବ୍ୟାଙ୍କ ଓ ବିଭିନ୍ନ ଦେଶୀବିଦେଶୀ ଅର୍ଥଲଗାଣକାରୀ ସଂସ୍ଥାଙ୍କ ପ୍ରାବଲ୍ୟ ଯୋଗୁଁ ସହଜରେ ଋଣ ମିଳିଯାଉଛି । ତା' ସହିତ ଲୋକମାନଙ୍କର ଉପାର୍ଜନ ମଧ୍ୟ ବଢ଼ିଛି । ଆୟ ଓ ଋଣ ସମ୍ପର୍କର ସିଧାସଳଖ ପ୍ରଭାବ ଯାନବାହନ ସଂଖ୍ୟା ବୃଦ୍ଧିରେ ପ୍ରତିଫଳିତ ହେଉଛି । ପରିଣାମ ସ୍ୱରୂପ ବାୟୁ ପ୍ରଦୂଷଣ ଉତ୍କଟ ହେବାରେ ଲାଗିଛି । ବିଷାକ୍ତ ଓ ପ୍ରଦୂଷିତ ବାୟୁ ସମସ୍ୟା ଓ ପରିବେଶ ସଙ୍କଟ ଏବେ କେବଳ ଆଉ ଦେଶର ରାଜଧାନୀ ଦିଲ୍ଲୀରେ ସୀମିତ ହୋଇ ରହିନାହିଁ । ଆମ ରାଜ୍ୟର ଅନୁଗୁଳ ସହର ପ୍ରଦୂଷିତ ବାୟୁ ମାନରେ ଦିଲ୍ଲୀକୁ ମଧ୍ୟ ଟପିଯାଇଛି । ଧୀରେ ଧୀରେ ଦେଶର ବିଭିନ୍ନ ଜନାକୀର୍ଣ୍ଣ ସହରାଞ୍ଚଳ ଏଭଳି ପ୍ରଦୂଷିତ ବାୟୁର ପଞ୍ଝା ମଧ୍ୟକୁ ଚାଲିଯାଉଛି ।

ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ ବିଷୟରେ ଜନତା ଆଉ ଅଜ୍ଞ ନୁହନ୍ତି । ତେଣୁ ସୂଚନା ଓ ସଚେତନତା ପ୍ରୟାସ ବୃଥା । କଥା କଥାକେ ଗାଡ଼ିଟିଏ ନ ହେଲେ ଘରୁ ଗୋଡ଼ ବାହାର କରିବାର କୁଣ୍ଠାକୁ ଆମେ ତ୍ୟାଗ କରିପାରୁନାହୁଁ । ସବୁଜାଣି ମଧ୍ୟ ଅଧିକ ସୁଖ, ସୁବିଧା ଲୋଡ଼ୁଥିବାର ପରିଣାମ ଆମକୁ ହିଁ ଭୋଗିବାକୁ ପଡ଼ୁଛି ଏବଂ ଆମର ଉତ୍ତରପିଢ଼ିଙ୍କୁ ମଧ୍ୟ ଭୋଗିବାକୁ ପଡ଼ିବ । ଓଡ଼ିଶାରେ ଏକ ପ୍ରବାଦ ଅଛି - ଆପଣାହସ୍ତେ ଜିହ୍ୱା ଛେଦି କେ ଅଛି ତା'ର ପ୍ରତିବାଦୀ । ବିଷବଳୟରୁ କେବଳ ଆମର ଆତ୍ମସଂଯମ ହିଁ ଉଦ୍ଧାର କରିପାରିବ । ନିଷ୍ପତ୍ତି ଆମମାନଙ୍କର ।

# ଓଡ଼ିଆ ଅସ୍ମିତା ଓ ସ୍ୱାବଲମ୍ବନ

ଡ. ପ୍ରମୋଦ କୁମାର ପଣ୍ଡା



ଆଜିକାଲି ଆମେ ସମସ୍ତେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଆମ ଅସ୍ମିତା ଦେଶ ଓ ବିଦେଶରେ ସେତେବେଳେ ବୃଦ୍ଧି ପାଇବ ଯେତେବେଳେ ପ୍ରତି ଓଡ଼ିଆ ମୁଣ୍ଡ ଟେକି ଆଖିରେ ଆଖି ମିଳାଇ ଅନ୍ୟ ରାଜ୍ୟ ଓ ବିଦେଶର ଲୋକଙ୍କ ସହିତ କଥା ହୋଇପାରିବ କିମ୍ବା ନିଜ ଅଧିକାର ଜାହିର କରିପାରିବ । ଅନ୍ୟମାନେ ଯେତେବେଳେ ଆମକୁ ଦେଖିବେ ତୁରନ୍ତ ସମ୍ମାନ ଦେବାର ମାନସିକତା ପ୍ରଦର୍ଶନ କରିବେ ସ୍ୱତଃପ୍ରବୃତ୍ତ ଭାବରେ । ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ନିଜକୁ ଧନୀ କରିପାରିବା ।

ଇଂରାଜୀରେ ଏକ ପ୍ରବାଦ ଅଛି - 'ଭିକାରୀର ଇଚ୍ଛା ବାଛିବାର ଅଧିକାର ନାହିଁ, ଯିଏ ଯାହା ଦେଲା ସେଥିରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ।' ଏ ଦୁନିଆରେ ଅର୍ଥ ହିଁ ସମ୍ମାନର ଅଧିକାରୀ । ଆପଣଙ୍କ ପାଖରେ ପଇସା ଥିଲେ ସବୁକିଛି ମିଳିଯାଇପାରିବ । ସେଥିପାଇଁ ତ କୁହାଯାଇଛି - 'ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ; ପଇସା କ୍ୟା ନ କରେ କାମ ।' ଏଠାରେ ପଇସା ଅର୍ଥ ନୁହେଁ କଳା ଟଙ୍କା ରୋଜଗାର କରିବା । ଏ ପୃଥିବୀରେ ସାଧୁ ଉପାୟରେ ପଇସା ରୋଜଗାର କରି ଧନୀ ହେବାର ଶହ ଶହ ରାସ୍ତା ଅଛି । କିନ୍ତୁ ଦୁଃଖ ଲାଗେ ଆମ ସ୍ଥିତି ଦେଖି । ବିକାଶର ସମସ୍ତ ଉପାଦାନ ଆମ ପାଖରେ ଥିବା ସତ୍ତ୍ୱେ ଆମେ ଏକ ଦରିଦ୍ର ଜାତି ହିସାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ।

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ । ପ୍ରାକୃତିକ ସମ୍ପଦରେ ଭରପୂର । ସମଗ୍ର ଦେଶରେ ବାର୍ଷିକ ହରାହାରି ୧୨୦୦ ମିଲିମିଟର ବର୍ଷା ହେଉଥିବା ସ୍ଥଳେ ଆମର ୧୫୦୦ ମିଲିମିଟର । ଦେଶରେ ଆଠପ୍ରକାର ମୃତ୍ତିକା ଥିବା ବେଳେ ଆମର ମଧ୍ୟ ଆଠପ୍ରକାର ମୃତ୍ତିକା ଅଛି । ସମୁଦ୍ର ପତ୍ତନଠୁ ଦେଓମାଳିର ଶିଖର ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭୂମିରୂପ ଓ ଜଳବାୟୁ ଆମ ପାଖରେ ମହଜୁଦ ଅଛି । ଏହା ବର୍ଷସାରା ବିଭିନ୍ନ ପ୍ରକାର କୃଷିଜାତ ସାମଗ୍ରୀ ଉତ୍ପାଦନ ପାଇଁ ଭରପୂର ସୁଯୋଗ ଦେଇଛି । ଆମ ପାଖରେ ସମଗ୍ର ଦେଶର ଶତକଡ଼ା ୨୮ ଭାଗ ଲୁହାପଥର, ଶତକଡ଼ା ୨୪ ଭାଗ କୋଇଲା, ଶତକଡ଼ା ୫୯ ଭାଗ ଆଲୁମିନିୟମ (ବକ୍‌ସାଇଟ) ଓ ଶତକଡ଼ା ୯୮ ଭାଗ କ୍ରୋମାଇଟ ମହଜୁଦ ଅଛି । ତା' ଛଡ଼ା ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ଅନ୍ବେଷିତ ଅଛି । ପର୍ଯ୍ୟଟନ ବିକାଶ ପାଇଁ ମନ୍ଦିର, ନଦୀ, ହ୍ରଦ, ଘନ ଜଙ୍ଗଲ ଓ ୪୮୫ କିଲୋମିଟର ସୁଦୀର୍ଘ ସମୁଦ୍ର ବେଳାଭୂମି ଅଛି । ୬୨ ପ୍ରକାର ପରିଶ୍ରମୀ ଜନଜାତି ମଧ୍ୟ ଅଛନ୍ତି । ଆମ ରାଜ୍ୟର ଶ୍ରମିକ ଅନ୍ୟ ରାଜ୍ୟରେ ପରିଶ୍ରମୀ ବୋଲି ପରିଚୟ ସୃଷ୍ଟି କରିଛନ୍ତି ।

ଉପରୋକ୍ତ ବର୍ଣ୍ଣିତ ସମସ୍ତ ବିକାଶ ଉପାଦାନ ମହଜୁଦ୍ ଥିବା ସତ୍ତ୍ୱେ ଓଡ଼ିଶାର ମାସିକ କୃଷି ଆୟ (୫, ୧୧୨ଟଙ୍କା) ଦେଶର ରାଜ୍ୟମାନଙ୍କ ତୁଳନାରେ ତଳ ଆଡୁ ଦ୍ୱିତୀୟ, ଯାହା ଆଦୌ ଗ୍ରହଣୀୟ ନୁହେଁ । ସେହିପରି ବାର୍ଷିକ ମୁଣ୍ଡପିଛା ଆୟରେ ଆମ ରାଜ୍ୟ ଦେଶର ଅନ୍ୟ ରାଜ୍ୟମାନଙ୍କ ତାଲିକାରେ ୧୭ ତମ ସ୍ଥାନ (୧, ୬୩, ୧୦୧ଟଙ୍କା) ମଧ୍ୟ ଗ୍ରହଣୀୟ ନୁହେଁ । କିଛି କେନ୍ଦ୍ରଶାସିତ ଅଞ୍ଚଳକୁ ବିଚାର କଲେ ଆମ ସ୍ଥାନ ୨୨ରେ ଅଛି । ସିକିମର ମୁଣ୍ଡପିଛା ଆୟ ୫, ୪୭, ୭୪୦ ଟଙ୍କା ଦେଶର ସର୍ବୋଚ୍ଚ ହୋଇଥିବା ବେଳେ ତେଲଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା ପ୍ରଭୃତି ରାଜ୍ୟର ବାର୍ଷିକ ମୁଣ୍ଡପିଛା ଆୟ ୩ ଲକ୍ଷ ଟଙ୍କାରୁ ଅଧିକ, ଯାହାକି ଆମଠୁ ଶତକଡ଼ା ୧୦୦ରୁ ଅଧିକ ।

କେବେ କୌଣସି ପଞ୍ଜାବୀ, ମାରୁଆଡ଼ି କିମ୍ବା ଗୁଜରାଟୀ ମୁଲିଆ ବା ଚାକିରିଆ ହେବା ପାଇଁ ସ୍ୱପ୍ନ ଦେଖେନି । ସବୁବେଳେ ଧନକୁ ମୁଲିଆ ସଦ ଉପଯୋଗପୂର୍ବକ ମାଲିକ ହୋଇ ଅଧିକ ଧନ ଉପାର୍ଜନ କରିବାକୁ ଚେଷ୍ଟା କରେ । ମୁଁ ଆମର ଯୁବପିଢ଼ିଙ୍କୁ ଆହ୍ୱାନ ଦେଉଛି - ଆପଣ ସମସ୍ତେ ଧନୀ ହେବାକୁ ଚେଷ୍ଟା କରନ୍ତୁ, ତାହା ପୁଣି ସତ୍ ଉପାୟରେ । କାରଣ ଅସତ ଧନ ବେଶି ଦିନ ରହିବ ନାହିଁ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ କହିଥିଲେ, ବାଲ୍ୟ କାଳୁ ଧନ ଓ ଧର୍ମ ସଂଚିବା କଥା । ଆମ ଯୁବବର୍ଗଙ୍କୁ କହିରଖେ, ଆମ ପାଇଁ ସିନା ପର୍ଯ୍ୟାପ୍ତ ଚାକିରି ନାହିଁ, ମାତ୍ର ପର୍ଯ୍ୟାପ୍ତ ରୋଜଗାର ଅଛି । ମନେରଖନ୍ତୁ ଆପଣଙ୍କ ପାଖରେ ଅର୍ଥବଳ ରହିଲେ ସମସ୍ତେ ସମ୍ମାନ ଦେବେ । ଏଥିପାଇଁ ତ କୁହାଯାଏ ଟଙ୍କା ସବୁକିଛି ନୁହେଁ । ମାତ୍ର ଭଗବାନଙ୍କଠୁ ବି କମ୍ ନୁହେଁ ।

ପ୍ରତି ଓଡ଼ିଆ ଧନୀ ହେଲେ ଯାଇଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୋଇପାରିବ । ସେ କାହାପାଖରେ ହାତ ପାତିବ ନାହିଁ । ସେ ମଧ୍ୟ ଅନ୍ୟ ରାଜ୍ୟ ଲୋକଙ୍କୁ ନିଜ ଧନ୍ଦାରେ କାମ କରାଇବ । ଏଥିପାଇଁ ସରକାରଙ୍କ ଗୁରୁ ଦାୟିତ୍ୱବୋଧ ରହିଛି । ସବୁଯୁଗରେ ସବୁ ସରକାରଙ୍କର ବଡ଼ ଆହ୍ୱାନ ହେଉଛି ସମ୍ବଳ ସୀମିତତା । ମାତ୍ର ଯେଉଁ ସରକାର ସୀମିତ ସମ୍ବଳର ସଦୁପଯୋଗ କରିପାରେ ଉତ୍ପାଦକତା ବୃଦ୍ଧି ପାଇଁ, ସେ ରାଜ୍ୟ ବା ଦେଶ ପ୍ରଗତି କରେ । ମାତ୍ର ଓଡ଼ିଶାରେ ଦ୍ରବ୍ୟ ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ପୁଞ୍ଜି ନିବେଶ ନ ହୋଇ ଭୋଟ ପକ୍କା କରିବା ପାଇଁ ସରକାର ପରେ ସରକାର ପୁଞ୍ଜି ନିବେଶ କରି ଚାଲିଛନ୍ତି, ଯାହାର ଫଳସ୍ୱରୂପ ରାଜକୋଷରୁ ଅର୍ଥ ଯାଉଛି, ମାତ୍ର ବେରୋଜଗାରୀ ବଢୁଛି । କୃଷି ଆୟ କମୁଛି ଏବଂ ରାଜ୍ୟରେ ଫସଲ ସଘନତା ମାତ୍ରା ହ୍ରାସ ପାଉଛି । ଭୋଟ ରାଜନୀତିରେ ଟଙ୍କା ବାଣ୍ଟିଲେ ଭୋଟବ୍ୟାଙ୍କ ପକ୍କା ହୋଇଯିବ, ମାତ୍ର ଓଡ଼ିଆ ଧନୀ ହୋଇ ପାରିବ ନାହିଁ ।

ଅତୀତରେ ଆମେ ବିଦେଶ ଯାଉଥିଲୁ । ଅନ୍ୟମାନେ ଆମଠୁ ଧନ ନେବା ପାଇଁ ଆମକୁ ଜୟ କରିବାକୁ ଚାହୁଁଥିଲେ । ବର୍ତ୍ତମାନ ପଞ୍ଜାବୀ ଓ କେରଳୀ ବିଦେଶ ଯିବାର ସ୍ୱପ୍ନ ଦେଖୁଥିବା ବେଳେ ଅଧିକାଂଶ ଓଡ଼ିଆ ଯୁବବର୍ଗ ବିପିଏଲ ମଦ୍ୟ ପାନରେ ନିଜର ଭବିଷ୍ୟତ ଖୋଜୁଛନ୍ତି । ଅତ୍ୟନ୍ତ ଦୁର୍ଭାଗ୍ୟଜନକ ସ୍ଥିତି । ଆମ ସରକାର, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ, ବୁଦ୍ଧିଜୀବୀ ସମସ୍ତେ ମିଶି ଆମ ଯୁବବର୍ଗଙ୍କର ଚାକିରି କରିବା ମନୋବୃତ୍ତିକୁ ପରିବର୍ତ୍ତନ କରି ରୋଜଗାର କରିବାରେ ମନୋନିବେଶ ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ପଡ଼ିବ । ସେଥିପାଇଁ ଏକ ବଡ଼ ସାମାଜିକ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ଭୁବନେଶ୍ୱର, ମୋ: ୮୯୧୭୪୨୬୪୪୦

# ପ୍ରଶ୍ୱାସରେ ବିଷ

ତୁଷାର ରଞ୍ଜନ ସାହୁ

ଶୀତଋତୁ ଆରମ୍ଭ ହୋଇଗଲାଣି । ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି । ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ପାଇବା କାଠିକର ପାଠ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି । ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ, ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି । ଏହି ବାଣ ପୋଡ଼ିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ), ସଲଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ । ଆକାଶକୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ । ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡ ବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ । ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ । ଅଚାନକ ରକ୍ତଚାପ ବଢ଼ିଯାଏ । ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ । କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ । ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ । ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ । ଏଥିରେ ହୃଦରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ସଲଫର ଡାଇଅକ୍ସାଇଡ ଗ୍ୟାସ ସମ୍ପୂର୍ଣ୍ଣ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ । ବିଶେଷକରି ଫୁସଫୁସକୁ ଆକ୍ରାନ୍ତ କରେ । ଅଚାନକ କାଶ ବଢ଼ିପାରେ । ଛାତିରେ ଯନ୍ତ୍ରଣା ହୁଏ । ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ । ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ । ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ।

ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଯୋଗୁଁ ହେଉଛି । ଏହା ଏକ ଶ୍ୱାସଜନିତ ରୋଗ । ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ । ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ । ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ । ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗୋଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି । ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବା ବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ । ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ । ଏନଭାର୍ନମେଣ୍ଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ । ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ । ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ । ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡ଼ାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ ସୃଷ୍ଟି କରିଥା'ନ୍ତି । ଘର ଭିତରେ ମଧ୍ୟ ରେଡିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ । ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି ।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତାଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି । ଦୀପାବଳି ଓ ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ । ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ, ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ । ବାରୁଦ ଗନ୍ଧ ଓ ଧୂଆଁ ଯୋଗୁଁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ । ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ । ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ । ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ମସ୍ତିଷ୍କାଘାତର କାରଣ ହୋଇପାରେ । ବିଷାକ୍ତ ବାଷ୍ପ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ । ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ । ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା ।

ତାପଜ ବିଦ୍ୟୁତକେନ୍ଦ୍ରଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ । ଜୀବାଶ୍ମ ଇନ୍ଧର ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଅକସାଇଡ, ସଲଫର ଡାଇଅକସାଇଡ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ । ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଓ କର୍କଟ ରୋଗର କାରଣ ପାଲଟି ଥାଏ । ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ । ପରିବେଶକୁ ପ୍ରଦୂଷିତ କରିଥାଏ । ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ୍ ପାଉଁଶ ନିର୍ଗତ ହେଉଛି । ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା ।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ । ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି । ତଥାପି ଆମର ଚିନ୍ତା ନାହିଁ । ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି । ଆମର କିଛି ହେବନି । ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ । ହେଲେ ମନେରଖିବା ଦରକାର ଆନନ୍ଦ ଦୁଃଖ ବା ବିପଦର କାରଣ ନ ହେଉ ।

କଟକ, ମୋ: ୯୮୬୧୦୪୭୫୭୫

# ରାହୁ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପୌରାଣିକ କଥାନୁସାରେ ସାଗର ମନ୍ଥନରୁ ବାହାରିଥିବା ଅମୃତ କଳସରୁ ଦେବତାମାନେ ଅମୃତ ପାନ କରିବା ସମୟରେ ଜଣେ ଦାନବ ଛଳପୂର୍ବକ ଦିବ୍ୟରୂପ ଧାରଣ କରି ଦେବତାଙ୍କ ନିକଟରେ ବସିଯାଇଥିଲା । ଶ୍ରୀବିଷ୍ଣୁ ମୋହିନୀ ରୂପରେ ଅମୃତ ପ୍ରଦାନ କରୁଥିବା ବେଳେ ଉକ୍ତ ଦାନବ ମଧ୍ୟ ଅମୃତ ପାନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । କିନ୍ତୁ ଶ୍ରୀବିଷ୍ଣୁ ଏହା ଜାଣିପାରି ସୁଦର୍ଶନ ଚକ୍ରରେ ଉକ୍ତ ଦାନବର ମସ୍ତକ ଛିନ୍ନ କଲେ । ଅମୃତ ପାନ କରିଥିବାରୁ ଦାଦବର ମୃତ୍ୟୁ ହୋଇ ନଥିଲା । ତା'ର ମସ୍ତକ ରାହୁ ଓ ଶରୀର କେତୁ ନାମରେ ଗ୍ରହାକାରରେ ଆସୁରିକ ଶକ୍ତିର ପ୍ରତୀକ ଭାବେ ରହିଛି । ତେଣୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନବଗ୍ରହଙ୍କ ସହିତ ରାହୁ ଓ କେତୁଙ୍କୁ ମଧ୍ୟ ମହତ୍ତ୍ୱ ପ୍ରଦାନ କରାଯାଇଛି । ଜ୍ୟୋତିଷଶାସ୍ତ୍ରରେ ରାହୁ ଓ କେତୁଙ୍କୁ ଦୁଷ୍ଟ ଗ୍ରହ ଭାବେ ବିଚାର କରି ବ୍ୟକ୍ତିର ଜୀବନରେ ତା'ର କୁପ୍ରଭାବକୁ ନିଷ୍ଫଳ କରିବା ପାଇଁ ଜ୍ୟୋତିଷମାନେ ବିଭିନ୍ନ ପ୍ରକାର ପୂଜାବିଧି ଏବଂ ଯଜ୍ଞାନୁଷ୍ଠାନ କରିବା ପାଇଁ ପରାମର୍ଶ ଦେଇଥା'ନ୍ତି । ରାହୁ ଗ୍ରହଙ୍କ ନକାରାତ୍ମକ ପ୍ରଭାବକୁ କମ୍ କରିବା ପାଇଁ ଭାରତର ଅନେକ ସ୍ଥାନରେ ରାହୁଙ୍କ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି ।

ଭାରତରେ ଥିବା ସମସ୍ତ ରାହୁ ମନ୍ଦିର ମଧ୍ୟରୁ ଦେବଭୂମି ଉତ୍ତରାଖଣ୍ଡର ପାଉରି ଜିଲ୍ଲା ଅନ୍ତର୍ଗତ ପେଠାଣୀ ନାମକ ଗ୍ରାମର ମନ୍ଦିର ସର୍ବମାନ୍ୟ । ଏହି ମନ୍ଦିର ସ୍ୟୋଲିଗାଡ଼ ନଦୀ (ରଥବାହିନୀ) ଓ ନାଭାଲିକା (ପଶ୍ଚିମୀ ନୟାର୍) ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ । ସ୍କନ୍ଦ ପୁରାଣର କେଦାରଖଣ୍ଡରେ ମଧ୍ୟ ଏହି ମନ୍ଦିର ସମ୍ପର୍କିତ ବର୍ଣ୍ଣନା ରହିଛି । ରାହୁଙ୍କର ଗୌତ୍ର 'ପେଠିନସୀ' ଅନୁସାରେ ଗ୍ରାମର ନାମ ପେଠାଣୀ ହୋଇଛି ବୋଲି ଅନେକ ପୌରାଣିକ କଥା ଓ ଲୋକକଥା ଶୁଣିବାକୁ ମିଳିଥାଏ । ଏହି ମନ୍ଦିର ସମ୍ପର୍କରେ ମାନ୍ୟତା ରହିଛି ଯେ, ଯଦି କୌଣସି କାରଣରୁ ରାହୁଙ୍କ ପୂଜା ଖଣ୍ଡିତ ହେଲା କିମ୍ବା କୌଣସି ଭକ୍ତ ରାହୁଙ୍କ ପୂଜା ଭକ୍ତି ଓ ଶ୍ରଦ୍ଧା ସହକାରେ ନକଲା, ତା'ହେଲେ ମହାଦେବଙ୍କ କୋପଦୃଷ୍ଟି ପଡ଼ିଥାଏ । ତେଣୁ ଏଠାରେ ପୂଜାରୀ ଓ ଭକ୍ତମାନେ ବିଧିବିଧାନର ସହିତ ରାହୁଙ୍କ ପୂଜାର୍ଚ୍ଚନା କରିଥା'ନ୍ତି । ପଶ୍ଚିମମୁଖୀ ଏହି ମନ୍ଦିର ଭିତରେ ଶିବଲିଙ୍ଗ ସହିତ ରାହୁଙ୍କ ମସ୍ତକ ପ୍ରତିମା ପୂଜା ପାଉଛନ୍ତି । ମନ୍ଦିରର ଭିତର କାନ୍ଥଗୁଡ଼ିକରେ ଶ୍ରୀବିଷ୍ଣୁଙ୍କ ଦ୍ୱାରା କିଭଳି ଭାବେ ରାହୁଙ୍କ ମସ୍ତକ ଛିନ୍ନ ହୋଇଥିଲା, ତାହାର ଚିତ୍ର ଖୋଦେଇ କରାଯାଇଛି । ଏଠାରେ ମୁଗ ଖେଚୁଡ଼ି ଭୋଗ ଲାଗି କରାଯାଇଥାଏ । ଦୈନିକ ଭୋଗ ଓ ଅନ୍ନଛତ୍ରରେ ଏହି ମୁଗ ଖେଚୁଡ଼ିକୁ ଭକ୍ତମାନେ ରାହୁଙ୍କ ପ୍ରସାଦ ଭାବେ ଶ୍ରଦ୍ଧାର ସହିତ ଗ୍ରହଣ କରିଥା'ନ୍ତି ।

ଏହି ମନ୍ଦିର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ମାଣ ପଛରେ ଗୋଟିଏ ପୌରାଣିକ କଥା ରହିଛି । ସୁଦର୍ଶନ ଚକ୍ର ଦ୍ୱାରା ଦାନବର ଶିର ଛେଦନ ପରେ ଶିର ଏହି ସ୍ଥାନରେ ପତିତ ହୋଇଥିଲା । ତେଣୁ ଏଠାରେ ମନ୍ଦିର ନିର୍ମାଣ କରାଯାଇଛି । ବିଶ୍ୱାସ କରାଯାଏ ଯେ, ଏହି ସ୍ଥାନରେ ଥିବା ବଡ଼ ବଡ଼ ପଥର ଖଣ୍ଡ ଭିତରେ ଆଜି ପର୍ଯ୍ୟନ୍ତ ରାହୁଙ୍କ ଛିନ୍ନ ମସ୍ତକ ପୋତି ହୋଇ ରହିଛି । ତେଣୁ ଏହି ସ୍ଥାନରେ ରାହୁଙ୍କର ପୂଜାର୍ଚ୍ଚନା କରିବା ଦ୍ୱାରା ଜାତକରେ ଥିବା ରାହୁଦୋଷ ଖଣ୍ଡନ ହୋଇଥାଏ । ଅନ୍ୟ ଏକ ପୌରାଣିକ କଥା ଅନୁସାରେ ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରିଥିଲେ । ପାଣ୍ଡବମାନେ ସ୍ୱର୍ଗାରୋହଣ ଯାତ୍ରା ସମୟରେ ରାହୁ ଦୋଷରୁ ମୁକ୍ତ ହେବା ପାଇଁ ଏହି ସ୍ଥାନରେ ମହାଦେବଙ୍କ ସହିତ ରାହୁଙ୍କ ପୂଜା କରିବା ପାଇଁ ଏହି ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିର ନିର୍ମାଣ ସମ୍ପର୍କିତ ଅନ୍ୟ ଏକ ତଥ୍ୟ ମିଳେ ଯେ, ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ସ୍ଥାନ ଦେଇ ହିମାଳୟକୁ ଯାତ୍ରା କରୁଥିବା ସମୟରେ ତାଙ୍କୁ ଏଠାରେ ରାହୁଙ୍କର ପ୍ରକୋପ ଅଧିକ ଅନୁଭୂତ ହୋଇଥିଲା । ତେଣୁ ଆଦିଗୁରୁ ଶଙ୍କରାଚାର୍ଯ୍ୟ ରାହୁଙ୍କ ଦୁଃପ୍ରଭାବ ଶାନ୍ତ କରିବା ପାଇଁ ଏଠାରେ ମନ୍ଦିର ନିର୍ମାଣ କରି ବିଧିବିଧାନର ସହିତ ପୂଜା କରିଥିଲେ । ଆଉ କେତେକ ପୁରାଣ ମତାନୁସାରେ ଦୁଇନଦୀର ସଙ୍ଗମସ୍ଥଳରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ରାହୁ ମହାଦେବଙ୍କ ତପସ୍ୟାରେ ଲୀନ ଥିଲେ । ତେଣୁ ମହାଦେବଙ୍କ ଆଶିଷ ଲାଭ କରିଥିବା ଏହି ପୁଣ୍ୟସ୍ଥଳରେ ରାହୁଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା ।

ପେଠାଣୀରେ ଥିବା ରାହୁଙ୍କ ଏହି ମୁଖ୍ୟ ମନ୍ଦିର ବ୍ୟତୀତ ଭାରତର ଅନ୍ୟ ୧୪ଟି ମନ୍ଦିରରେ ରାହୁକେତୁଙ୍କର ପୂଜାର୍ଚ୍ଚନା କରାଯାଏ । ଯଥା - ଶ୍ରୀକାଳହସ୍ତିଶ୍ୱର ମନ୍ଦିର, ତିରୁନାଗେଶ୍ୱରମ୍ ନାଗନାଥର ମନ୍ଦିର, ଶ୍ରୀନାଗନାଥସ୍ୱାମୀ କେତୁ ମନ୍ଦିର, ରାହୁକେତୁ ମନ୍ଦିର, ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର, ରାହୁକେତୁ ମନ୍ଦିର ରାହୁରି, ଶ୍ରୀରାହୁମୁନେଶ୍ୱର ମନ୍ଦିର, ରାହୁକେତୁ ଆଥି ଇଶ୍ୱରନ୍ ମନ୍ଦିର, ରାହୁ ନବଗ୍ରହ ଦେବତା ମନ୍ଦିର, ପମ୍ପୁରନାଥ ମନ୍ଦିର, ନାଗେଶ୍ୱର ମନ୍ଦିର, କୁନ୍ଦ୍ରାଥୁର ନାଗେଶ୍ୱର ମନ୍ଦିର ଓ ବିଶାରେଶ୍ୱର ମନ୍ଦିର ।ପାଉଛନ୍ତି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ରାଜଭବନରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କଲେ ରାଷ୍ଟ୍ରପତି



ଭୁବନେଶ୍ୱର,୨୭।୧୧(ସମିସ): ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ ପାଟି, ରାଜ୍ୟପାଳଙ୍କ ସହଧର୍ମିଣୀ ଶ୍ରୀମତୀ ଜୟଶ୍ରୀ କମ୍ଭମ୍ ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଏବଂ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ। ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତର ପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ୍, ଭାସ୍କର୍ଯ୍ୟ ଏବଂ ଡିଜାଇନ୍ ପ୍ରଦର୍ଶିତ କରାଯିବା ସହ ପ୍ରତ୍ୟେକ କୋଠରିକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବରେ ଡିଜାଇନ୍ କରାଯାଇଛି। ପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ଆଉ ୬ ଗିରଫ

■ ଟାସ୍କଫୋର୍ସ ପକ୍ଷରୁ ୮ଟି ସ୍ଥାନରେ ଚଢ଼ଉ
■ ୧୧ଲକ୍ଷ ଟଙ୍କାର ଜବତ ବାଲି ନିଲାମ

ବାରିପଦା, ୨୭ ।୧୧(ସମିସ): ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ ପାଇଁ ବେତନଟୀ ତହସିଲଦାର ଓ ତାଙ୍କ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଗୁରୁବାର ପୁଲିସ ପୁଣି ୬ଜଣଙ୍କୁ ଗିରଫ କରିଛି। ଫଳରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ସେମାନେ ହେଲେ, ବଡ଼ସାହି ଥାନା ଅଧୀନ କୁଲିଅଣା ଗ୍ରାମର ସୁମନ୍ତ ନାୟକ (୪୦), ରାଜୀବ ଲୋଚନ ସେନାପତି (୩୦), ଦୁର୍ଗା ଚରଣ କୁଅଁର (୨୪), ନିଶ୍ଚିନ୍ତପୁର ଗ୍ରାମର ଦେବାଂଶୁ ଜେନା (୩୪), ବୈଶିଙ୍ଗା ଥାନା ଜାମନଣ୍ଡା ଗ୍ରାମର ପ୍ରଦ୍ୟୁମ୍ନ ବେହେରା (୨୧) ଓ ଖୁଣ୍ଟା ଥାନା ଅଧୀନ ବଡ଼ଫେଣୀ ଗ୍ରାମର ବିସ୍ମୟ ରଞ୍ଜନ ମହାନ୍ତ (୪୦)। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ।

ଏହି ଘଟଣାରେ ପୂର୍ବରୁ ମାଷ୍ଟର ମାଇଣ୍ଡ ବାଲିମାଫିଆ ବଡସାହି ଥାନା ଅଧୀନ ବର୍ତ୍ତନା ଗ୍ରାମର ବାବୁଛୁଆ ଓରଫ ପ୍ରଶାନ୍ତ ଗାଆଣ (୩୬), ତାଙ୍କ ସାନଭାଇ ସୁଶାନ୍ତ ଗାଆଣ (୩୨) ଏବଂ ବାରିପଦା ଟାଉନଥାନା ଅଧୀନ ଶୁନଗଡିଆର ମୁନା ଓରଫ ମୁଖାହାଲ ହୁସେନ (୩୫)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

ଅପରପକ୍ଷରେ ଘଟଣା ଘଟିବା ଦିନଠାରୁ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନିର୍ଦ୍ଦେଶରେ ଜିଲ୍ଲାର ବିଭିନ୍ନ ସ୍ଥାରେ ଟାସ୍କଫୋର୍ସ ଟିମର ଚଢ଼ଉ ଜାରି ରହିଛି। ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡାଙ୍କ ନେତୃତ୍ୱରେ ୨ ଦିନରେ ବୁଢ଼ାବଳଙ୍ଗ ନଦୀର ବଡସାହି, ବେତନଟୀ ଓ ବାରିପଦା ତହସିଲ ଅଞ୍ଚଳର ୮ଟି ସ୍ଥାନରେ ଚଢଉ କରାଯାଇ ଏକ ଜେସିବି ମେସିନ ଜବତ ହୋଇଛି। ସେହିପରି ଦାବିଦାର ନଥିବା ଗଚ୍ଛିତ ବାଲିକୁ ଜବତ ପୂର୍ବକ ନିଲାମ କରାଯିବା ପରେ ସରକାରୀ ତହବିଲକୁ ୧୧ଲକ୍ଷ ଟଙ୍କା ଆସିଛି। ଆଗାମୀ ଦିନରେ ମଧ୍ୟ ଏଭଳି ଚଢଉ ଜାରି ରହିବ ବୋଲି ଡ ପରିଡା ସୂଚନା ଦେଇଛନ୍ତି। 'ମୟୂରଭଞ୍ଜ କିଙ୍ଗ୍ସ' ବାଲି ଚୋରଙ୍କ ହ୍ୱାଟ୍ସଆପ୍ ଗ୍ରୁପ ଆଡମିନ ମୁନା ଗିରଫ ପରେ ଏକାଧିକ ହ୍ୱାଟ୍ସ ଆପ୍ ଗ୍ରୁପ୍ ବର୍ତ୍ତମାନ ବନ୍ଦ ହୋଇଥିବାରୁ ଟାସ୍କଫୋର୍ସଙ୍କ ଗତିବିଧି ନେଇ ମାଫିଆମାନେ କୌଣସି ସୁରାକ୍ ପାଇପାରୁନାହାନ୍ତି। ପ୍ରଶାସନର କଡା ଆଭିମୁଖ୍ୟ ପାଇଁ ସମସ୍ତ ସ୍ଥାନରେ ଦୁଇଦିନ ଧରି ଚୋରାବାଲି କାରବାର ବନ୍ଦ ହୋଇଯାଇଛି। ଯାହାର ସିଧା ପ୍ରତିଫଳନ ଉନ୍ନୟନ କାର୍ଯ୍ୟ ଅଗ୍ରଗତିରେ ବାଧା ପହଞ୍ଚାଇଛି। ମୁଖ୍ୟ ସରକାରୀ ନିଲାମ ସଇରାତଗୁଡିକ ନଦୀରେ ପାଣି ଥିବାରୁ କାର୍ଯ୍ୟାରମ୍ଭ କରି ନଥିବାରୁ ବାଲି ଏବେ ମହରଗ ହୋଇଛି।

# ଏସସିବିରେ ଓପନ୍ ହାର୍ଟ ସର୍ଜରୀ ମୃତ୍ୟୁହାର ହ୍ରାସ ପାଇଁ ପଦକ୍ଷେପ ନିଅ :ହାଇକୋର୍ଟ

କଟକ,୨୭ ।୧୧(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କାର୍ଡିଓ ଥୋରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ସମ୍ପର୍କିତ ସମସ୍ୟାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏଠାରେ ଓପନହାର୍ଟ ସର୍ଜରୀ ମୃତ୍ୟୁହାର ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ ରହିଥିବା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିବା ସହ ଏହାକୁ କିଭଳି ହ୍ରାସ କରାଯାଇପାରିବ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ କହିଛନ୍ତି ଖଣ୍ଡପୀଠ।

**ଜାତୀୟ ହାର ୭ପ୍ରତିଶତ ସ୍ଥଳେ ଏସସିବିରେ ୧୭ପ୍ରତିଶତ**

ମାମଲା ଶୁଣାଣି ବେଳେ ଏସସିବି ମେଡିକାଲ ଅଧୀକ୍ଷକଙ୍କ ପକ୍ଷରୁ ଦାଖଲ ରିପୋର୍ଟ ଉପସ୍ଥାପନ ହୋଇଥିଲା। ସେଥିରେ, ଗତ ଜାନୁଆରିରୁ ଅଗଷ୍ଟ ମାସ ମଧ୍ୟରେ ଏସସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥୋରାସିସ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ମୃତ୍ୟୁହାର ୩୧ପ୍ରତିଶତ ଥିଲା। ତେବେ ସେପ୍ଟେମ୍ବର-ଅକ୍ଟୋବରରେ ଏହା ୧୭ପ୍ରତିଶତକୁ ହ୍ରାସ ପାଇଥିବା କୁହାଯାଇଥିଲା। ଏହି ସମୟରେ ମୋଟ ୨୯ଜଣଙ୍କ ସର୍ଜରୀ ହୋଇଥିବା ବେଳେ ୫ଜଣ ମୃତ୍ୟୁବରଣ କରିଥିବା କୁହାଯାଇଥିଲା। ତେବେ ଜାତୀୟ ସ୍ତରରେ ଏଭଳି ଓପନହାର୍ଟ ସର୍ଜରୀ ମୃତ୍ୟୁ ହାର ମାତ୍ର ୫ରୁ୭ପ୍ରତିଶତ ଥିବା ବେଳେ ଏଠାରେ ୧୭ପ୍ରତିଶତ ରହିବା ନେଇ ଅଦାଲତ ଉଦବେଗ ପ୍ରକାଶ କରିଥିଲେ। ତେବେ ଏସସିବି ମେଡିକାଲରୁ ୭ଦିନିଆ ପ୍ରଶିକ୍ଷଣ ନିମନ୍ତେ ଦିଲ୍ଲୀ ଏମ୍ସକୁ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ଯିବେ ଓ ଏମ୍ସରୁ କେତେକ ବିଶେଷଜ୍ଞ ଏଠାକୁ ଆସି ମାର୍ଗଦର୍ଶନ କରିବେ ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ଏମ୍ସ ନିର୍ଦ୍ଦେଶକଙ୍କୁ ମଧ୍ୟ ଚିଠି ହୋଇଥିବା କୁହାଯାଇଥିଲା। ସେହିଭଳି ବିଭାଗୀୟ ମୁଖ୍ୟଙ୍କ ତରଫରୁ ଓପନହାର୍ଟ ସର୍ଜରୀ ପାଇଁ ବିଶେଷଜ୍ଞ ହୃଦ ରୋଗ ନିଶ୍ଚେତକଙ୍କ ଆବଶ୍ୟକତା ରହିଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ପ୍ରସଙ୍ଗରେ ମଧ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ତଥ୍ୟ ଉପସ୍ଥାପନ ପାଇଁ କହିଛନ୍ତି ହାଇକୋର୍ଟ।

ପ୍ରକାଶଥାଉକି ଗତ ୨୦୨୩ରେ ଓପନ ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ ଜାନୁଆରିରୁ ଅଗଷ୍ଟ ମଧ୍ୟରେ ମାତ୍ର ୮୫ ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ ହାର୍ଟ ସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା।

■ ଅଭିଯୋଗ ସମାଧାନରେ ଅବହେଳା

# ୩୬ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ଜିଲ୍ଲାପାଳ ଚିଠି ଲେଖିଲେ

କଟକ,୨୭ ।୧୧(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିବା ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ନ କରିବା କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ପାଇଁ ମହଙ୍ଗା ପଡିଛି। ଅଭିଯୋଗ ସମାଧାନରେ ଅବହେଳା ପାଇଁ କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ନଭେମ୍ବର ମାସର ଦରମା ବନ୍ଦ ପାଇଁ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲା ଟ୍ରେଜେରି ଅଫିସର, ସ୍ୱତନ୍ତ୍ର ଟ୍ରେଜେରି ଅଫିସର ଓ ଜିଲ୍ଲାର ସମସ୍ତ ସବ୍ ଟ୍ରେଜେରି ଅଫିସରଙ୍କୁ ଚିଠି ଲେଖିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖିଲାପି ଅଧିକାରୀଙ୍କ ଦରମା ସ୍ଥଗିତ ରହିବ ବୋଲି କୁହାଯାଇଛି। ଏହି ୩୬ଜଣ ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି କଟକ ସିଡିଏମଓ (ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ), କଟକ ଉପ ଜିଲ୍ଲାପାଳ ,ଆଠଗଡ ଉପ ଜିଲ୍ଲାପାଳ ,କଟକ ଡିଇଓ(ଜିଲ୍ଲା ଶିକ୍ଷା ଅଧିକାରୀ), ସିଡିଭିଓ(ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ), ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ,ଡିଏସଡବ୍ଲୁଓଙ୍କ ସମେତ ୧୧ ଜଣ ବିଡିଓ ଓ ୮ ଜଣ ତହସିଲଦାର ପ୍ରମୁଖ ରହିଛନ୍ତି। ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ସମୟସୀମା ମଧ୍ୟରେ କରାଯାଉନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବାରମ୍ବାର ସମୀକ୍ଷା କରୁଛନ୍ତି। ଏହା ସତ୍ତ୍ୱେ ସମାଧାନର ଅଗ୍ରଗତି କ୍ଷେତ୍ରରେ କଟକ ଜିଲ୍ଲାର ସ୍ଥାନ ଉତ୍ସାହଜନକ ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଘୋର ଅସନ୍ତୋଷ ପ୍ରକାଶ କରିଛି। ଏହାକୁ ନେଇ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀ ମାନଙ୍କ ଦରମା ବନ୍ଦ ପାଇଁ ଚିଠି ଲେଖିଛନ୍ତି। ତେବେ ପ୍ରଥମେ ୯୧ଜଣ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିବା ବେଳେ ପରେ ଏହାକୁ ସଂଶୋଧନ କରି ୩୬ଜଣଙ୍କ ତାଲିକା ପ୍ରକାଶ ପାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଚ୍ଚାରଣ ଓ ଆଚରଣରେ...

ନୁହେଁ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରବାହ । ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ପୁନର୍ଗଠନ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଦେଶୀୟ ରାଜ୍ୟ ଗୁଡ଼ିକର ମିଶ୍ରଣ ପ୍ରକ୍ରିୟା ଓଡ଼ିଶାରୁ ଆରମ୍ଭ ହୋଇଥିବା ବେଳେ ଏହାର ନେତୃତ୍ୱ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହାତାବ ନେଇଥିଲେ। ବରେଣ୍ୟ ଜନନେତା ବିଜୁ ପଟ୍ଟନାୟକଙ୍କ ସାହସ ଓ ସଂଗ୍ରାମ ଦେଶବାସୀଙ୍କ ସ୍ମୃତିରେ ସର୍ବଦା ଜୀବନ୍ତ ହୋଇ ରହିବ। ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଜନ୍ମଦେଇ ଓଡ଼ିଶା ଧନ୍ୟ ହୋଇଛି। ଭାରତ ନିର୍ମାଣରେ ଓଡ଼ିଶାର ଅବଦାନ କାଳେକାଳେ ରହି ଆସିଛି। ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି। ରମାଦେବୀ, ସରଳା ଦେବୀ, କୁନ୍ତଳା କୁମାରୀ ସାବତ, ପାର୍ବତୀ ଗିରି ଏବଂ ଅନେକ ନେତ୍ରୀଙ୍କର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ରହିଥିଲା। ୧୫ ଜଣ ମହିୟସୀ ମହିଳା ଭାରତର ସମ୍ବିଧାନ ସଭାରେ ସଦସ୍ୟ ଥିବାବେଳେ ଏଥିରେ ଓଡ଼ିଶାର ମାଳତୀ ଦେବୀ ରହିଥିଲେ। ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଦୀର୍ଘ ଇତିହାସ ରହିଛି। ସ୍ୱାଧୀନତା ପୂର୍ବବତି ଏବଂ ପରବର୍ତ୍ତୀ ଏପରି କୌଣସି ବିଧାନସଭା ଗଠନ ହୋଇନାହିଁ, ଯେଉଁଥିରେ ମହିଳା ନାହାନ୍ତି । ନନ୍ଦିନୀ ଶତପଥୀ ଭାରତର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଜଣାଶୁଣା ବୋଲି ରାଷ୍ଟ୍ରପତି କହିଛନ୍ତି।

ସେ କହିଛନ୍ତି ଯେ ଓଡ଼ିଶାରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି। ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ଓ ଜଳ ସମ୍ପଦରେ ରାଜ୍ୟ ପରିପୂର୍ଣ୍ଣ ସବୁ ବର୍ଗର ମାନ ସମ୍ବଳରେ ଓଡ଼ିଶା ସମୃଦ୍ଧ। ଓଡ଼ିଶାରେ ସୁଦୀର୍ଘ ବେଳାଭୂମି ଓ ଉର୍ବର ଚାଷଜମି ରହିଛି। କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଓଡ଼ିଶାର ପରିବେଶ ଖୁବ ଅନୁକୂଳ। ଏସବୁ ସମ୍ପଦର ସଦୁପଯୋଗ କରାଯାଇ ଓଡ଼ିଶାକୁ ଦେଶର ଅଗ୍ରଣୀ ପ୍ରଦେଶରେ ପରିଣତ କରାଯାଇପାରିବ। ୨୦୪୭ ମସିହା ବେଳକୁ ଭାରତ ବିକଶିତ ଦେଶରେ ପରିଣତ ହୋଇ ସାରିଥିବ ବୋଲି ଆମ ସଭିଙ୍କର ବିଶ୍ୱାସ। ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକ ପୂରଣ ହେବ। ଆପଣମାନେ ସମ୍ମିଳିତ ଭାବରେ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିପାରିଲେ ତାହା ବିକଶିତ ଭାରତ ଗଠନ ପାଇଁ ଓଡ଼ିଶାର ଶ୍ରେଷ୍ଠ ଅବଦାନ ହେବ।ସେ ଆହୁରି ମଧ୍ୟ କହିଥିଲେ ଯେ ଗଣତନ୍ତ୍ରର ଭିତ୍ତି ହେଉଛନ୍ତି ଜନ ସାଧାରଣ। ଗଣ ବିନା ଗଣତନ୍ତ୍ର କିମ୍ବା ଗଣରାଜ୍ୟ ନାହିଁ। ଭାରତୀୟ ସଂସ୍କୃତିରେ ଲୋକଶକ୍ତିକୁ ସର୍ବଦା ଗୁରୁତ୍ୱାରୋପ କରାଯାଇଛି। ଜନମତକୁ ସର୍ବଦା ସମ୍ମାନ ଦିଆଯାଇଛି। ଆପଣମାନେ ହେଉଛନ୍ତି ଜନଗଣର ପ୍ରତିନିଧି। ସେମାନଙ୍କର ସେବକ। କେତେ ଆଶା, ବିଶ୍ୱାସ, ଭରଷା ନେଇ ଆପଣଙ୍କ ହାତରେ ସେମାନେ କ୍ଷମତା ଅର୍ପଣ କରିଛନ୍ତି। ସେମାନଙ୍କର ଆଶା ପୂରଣ କରିବା, ସେମାନଙ୍କର ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ଆପଣମାନଙ୍କର କର୍ତ୍ତବ୍ୟ। ଆପଣମାନେ ଏପରି କାର୍ଯ୍ୟ କରିବେ ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଦେଶର ଦରିଦ୍ରତମ ଲୋକଙ୍କ ପାଇଁ କାମ କରିବାକୁ ସେ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।

### ରାଷ୍ଟ୍ରପତିଙ୍କ ସାମଗ୍ରିକ...

କରିବା ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିବା କେବଳ ଆମ ଭାରତୀୟ ସମ୍ବିଧାନ ପାଇଁ ସମ୍ଭବ ହୋଇପାରିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ କେବଳ ଏହି ପବିତ୍ର ଗୃହର ନୀତି ଆଦର୍ଶକୁ ମାର୍ଗଦର୍ଶନ କରିବ ନାହିଁ; ବରଂ ସାଢ଼େ ଚାରି କୋଟି ଓଡ଼ିଆ'ଙ୍କ ଅଦମ୍ୟ ଭାବନାକୁ ପ୍ରୋତ୍ସାହିତ କରିବ। ଶାନ୍ତି, ମୈତ୍ରୀ, ସମତା ଓ ସଦ୍‌ଭାବନା,ଏକତାର ମନ୍ତ୍ରରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ।

### ରାଷ୍ଟ୍ରପତି ଏ ମାଟିର...

ଜୀବନଶୈଳୀ, ରୀତିନୀତି, ସଂସ୍କୃତି ଏବଂ ଚିନ୍ତାଧାରାର ଉଲ୍ଲେଖନୀୟ ଯୋଗଦାନ ରହିଛି। ସ୍ୱାଧୀନତା ପରେ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଏକ ବଡ଼ ରାଜନୈତିକ ଆହ୍ୱାନ ଥିଲା। ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରି ଏବଂ ଅନ୍ୟରାଜ୍ୟଗୁଡ଼ିକ ଭାରତରେ ଯୋଗଦେବା ସହିତ ଭାରତର ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପ୍ରଥମେ ଓଡ଼ିଶାରେ ଆରମ୍ଭ ହୋଇଥିଲା। ଏପରି କରି ଓଡ଼ିଶା ଅବଶିଷ୍ଟ ରାଜ୍ୟଗୁଡ଼ିକୁ ଏକତ୍ର କରି ଭାରତୀୟ ରାଷ୍ଟ୍ରକୁ ଏକଜୁଟ ଏବଂ ସୁଦୃଢ଼ କରିବା ପାଇଁ ନେତୃତ୍ୱ ନେଇଥିଲା।

ନବୀନ ଆହୁରି କହିଛନ୍ତି ଯେ ଭାଷା ଆଧାରରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଗଠନ ହୋଇଥିଲା। ଓଡ଼ିଶା ପ୍ରଦେଶ ସୃଷ୍ଟି କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନକୁ ଏଠାରେ ସ୍ମରଣ କରିବାର ଆବଶ୍ୟକତା ରହିଛି। ସାମ୍ବିଧାନିକ ପଦ୍ଧତି ଅବଲମ୍ବନ କରି ସେ ଅନ୍ୟ ଜାତୀୟସ୍ତରର ନେତାଙ୍କ ସହ ମିଶି ଏହି ଐତିହାସିକ ଲକ୍ଷ୍ୟ ହାସଲ କରିଥିଲେ। ଏହି ମହାନ ଦେଶର ରାଷ୍ଟ୍ରପତି ଭାବେ ଆପଣ ଭାରତ ସମ୍ବିଧାନର 'ସଂରକ୍ଷଣ, ସୁରକ୍ଷା ଏବଂ ପ୍ରତିରକ୍ଷା' କରନ୍ତି, ଯାହାର ୭୫ ତମ ବାର୍ଷିକୀ ନିକଟରେ ପାଳନ କରାଯାଇଛି। ଭାରତର ଆତ୍ମାକୁ ବଞ୍ଚାଇ ରଖିବାରେ ପ୍ରେରଣା ଏବଂ ମାର୍ଗଦର୍ଶନ ପାଇଁ ସମଗ୍ର ଦେଶ ରାଷ୍ଟ୍ରପତିଙ୍କ ଆଡ଼କୁ ଚାହିଁ ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଅନେକ କ୍ଷେତ୍ରରେ ଇତିହାସ ରଚିଛି। ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ, ମହିଳା ସଶକ୍ତିକରଣ, ଦାରିଦ୍ର୍ୟ ଦୂରୀକରଣ, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଏବଂ ଶିଳ୍ପ ଅଭିବୃଦ୍ଧିର ପରିବେଶ ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ଏକ ପ୍ରେରଣାଦାୟୀ କାହାଣୀ ସୃଷ୍ଟି କରିଛି। ଏଭଳି ଅଭୂତପୂର୍ବ ଅଭିବୃଦ୍ଧିର ସମସ୍ତ ଶ୍ରେୟ ଓଡ଼ିଶାର ଜନସାଧାରଣଙ୍କ ଅତୁଟ ସମର୍ଥନ ଏବଂ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇପାରିଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ନୀତି ସମଗ୍ର ଦେଶ ପାଇଁ ଏକ ଆଦର୍ଶ ପାଲଟିଛି। ବିପର୍ଯ୍ୟୟ ପରିଚାଳନାରେ ଉତ୍ତମ କାର୍ଯ୍ୟ ପାଇଁ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସମୃଦ୍ଧ ପ୍ରାକୃତିକ ସମ୍ବଳ ଏବଂ କୁଶଳୀ ଶ୍ରମଶକ୍ତି ସହିତ ଓଡ଼ିଶାରେ ଅଭିବୃଦ୍ଧିର ବିପୁଳ ସମ୍ଭାବନା ରହିଛି। ଓଡ଼ିଶାକୁ ଗୌରବର ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ନବୀନ କହିଛନ୍ତି।

### ୪ ସପ୍ତାହ ମଧ୍ୟରେ...

ଆଶା। ପାଣ୍ଠି ସଂଗ୍ରହର ଦାୟିତ୍ୱ କୋର୍ଟ ହାସ୍ୟ ଅଭିନେତାଙ୍କୁ ଦେଉଛନ୍ତି। ଏହା କୌଣସି ଦଣ୍ଡ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ।

ସମୟ ରୈନାଙ୍କ ଶୋ'ରେ ଅଶ୍ଲୀଳ ବିଷୟବସ୍ତୁକୁ ପ୍ରୋତ୍ସାହନ ଦିଆଯାଉଛି। ଗତ ଫେବୃଆରୀରେ ମୁକ୍ତିଲାଭ କରିଥିବା ଏହାର ଦୁଇଟି ଶୋ'କୁ ନେଇ ବିବାଦ ହୋଇଥିଲା। ମହିଳା ଏବଂ ଦିବ୍ୟାଙ୍ଗଙ୍କୁ ନେଇ ଏଭଳି ଅଭଦ୍ର ଟିପ୍ପଣୀ ଦିଆଯାଇଥିଲା ଯାହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ନେଇ ସମୟ ରୈନା, ରଣବୀର ଆହ୍ଲାବାଦିଆ ଓ ଅନ୍ୟମାନଙ୍କ ବିରୋଧରେ ଅନେକ ରାଜ୍ୟରେ ଏତଲା ରୁଜୁ କରାଯାଇଥିଲା। ଏହି ସବୁ ଏତଲା ରଦ୍ଦ କରିବାକୁ ରଣବୀର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ଏହା ଉପରେ କୌଣସି ଆଶ୍ୱସ୍ତି ଦେଇ ନାହାନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କୁ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ ଯେ ଅଶ୍ଳୀଳ ବିଷୟବସ୍ତୁକୁ ବନ୍ଦ କରିବା ପୂର୍ବରୁ ଏହା ଭାଇରାଲ ହୋଇ ଲକ୍ଷ ଲକ୍ଷ ଲୋକ ଦେଖି ସାରୁଛନ୍ତି। ତେଣୁ ଏହାର ସମାଧାନ କରିବା ପାଇଁ ସୁପ୍ରିମକୋର୍ଟ ବିଚାରବିମର୍ଶ କରିଛନ୍ତି।

ଶୁଣାଣି ସମୟରେ ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟା କହିଥିଲେ ଯେ ଏହି ମାମଲା କେବଳ ଅଶ୍ଳୀଳତା ନୁହେଁ, ବରଂ ଅପବ୍ୟବହାର ସମ୍ବନ୍ଧିତ ମଧ୍ୟ। ବ୍ୟବହାରକାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁରେ ଏହି ସବୁ ସମସ୍ୟା ରହିଛି। ମତ ପ୍ରକାଶ ହେଉଛି ଏକ ଅମୂଲ୍ୟ ଅଧିକାର, କିନ୍ତୁ ଖରାପ କାମ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ। ଉତ୍ତରରେ ସିଜେଆଇ କହିଥିଲେ ଯେ ଏହା ହିଁ ସମସ୍ୟା। ଯଦି ମୁଁ ନିଜର ଚ୍ୟାନେଲ ଖୋଲୁଛି ତେବେ ବି କାହା ପାଇଁ ଉତ୍ତରଦାୟୀ ନୁହେଁ। କେହି ତ ଜଣେ ଉତ୍ତରଦାୟୀ ହେବା ଦରକାର।

ଏହି ମାମଲାକୁ ଦେଶ ବିରୋଧୀ ଭାବେ ମଧ୍ୟ ଦେଖାଯାଉଛି। ଏହାକୁ ନେଇ ଜଷ୍ଟିସ ବାଗଚୀ କହିଥିଲେ ଯେ ବିଷୟବସ୍ତୁ ଦେଶବିରୋଧୀ ହୋଇଥିଲେ ଏହାକୁ ପ୍ରସ୍ତୁତ କରିଥିବା ବ୍ୟକ୍ତି ଦାୟୀ ହେବେ କି? ଅଶ୍ଳୀଳ ବିଷୟବସ୍ତୁକୁ କେମିତି ରୋକିବେ ବୋଲି ସେ ଏସ୍‌ଜିଙ୍କୁ ପଚାରି ଥିଲେ। ଏହା ଉପରେ ରୋକ୍ ଲଗାଇବା ପାଇଁ ସ୍ୱୟଂଶାସିତ ସଂଗଠନ ଗଠନ କରିବାକୁ ସିଜେଆଇ ପ୍ରସ୍ତାବ ଦେଇଥିଲେ। ଏହି ସମାଜରେ ଶିଶୁଙ୍କର ବି ମୌଳିକ ଅଧିକାର ରହିଛି ବୋଲି କହିଥିଲେ। ସଲିସିଟର ଜେନେରାଲଙ୍କୁ ସିଜେଆଇ ପଚାରି ଥିଲେ ଯେ ଯଦି ସବୁ କିଛି ପ୍ରସାରଣ କରିବାକୁ ଦିଆଯିବ ତେବେ ସରକାର କ'ଣ କରିବେ। ନିରୀହ ଲୋକେ ନିଜେ ନିଜକୁ ସୁରକ୍ଷା ଯୋଗାନ୍ତୁ ବୋଲି ଆପଣ ଚାହୁଁଛନ୍ତି କି? ସମସ୍ତଙ୍କୁ କୋର୍ଟ ଆସିବାକୁ ସୁଯୋଗ ମିଳିବ ନାହିଁ। ତେଣୁ ଏହାର ସମାଧାନ ଲାଗି କୋର୍ଟ ନୂଆ ବ୍ୟବସ୍ଥା ଆଣିବାକୁ କେନ୍ଦ୍ରକୁ କହିଥିଲେ। ଏଥିପାଇଁ ଚାରି ସପ୍ତାହ ସମୟ ଦେଇଛନ୍ତି।

### ରେକର୍ଡ ଭାଙ୍ଗିଲା...

ଦାରିଙ୍ଗବାଡି ୯.୫, ଅନୁଗୁଳ ୧୦, କେନ୍ଦୁଝର ୧୦.୩, ସୁନ୍ଦରଗଡ ୧୦.୬, ଭୁବନେଶ୍ୱର ୧୩.୫ ଏବଂ କଟକରେ ପାରଦ ୧୩.୪ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହିତ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ତଳକୁ ଖସିବ। ଏଥିପାଇଁ ରାଜ୍ୟରେ ଜାରି ରହିଥିବା ଶୀତର ସ୍ଥିତି ଜାରି ରହିବ। ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଓ ଥଣ୍ଡା ବାୟୁର ପ୍ରବାହ ଅଧିକ ରହୁଛି। ଏହି ସ୍ଥିତି ଆହୁରି ପ୍ରାୟ ୨-୩ ଦିନ ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ଥିବା ବେଳେ ଏହି ସମୟରେ କିଛି ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହୁଛି।

ଅନ୍ୟପଟେ ବଙ୍ଗୋପସାଗରରେ ପୁଣି ଏକ ବାତ୍ୟା ସୃଷ୍ଟି ହୋଇଛି। ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ଏହି ବାତ୍ୟା ଆଜି ସୃଷ୍ଟି ହୋଇଛି। ବାତ୍ୟାର ନାମ 'ଡିଟୱା' ରହିଛି। ଏହି ବାତ୍ୟାଟି ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ୩୦ ତାରିଖ ସୁଦ୍ଧା ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମୁହାଁ ହେବ। ଓଡ଼ିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ପଡ଼ିବ ନାହିଁ। ବାତ୍ୟାଟି ଆନ୍ଧ୍ର ନିକଟବର୍ତ୍ତୀ ହେବା ପୂର୍ବରୁ ଦୁର୍ବଳ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ଯଦି ଏହା ଆନ୍ଧ୍ର ନିକଟବର୍ତ୍ତୀ ହୁଏ ତେବେ ୧ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶାର କିଛି କାଁ ଭାଁ ଜିଲ୍ଲାରେ ବର୍ଷା ହେବାର ଆଶଙ୍କା କରାଯାଉଛି।


**AFFIDAVIT**

By virtue of an affidavit sl. no.- 6651, dtd.24.11.2025, in the court of the Executive Magistrate, Kendrapara, I, Pradipta Jena, S/o- Rabindranath Jena, R/o- Vill/Po- Harianka, Ps- Kendrapara Sadar, Dist.- Kendrapara, Odisha, Pin-754210 have changed my minor son's name from Pravat Jena to Pravas Jena. Henceforth he will be known as Pravas Jena instead of Pravat Jena for all purposes.
Sd/- Pradipta Jena

**AFFIDAVIT**

By virtue of an Affidavit before Notary Public, Malkangiri, **I, Ashis Kumar Bairagi,** aged about 26 years, S/o.: Rabin Bairagi resident of Village: Radhagabindapa Palli M.V. - 30, PO.: Kamwada, P.S.: Orkel, Dist.: Malkangiri, Odisha, declare by this Affidavit No.: 16008/2025, Dated: 27.11.2025 that I have changed my & my father name from **Asish Bairagi,** S/o.: Rabindra Bairagi to **Ashis kumar Bairagi, S/o.: Rabin Bairagi.** Henceforth I shall be known as **Ashis kumar Bairagi, S/o.: Rabin Bairagi** for all future purposes.

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.
(Firdous Quadri)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 26/11/2025, CF No.- 41/26.11.2025. I, Anirudha Nayak S/O Senapati Nayak, At- Tarini Nagar, Salia Sahi, Jaydev Vihar PO-R R L, PS- Maitri Vihar, Dist- Khordha, Pin- 751013, declare that I have changed the name of my daughter from Nansi Nayak to Rincy Nayak. Henceforth, she shall be known as new name Rincy Nayak for all purposes.
Anirudha Nayak

**AFFIDAVIT**

By virtue of an affidavit CF No.50, sworn before Executive Magistrate, Bhubaneswar, dated 29.10.2025, I, Gati Prasad Rout, Plot No.Sd-3 Backside, VSS Nagar, Po-Rasulgarh, Ps.- Sahid Nagar, Bhubaneswar-751010, Dist.- Khordha, Odisha declare that I have changed the name of my daughter from Somya Priyadarsini to Soumya Priyadarshini Rout. Henceforth she shall be known as Soumya Priyadarshini Rout for all purposes.
Gati Prasad Rout

**AFFIDAVIT**

By virtue of an Affidavit Sworn before the Executive Magistrate, Nandapur, Dist.-Koraput vide no.-104 dtd.26/11/2025, I Smt. Purnimarani Das, W/o-Sri Milan Kumar Tikadar, resident of House no.-38, Main road, Banjalaput, Po.- Padwa, Dist.- Koraput, Odisha-764038 declare that, I have changed my name from **Purnima Tikadar** to **Purnimarani Das.** That, **Purnima Tikadar** and **Purnimarani Das** is one and the same person.

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**LOST**

**I Prabodha Kumar Sahani, Proprietor of Premium Chicken House,** S/o.: Late Purna Chandra Sahani of Mahanadi Vihar, Declared by this Affidavit No.: 343803, dated 24.11.2025, my original prior sale deed executed by Labangalata Nayak in Favour of Biswabanita aich Document No.: 4047 vide Khata No.: 111/344, Plot No.: 109/2824, Area: Ac.0.040 Decimal, Unit No.: 6, Uttar deulasahi, Mouza: Cuttack Sahar, P.S.: Bidanasi, Dist.: Cuttack has been lost while I was travelling from Cuttack to Pipili by Bus. If somebody found the same please inform- **Mob- 9937068851**

**AFFIDAVIT**

I, **Tabasum Jahan Begum** wife of Gulam Moinuddin Khan, resident of Ward No.- 25, Plot No.- N-1/316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11 dated 04.11.2025 that now onwards I shall be known as **TABASUM JAHAN** for all future purposes.
Sd/- Tabasum Jahan

**NOTICE (FOR MINOR)**

By virtue of an affidavit sworn before the Notary Public, Bhubaneswar, dated 26.11.2025, I, Swami Sampurnananda Saraswati, At- Sitanath Nagar, Niladri Vihar, P.O. Sailashree Vihar, P.S. Chandrasekharpur, Bhubaneswar – 751021, Dist. Khordha declare that I have changed the name of my Adopted daughter from Jayashree Rath to Jayashree Saraswati Rath. Henceforth, she shall be known as Jayashree Saraswati Rath for all purposes.
SWAMI SAMPURNANANDA SARASWATI

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**
C.S. 115/2023
Kanthia Sethy .......Plaintiff
Vrs.
Nachhu Sethy and others ..Defendants
**NOTICE U/O 5, RULE 20 OF C.P.C To**
Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.
Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.
Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.
Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.
Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.
Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.
Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.
So you all are noticed to appear in my Court on 23rd Dec 2025 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.
Take notice that in case of default the suit will be heard or determined in your absence.
Given under my hand and seal of this Court day **30.10.2025.**
Civil Judge (Sr. Divn.), Anandapur.

**NOTICE**

By virtue of an affidavit sworn before Executive Magistrate, Dhenkanal, dated 27/11/2025, I Urmila Pati, Address At/PO-Bainsia, Block/PS-Gondia, Dist-Dhenkanal, Odisha-759014, declare that I have changed my name from Urmila Dash to Urmila Pati. Henceforth, I shall be known as Urmila Pati for all purposes.
Urmila Pati

O-1558 e-mail : rwd_gajapati@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender- 09/GJP/2025-26**

| | | |
|---|---|---|
| 1. | Name of the work | : Building Works |
| 2. | Total No. Work | : 07 (Seven) No. of Building Works |
| 3. | Estimated Cost | : Rs. 4.20 lakhs to 43.58 lakhs |
| 4. | Class of Contractor | : 'C' & 'D' Class Contractor 'B' Class Contractor |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 28.11.2025 at 10.00 A.M to 08.12.2025 up to 5.00 PM. |
| 7. | Date and Time of Opening of Tender | : 09.12.2025 at 11.00 A.M |
| 8. | Place of Opening | : As per Annexure |

Further details can be seen from the Website www.tenderorissa.gov.in
OIPR-
Executive Engineer
R.W. Division, Gajapati

**AFFIDAVIT**

I, Prasanta Samantaray, aged about 59 years, S/o- Pitambar Samantaray, resident of At- Plot No- 44/1343, Pitambar Realm, Pokhariput, Bhubaneswar, Dist- Khurda, Pin-751020, Odisha declare by this affidavit No. 2407, dtd- 27/11/2025, that now onwards I shall be known as **PRASANTA KUMAR SAMANTARAY** for all future purposes.

# ତାଳସାରୀ ବେଳାଭୂମି ଅଞ୍ଚଳରେ ଉନ୍ନୟନ କାମକୁ ବିରୋଧ

ଚନ୍ଦନେଶ୍ୱର, ୨୭।୧୧ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇର ତାଳସାରୀ ବେଳାଭୂମି ସଂଲଗ୍ନ ଅଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ବିରୋଧ ହେଉଥିଲେ ମଧ ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ନିଦାବିଷ୍ଟ। ପିଆରଏଫ ଜାଗାରେ ବନ ବିଭାଗ ବିନା ଅନୁମତିରେ

## ପ୍ରଶାସନ ନିଦାବିଷ୍ଟ


କୌଣସି ଉନ୍ନୟନ ମୂଳକ କାଯ ହୋଇ ପାରିବ ନାହିଁ। ଯାହା ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଛି। ଏହି ଅଞ୍ଚଳରେ ଚାଲିଥିବା ଏକ ଶୁଖୁଆ ଖଳା ନିର୍ମାଣକୁ ନେଇ ବନ ବିଭାଗ ସହ ମତ୍ସ୍ୟ ବିଭାଗ ଏବଂ ସ୍ଥାନୀୟ ଗଙ୍ଗାମାତା ମତ୍ସ୍ୟଜୀବୀ କମିଟି ସହିତ ଦେଖା ଦେଇଛି ଶୀତଳ ଯୁଦ୍ଧ।

ମିଳିଥିବା ସୂଚନା ଅନୁଯାୟୀ, ତାଳସାରୀ ବେଳାଭୂମିରେ ଏକ କମ୍ୟୁନିଟି ସେଣ୍ଟର, ପାଣିପମ୍ପ ସହିତ ଶୁଖୁଆ ଖଳା, ଡଙ୍ଗା ଓ ଜାଲ ମରାମତି ପାଇଁ ୧କୋଟି ୯୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମତ୍ସ୍ୟ ବିଭାଗ ଅଧୀନରେ ଏହି ଉନ୍ନୟନ ମୂଳକ ଆରମ୍ଭ ହୋଇ ଦୁଇ ମହଲା ବିଶିଷ୍ଟ କମ୍ୟୁନିଟି ସେଣ୍ଟର, ପାଣି ପମ୍ପ ଆଦି ନିର୍ମାଣ ଶେଷ ହୋଇଛି। ଏବେ ଶୁଖୁଆ ଖଳା ନିର୍ମାଣକୁ ନେଇ ଉପୁଜିଛି ବିବାଦ। ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ କହିବା କଥା ପିଆରଏଫ ଜାଗା ଏହାଛଡା ସିଆରଜେଡ ଅଞ୍ଚଳରେ କାର୍ଯ୍ୟ ହେଉଛି। ଏଥିପାଇଁ ଅନୁମତି ନିହାତି ଦରକାର। କିନ୍ତୁ ବିଭାଗ ବିନା ଅନୁମତିରେ ଏଭଳି କାର୍ଯ୍ୟ କରି ଚାଲିଛନ୍ତି। ତେଣୁ ବାଲେଶ୍ୱର ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ସେଠାକୁ ଯାଇ କାର୍ଯ୍ୟ ସ୍ଥଗିତ ରଖିବାକୁ କହିଥିଲେ। ସେମାନେ ଜୋର ଜବରଦସ୍ତ କାର୍ଯ୍ୟ କରୁଛନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଆସିଲେ ଯାହା ହେବ। ସେହିଭଳି ମତ୍ସ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର କୁମାର ସ୍ୱାଇଁଙ୍କ କହିବା କଥା କାର୍ଯ୍ୟ ଆରମ୍ଭ ସମୟରେ ବନ ବିଭାଗ ଚୁପ ବସିଥିଲେ। ଏବେ ଅଯଥାରେ ସମସ୍ୟା ସୃଷ୍ଟି କରୁଛନ୍ତି। ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ହେବା ପରେ ଆମେ କାର୍ଯ୍ୟ ଆରମ୍ଭ କରିଛୁ। ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ।

● ଶ୍ରୀ ଜଗନ୍ନାଥଙ୍କ ୩୨ବେଶ ଉତ୍ସବ ସମାରୋହର ଦ୍ୱିତୀୟ ଦିବସ

# ୩୨ ବେଶରେ ଝଲସୁଛନ୍ତି ମହାପ୍ରଭୁ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨୭।୧୧(ସମିସ): ଜଗନ୍ନାଥ ସଂସ୍କୃତି ହେଉଛି ଏକ ସମନ୍ୱୟବାଦୀ ସଂସ୍କୃତି, ୩୨ ବେଶ ହେଉଛି ଜଗନ୍ନାଥ ସଂସ୍କୃତିର ଏକ ଜୀବନ୍ତ ପ୍ରତୀକ, ଯାହା ଓଡ଼ିଶାର ଧାର୍ମିକ, ସାମାଜିକ, ଏବଂ କଳାତ୍ମକ ଜୀବନଶୈଳୀକୁ ପ୍ରତିପାଦିତ କରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବତିଶି ପ୍ରକାର ବେଶ (୩୨ ବେଶ)ର ବିଶେଷତ୍ୱ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ ଏହା ଶ୍ରୀମନ୍ଦିରର ନୀତିକାନ୍ତି ଓ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ ଅଟେ। ଏହି ବେଶଗୁଡ଼ିକ ଭଗବାନଙ୍କ ଲୀଳା, ତିଥି ଏବଂ ଋତୁଚକ୍ର ଉପରେ ଆଧାରିତ। ପ୍ରତ୍ୟେକ ବେଶ ଭଗବାନଙ୍କ କୌଣସି ନା କୌଣସି ଦିବ୍ୟ ଲୀଳାକୁ ସ୍ମରଣ କରାଇଥାଏ।



ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦା ଥାନାଛକ ସ୍ଥିତ ହେଲିପେଡ ପଡ଼ିଆରେ ଶ୍ରୀଜଗନ୍ନାଥଙ୍କ ଭବ୍ୟ ୩୨ ବେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗୁରୁବାର ଦ୍ୱିତୀୟ ଦିବସରେ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ପଞ୍ଚକୁଣ୍ଡୀୟ ହୋମଯଜ୍ଞର ଶୁଭାରମ୍ଭ ହୋଇଛି। ବିଶିଷ୍ଟ ପଣ୍ଡିତ ବ୍ରଜବିହାରୀ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୦ଜଣ ବ୍ରାହ୍ମଣ ମାନଙ୍କ ଦ୍ୱାରା ଯଜ୍ଞାଦି କାର୍ଯ୍ୟ ଚାଲିଛି। ସେହିପରି ୩୨ଟି ମଣ୍ଡପରେ ବିଭିନ୍ନ ବେଶରେ ସୁସଜ୍ଜିତ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଅଷ୍ଟ ସଖୀ ଏବଂ ଭଗବାନଙ୍କ ଦଶାବତାରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମହାପ୍ରଭୁଙ୍କ ଠାରେ ଭବ୍ୟ ଆଳତୀ ଅର୍ପଣ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଏଥି ସହିତ ମୀନା ବଜାର, ମେଳା ଓ ଆଲୋକ ତୋରଣ ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ଡିସେମ୍ବର ୧୨ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଉତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ସଭାପତି ନଟରଞ୍ଜନ ଘରାଇ, ଅଂଶୁମାନ ମହାନ୍ତି, ସାଧାରଣ ସମ୍ପାଦକ, ବିଧୁ ଭୂଷଣ ଦାସ, ସୀତାରାମ ପ୍ରଧାନ, ଅଚ୍ୟୁତ ନନ୍ଦନ ଦାସ, ବଳରାମ ମହାନ୍ତି, ମାନସ ଗାଙ୍ଗୁଲି, ମଧୁସୂଦନ ପାତ୍ର, ଶଶିକାନ୍ତ ହାତୀ, ପ୍ରଦୀପ୍ତ ଜେନା, ପ୍ରଦୀପ ମହାନା, ଶ୍ରୀକୁମାର ଘୋଷ, ରବୀନ୍ଦ୍ର ଦାସ, ବିକାଶ ପାଣିଗ୍ରାହୀ, ବିଶ୍ୱମ୍ବର ଦାସ ପ୍ରମୁଖଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବକାରୀ ଚଢ଼ଉ, ୮ ଗିରଫ



ଭୋଗରାଇ, ୨୭।୧୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ୧୬୭ ଲିଟର ଦେଶୀ ମହୁଲି ଚୋରା ମଦ ସହିତ ୮ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଅନ୍ତର୍ଗତ ସରସ୍ୱତୀପୁର ଗ୍ରାମର ସାଲଗେ ବାସ୍କେ, ରାନୀ ଟୁଡୁ, ରାଧାରାଣୀ ଘଡେଇ ଓ ନନ୍ଦିନୀ ପାତ୍ର, ରଣକୋଠା ଗ୍ରାମର ମିଳନ ଦଳେଇ, କାଁଥିଭଉଁରୀ ଗ୍ରାମର ସଞ୍ଜିବ ଭୋଳ, କୁମ୍ଭୀରଗଡ଼ି ଗ୍ରାମର ରୀନା ବାରିକ, ବାଗମାରୀ ଗ୍ରାମର ଅମୀୟ ବେରା ପାଖରୁ ଚୋରା ମଦ ଜବତ କରିବା ସହିତ ଗିରଫ କରିଛି ଭୋଗରାଇ ଅବକାରୀ ବିଭାଗ। ଏନେଇ ଅବକାରୀ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ଏହି ଚଢ଼ଉରେ ଜଳେଶ୍ୱର ଇନ୍ସପେକ୍ଟର ଦେବେନ୍ଦ୍ର ସାହୁ, ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସ, ବାସୁଦେବ, ଅନୀଲ ପଣ୍ଡା, କୁମୁଦିନୀ ସାଁ ପ୍ରମୁଖ ସାମିଲ ଥିଲେ।

# ବାଇକ ଓ ସ୍କୁଟି ଧକ୍କା; ଦମ୍ପତି ଗୁରୁତର

ସିମୁଳିଆ, ୨୭।୧୧ (ସମିସ): ଶଶୁର ଘରୁ ଫେରିବା ବାଟରେ ସ୍କୁଟି ସହ ଧକ୍କା ହୋଇ ଏକ ଦମ୍ପତି ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ବରଦା ଅଞ୍ଚଳର ଶ୍ରୀକାନ୍ତ ଖିଲାର ସ୍ତ୍ରୀ ସସ୍ମିତା ଖିଲାର ଓ ତିନି ବର୍ଷର ପୁଅକୁ ଧରି ବାଇକ ଯୋଗେ ଶଶୁର ଘର ଖନ୍ତାପଡ଼ାରୁ ଜାତୀୟ ରାଜପଥରେ ଫେରୁଥିବା ସମୟରେ ଜାମୁଝାଡ଼ି ଝାଟିଆମାଳ ଛକ ନିକଟରେ ଏକ ଅଜଣା ସ୍କୁଟି ସହ ଧକ୍କା ହୋଇଥିଲା। ଫଳରେ ଉଭୟ ରାସ୍ତାକୁ ଛିଟିକି ପଡ଼ିଥିଲେ। ଗୁରୁତର ଆହତ ଅବସ୍ଥାରେ ଜଣେ ଅଟୋ ଚାଳକ ସେମାନଙ୍କୁ ସେଠାରୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସିମୁଳିଆ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର



ଭୋଗରାଇ, ୨୭।୧୧(ସମିସ): ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ ଅବସରରେ 'ଭାରତୀୟ ସମ୍ବିଧାନର ମୂଲ୍ୟ ବୋଧ ଏବଂ ରାଜନୈତିକ ସିଦ୍ଧାନ୍ତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଚରମ୍ପା ମହାବିଦ୍ୟାଳୟର ଅଧ୍ୟାପକ ମନୋଜ କୁମାର ମହାଳିକ ଯୋଗଦେଇ ଭାରତୀୟ ସମ୍ବିଧାନର ରାଜନୀତିର ମୂଲ୍ୟବୋଧ ଏବଂ ରାଜନୈତିକ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଶୈବାଳକାନ୍ତି ପ୍ରଧାନ, ଅଧ୍ୟାପକ ଡ. ଧୀରେନ୍ଦ୍ର କୁମାର ଜେନା, ଅଧ୍ୟାପିକା ସୁଶୀଳା ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଦେବୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଗୋପାଳ ଭୂୟାଁ ଏବଂ ଯୁକ୍ତ ୩ ର ଛାତ୍ର ଦେବାଶିଷ ରଣାଙ୍କ ପ୍ରେରଣାରେ ସମସ୍ତ ଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବରିଷ୍ଠ ସାମ୍ବାଦିକଙ୍କ ମାତୃବିୟୋଗ

ନୀଳଗିରି, ୨୭।୧୧(ସମିସ): ନୀଳଗିରର ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ମାତୃ ବିୟୋଗ ଘଟିଛି। ନୀଳଗିରି ଏନଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ଼ ସିମୁଳିଆ ଗ୍ରାମର ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ମା' ଅନ୍ନପୂର୍ଣ୍ଣା ଦେବୀଙ୍କ ୮୮ ବୟସରେ ନିଜ ବାସଭବନରେ ଆଜି ପରଲୋକ ହୋଇଯାଇଛି। ଅନ୍ନପୂର୍ଣ୍ଣା ଏକମାସ ହେବ ଶଯ୍ୟାଶାୟୀ ଥିଲେ। ତାଙ୍କର ୪ପୁଅ ରାମଚନ୍ଦ୍ର, ଲକ୍ଷ୍ମଣ, ଭରତ, ଶତ୍ରୁଘନ ଥିବାବେଳେ ମଝିଆପୁଅ ଭରତ ମୁଖାଗ୍ନି ଦେଇଛନ୍ତି। ମୃତ୍ୟୁ ଶରୀର ନିକଟରେ ପୁଅ, ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ଅନ୍ନପୂର୍ଣ୍ଣାଦେବୀ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ନୀଳଗିରିର ବହୁ ସାମ୍ବାଦିକ ଓ ବିଶିଷ୍ଟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବାଲିଆପାଳର ପୁଅ ସୁବାସ ପାଇଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

କାଳିପଦା, ୨୭।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତ ବିଲକୁମ୍ଭାରୀ ଗ୍ରାମର ଶିବ ପ୍ରସାଦ ସାହୁଙ୍କ ପୁତ୍ର ସୁବାସ ଚନ୍ଦ୍ର ସାହୁଙ୍କୁ ମଞ୍ଚକଳାରେ (ନାଟକ ସହିତ ସାମଗ୍ରିକ ଲୋକକଳା) ପାଇଁ ବୁଧବାର ଲୋକସେବା ଭବନଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ସାହୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଜଣେ କୃତୀ ଛାତ୍ର ହିସାବରେ ରୂପସଜା, ବେଶେ ବିନ୍ୟାସର ସ୍ୱତନ୍ତ୍ର ତାଲିମ ପ୍ରାପ୍ତ କରି ମଞ୍ଚକଳାରେ ନିଜକୁ ଜଣେ ନିପୁଣ ବିଦ୍ଧାଣୀ ଭାବରେ ପ୍ରତିପାଦନ କରି ପାରିଥିବାରୁ



ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଉପସ୍ଥିତ ଥିଲେ। ବିଭାଗୀୟ ସଚିବ ବିଜୟ କେତନ ଉପାଧ୍ୟାୟ ଉକ୍ତ ସଭାରେ ସଭାପତିତ୍ୱ କରିଥଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/ବହଳଦା, ୨୭।୧୧ (ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ଖଣି ବିଭାଗ ଚଢଉ କରି ଏକ ଟ୍ରାକ୍ଟର ଜବତ କରିଛି। ଏନେଇ କନିଷ୍ଠ ଖଣି ଅଧିକାରୀ ମିଥୁନ ଗିରି ବହଳଦା ଥାନାରେ ଅଭିଯୋଗ କରିଛନ୍ତି।

ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଦ୍ରୁତଗତିରେ ଆସୁଥିବା ବେଳେ କେନ୍ଦୁଆଣି ଗ୍ରାମ ନିକଟରେ ଗାଡିକୁ ଅଟକାଇ ପଚରାଉଚରା କରିଥିଲା ବିଭାଗ। ପରେ ଗାଡିକୁ ଜବତ କରିଥିଲା ଖଣି ବିଭାଗ।

ଘରୁ ବାହାର କରିଦେଲେ ଦୁଇପୁଅ

# ଆସବାବପତ୍ର ଧରି ବାପା ଏସ୍‌ପିଙ୍କ ଦ୍ୱାରସ୍ଥ

ବାରିପଦା, ୨୭ ।୧୧(ସମିସ): ବୟସର ଅପରାହ୍ନରେ ବୃଦ୍ଧ ଜଣକ ଅସହାୟ ହୋଇ ଆସବାବପତ୍ର ଧରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦୁଇ ରୋଜଗାରିଆ ପୁଅ ଥାଇ ବି ଆଜି ବାପା ରାଜରାସ୍ତାରେ। ସମ୍ପତ୍ତି ପାଇଁ ଭାଇ ଭାଇ ମଧ୍ୟରେ ଅଶାନ୍ତି, ଆଉ ବଳି ପଡ଼ିଲା ୮୧ ବର୍ଷର ବୃଦ୍ଧ। ମାତ୍ର ୩ ଡେସିମିଲ ଜାଗା ପାଇଁ ଥାନା କୋର୍ଟ କଚେରୀ ପରେ ଏବେ ବୟସର ଅପରାହ୍ନରେ ନିଜ ଜନ୍ମଦାତା ବାପାଙ୍କୁ ଦୁଇ ପୁଅ ଘରୁ ବାହାର କରି ଦେଇଛନ୍ତି। ନିଜ ପୁଅଙ୍କ ନାଁରେ ଏଭଳି ସାଙ୍ଘାତିକ ଅଭିଯୋଗ କରିଛନ୍ତି ଜଣେ ଅସହାୟ ବାପା। କୌଣସି ଉପାୟ ନ ପାଇ ବୃଦ୍ଧ ଜଣକ ଗୁରୁବାର ନିଜର ଆସବାବପତ୍ର ଧରି ଏସପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଟିକାୟତପୁର ଗାଁରେ ଘଟିଛି। ଗ୍ରାମର ବାବୁଧର ଭୂୟାଁଙ୍କ ସହ ଘଟିଛି ଏଭଳି ଦୁଃଖଦ ଘଟଣା। ବାବୁଧରଙ୍କ



ଦୁଇ ଦୁଇ ପୁଅ ଥିବାବେଳେ ସାନ ପୁଅ ଘରେ ରହି ଚାଷ ବାସ କରନ୍ତି। ଆଉ ବଡ଼ ପୁଅ ଗୁଜୁରାଟରେ ଠିକାଦାରୀ କରି ଭଲ ରୋଜଗାର ମଧ କରୁଛନ୍ତି। ହେଲେ ସମ୍ପତ୍ତି ଭାଗବଣ୍ଟା ସମସ୍ୟାକୁ ନେଇ ପ୍ରଥମେ ବଡ଼ ପୁଅ ଘରୁ ବାହାର କରିଦେଇଥିଲେ ବୋଲି ବାପା ଅଭିଯୋଗ ଆଣିଥିବା ବେଳେ ଆଜି ସାନପୁଅ ମଧ ବୁଢା ବାପାଙ୍କୁ ଘରୁ ବାହାର କରିଦେଇଛି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତେବେ ଅସହାୟ ବୃଦ୍ଧ ଜଣକ ଦୁଃଖ ଯନ୍ତ୍ରଣାରେ ଥିବା ବେଳେ ସହାୟତା ନିମନ୍ତେ ଗୁହାରି କରିଛନ୍ତି। ଏନେଇ ଦୁଇ ପୁଅଙ୍କ ପ୍ରତିକ୍ରିୟା ମିଳିନାହିଁ।

# ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଟ୍

ରାଇରଙ୍ଗପୁର, ୨୭।୧୧(ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଲିଙ୍କ ରୋଡ ସ୍ଥିତ ଏକ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ବିକାଶ କୁମାର ରାମ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ରାତିରେ ଦୋକାନ ବନ୍ଦ କରିଥିଲେ। ଶୀତୁଆ ରାତିରେ ଜନଶୂନ୍ୟର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୋକାନ ସ୍କାଇ ଲାଇଟ ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ମୋବାଇଲ ଚୋରି କରିଛନ୍ତି। ସକାଳୁ ମାଲିକ ଜଣକ ଦୋକାନ ଖୋଲିବା ବେଳକୁ ମୋବାଇଲ ନଥିବା ବେଳେ ସିସି ଟିଭି ଯାଞ୍ଚ କରିବାରୁ ଘଟଣା ବାବଦରେ ଜାଣିଥିଲେ। ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନୂତନ ଏସ୍‌ଡିଆଇପିଆର୍‌ଓଙ୍କ ଯୋଗଦାନ



ବାରିପଦା, ୨୭ ।୧୧(ସମିସ): ଗୁରୁବାର ମୟୂରଭଞ୍ଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଶିଶିର କୁମାର ମୁଣ୍ଡୁୟା ବାରିପଦା ସଦର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀ ମୁଣ୍ଡୁୟା କାର୍ଯ୍ୟରେ ଯୋଗଦାନ ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ବ୍ୟବସାୟୀଙ୍କ ବିୟୋଗରେ ଔଷଧ ଦୋକାନ ବନ୍ଦ

ମୋରଡା, ୨୭।୧୧(ସମିସ): ମୋରଡା ବ୍ଲକ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଥିବା ବଜରଙ୍ଗୀ ମେଡ଼ିକାଲ ଷ୍ଟୋରର ବ୍ୟବସାୟୀ ତରଣୀ ସେନ ମହାନ୍ତ (୬୫)ଙ୍କ ବୁଧବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ତାଙ୍କ ପାର୍ଥିବ ଶରୀରକୁ ପୈତୃକ ଗ୍ରାମ ଗଡ଼ିଗାଁ ପଞ୍ଚାୟତ ଫୁଲବାଡିଆ ଗ୍ରାମକୁ ଅଣାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ମୋରଡା ଏବଂ ରାସଗୋବିନ୍ଦପୁର ବ୍ଲକର ସମସ୍ତ ଔଷଧ ବ୍ୟବସାୟୀ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ସମ୍ମାନାର୍ଥେ ଗୁରୁବାର ସନ୍ଧ୍ୟା ୬ଟା୩୦ରୁ ୧୨ ଘଣ୍ଟିଆ ସମସ୍ତ ଔଷଧ ଦୋକାନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କେବଳ ଜରୁରୀକାଳିନ ସେବା ପାଇ ଦୋକାନ ଖୋଲିବ ବୋଲି ମୋରଡା ଜୋନ ଇସି ଏମସିଡିଏ ସଦସ୍ୟ ସୌରଭ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ମହୁଲଡିହା, ୨୭।୧୧(ସମିସ): ଠାକୁରମୁଣ୍ଡା ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଡିସେମ୍ବର ୨୬ରୁ ୨୮ ତାରିଖ ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରଞ୍ଜିଆ ବିଧାୟକ ତଥା ପୂର୍ବତନ ଛାତ୍ର ପଦ୍ମଚରଣ ହାଇବୁରୁ ଯୋଗଦେଇ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଅଳ୍ପ ସମୟ ବ୍ୟବଧାନ ଥିବାରୁ ସମସ୍ତେ ସହଯୋଗ କରିବା ପାଇଁ ଏକ ଭିଡିଓ ବାର୍ତ୍ତାରେ ସୂଚନା ଜାରି କରାଯାଇଛି। ଏହି ଉତ୍ସବର ଅତିଥି ନିର୍ବାଚନ ବିଧାୟକଙ୍କ ଉପରେ ନ୍ୟସ୍ତ କରାଯାଇଛି। ଡିସେମ୍ବର ୨୬ ତାରିଖରେ ହୀରକ ଜୟନ୍ତୀ ଉଦଘାଟନ ହୋଇ ୨୭ ତାରିଖରେ ପୂର୍ବତନ ଛାତ୍ରଛାତ୍ରୀଙ୍କ କାର୍ଯ୍ୟକ୍ରମ ଏବଂ ୨୮ ରେ ଉଦଯାପନୀ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରାଯାଇଛି।

ବାଲିଆପାଳ ପଞ୍ଚାୟତ ସମିତିର ସପ୍ତମ ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ସମସ୍ୟାକୁ ନେଇ ଉଦ୍‌ବେଗ

ବାଲିଆପାଳ, ୨୭।୧୧ (ସମିସ)

ବାଲିଆପାଳ ପଞ୍ଚାୟତ ସମିତିର ସପ୍ତମ ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମସ୍ୟାକୁ ନେଇ ସଦସ୍ୟମାନେ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବସ୍ତା ବିଧାୟିକା ସୁବାସିନୀ ଜେନା, ଉପାଧକ୍ଷ ରାଜେଶ ଚୌଧୁରୀ, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, କାଞ୍ଚନ ଜେନା, ବେଣୁଧର ଜେନା, ବାବାଜୀ ଦେହୁରୀ, ବିଡିଓ ରାଧାରଞ୍ଜନ ଦାସ, ଅତିରିକ୍ତ ବିଡିଓ ଶରତ ମୁଦୁଲି, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଜିପିଡିଓ ପ୍ରିୟବ୍ରତ ପ୍ରଧାନ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଶ୍ରୀରାମପୁର ପଞ୍ଚାୟତର ଏକ ପ୍ରକଳ୍ପକୁ ସହକାରୀ ଯନ୍ତ୍ରୀ



ଜାଣି ନ ପାରି ସରକାରୀ ଦଳର କର୍ମୀଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ କହିବା ଓ ତାହାକୁ ନେଇ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ମାଡ଼ ମରାଯିବା ଘଟଣାକୁ ନେଇ ବିଧାୟିକା ସୁବାସିନୀ ଜେନା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଇନକୁ ହାତକୁ ନେଇ ଯେଉଁମାନେ ଯନ୍ତ୍ରୀଙ୍କ ଉପରେ ଆକ୍ରମଣ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଥିଲେ। ବ୍ଲକର ବିକଳ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏକମାତ୍ର ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ ଆରମ୍ଭ ନ ହେବା ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ଆଦର୍ଶ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ଜିଲାପାଳ ଓ ଡିଇଓଙ୍କ ଦ୍ୱାରା ପରିଚାଳିତ ହେଉଥିବା କହି ଅସହାୟତା ପ୍ରକାଶ କରିଥିଲେ। ମାଧ୍ୟମିକ ଶିକ୍ଷାକ୍ଷେତ୍ରରେ ବ୍ଲକରେ ଆବଶ୍ୟକତାଠାରୁ ୫୦ ପ୍ରତିଶତ କମ ଶିକ୍ଷକ ଥିବା ସେ ସ୍ୱୀକାର କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ଆଲୋଚନା ଆରମ୍ଭ ହେବା ମାତ୍ରେ ବିଧାୟିକା ଶ୍ରୀମତୀ ଜେନା ନିକଟରେ ୧୦୮ ଆମ୍ବୁଲାନ୍ସରେ ଅମ୍ଳଜାନ ସରିଯିବାରୁ ଗୋଟିଏ ଶିଶୁର ମୃତ୍ୟୁ ଘଟିଥିବା କହିଥିଲେ। ଏହି ଘଟଣାରେ ସମ୍ପୃକ୍ତ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କହିଥିଲେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦୦୬ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ଜନ୍ମ ମୃତ୍ୟୁ ପ୍ରମାଣପତ୍ରର ରେକର୍ଡ ନ ଥିବା ଯୋଗୁଁ ହିତାଧିକାରୀ ପ୍ରମାଣପତ୍ର ନ ପାଇ ପିଲାଙ୍କ ଆଧାର କାର୍ଡ ହୋଇ ପାରୁନାହିଁ କିମ୍ବା ସଂଶୋଧନ ମଧ ହୋଇ ନ ପାରି ପାଠପଢ଼ାରେ ହଇରାଣ ହେଉଥିବା ଜଗତିପୁର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର ଦୃଷ୍ଟି ଆକର୍ଷଣ କରିଥିଲେ। ସାଂସଦ ଶ୍ରୀ ଷଡ଼ଙ୍ଗୀ ଅବହେଳା କରିଥିବା ବ୍ୟକ୍ତି ବିରୁଦ୍ଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଭାରାପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ପ୍ରୀତମ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳଯୋଗାଣ ଉପରେ ଆଲୋଚନା ହୋଇଥିଲା। ସାଂସଦ ଶ୍ରୀ ଷଡ଼ଙ୍ଗୀ ମେଘା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦେବ କୁମାର ଦେ, ସରୋଜ ପିଳା, ପଙ୍କଜିନୀ ମହାପାତ୍ର, ଜୟନ୍ତ ଦାସ, କରୁଣାକର ମଲ୍ଲିକ, କସ୍ତୁରୀବାଳା ପାତ୍ର, ସମିତି ସଦସ୍ୟା କାବେରୀ ରାଣୀ ରାଉତ, ପ୍ରମୁଖ ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ଅତିରିକ୍ତ ବିଡିଓ ଶରତ ମୁଦୁଲି ଧନ୍ୟବାଦ ଦେଇଥିଲେ।

## ମୋ ଖତ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ଚମ୍ପୁଆ,୨୭।୧୧(ସମିସ): ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମୋ ଖତ ବିକ୍ରୟ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମୁଖରେ ଏନେଇ ଏକ ଷ୍ଟଲକୁ ଚମ୍ପୁଆ ୧ ନମ୍ବର ୱାର୍ଡ କାଉନସିଲର ଛତ୍ରପତି ନାଏକ, କାଉନସିଲର ଏମଡି ଇମ୍ରାନ ଉଦଘାଟନ କରିଥିଲେ। ଏନଏସିର ବର୍ଜ୍ୟବସ୍ତୁରୁ ଉତ୍ପାଦିତ ଏହି ଖତ ୧ କି.ଗ୍ରା ପ୍ରତି ୧୦ ଟଙ୍କା ଦରରେ ବିକ୍ରୟ ଆରମ୍ଭ କରାଯାଇଛି। ସର୍ବସାଧାରଣ ବିକ୍ରି ନିମନ୍ତେ ଏହି ଖତ କେନ୍ଦ୍ରକୁ ଉପଲବ୍ଧ କରାଯାଇଥିବା ବେଳେ ଆବଶ୍ୟକ ଅନୁଯାୟୀ ଜନସାଧାରଣ ଏହି ଖତ ନେଇପାରିବେ ବୋଲି ସିଏମଏମ ଅନନ୍ତଚରଣ ସାହୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ କୁଣ୍ଡୁ, ସ୍ୱୟଂସହାୟକ ଗୋଷ୍ଠୀ, ସୁପରଭାଇଜର ଓ ବିଭିନ୍ନ କର୍ମଚାରୀ ସହଯୋଗ କରିଥିଲେ।

## ଜେଏସ୍‌ଡବ୍ଲୁ ଷ୍ଟିଲ୍ ପକ୍ଷରୁ ଶ୍ରମ ସଂହିତା ସଚେତନତା



ଯୋଡ଼ା, ୨୭।୧୧(ସମିସ): ଜେଏସଡବ୍ଲୁ ଷ୍ଟିଲ ନୂଆଗାଁ ଆଇରନ୍ ଓର୍ ମାଇନ୍‌ରେ ନୂତନ ଶ୍ରମ ସଂହିତା ବିଷୟରେ ବିଶେଷ ଜାଗୃତି ସଭାରେ ୧୫୦ ଜଣ କର୍ମଚାରୀ ଓ ଅଧିକାରୀ ଶ୍ରମ ସଂହିତା ନେଇ ଏକ ଆଲୋଚନାରେ ଯୋଗ ଦେଇଥିଲେ। ସଭାରେ ଟି. ହରି ପ୍ରସାଦ, ଉପନିର୍ଦ୍ଦେଶକ, ଖଣି ସୁରକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ରିଜିଅନ-୧ ନୂଆ ଚାରିଟି ଶ୍ରମ ସଂହିତା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଅଧିକାରୀ ଅରୁଣଦୀପ ଭଟ୍ଟାଚାର୍ଯ୍ୟ (ମାଇନ୍ ମ୍ୟାନେଜର), ଜୀବନ ଜ୍ୟୋତି ଦାଶ (ସେଫ୍ଟି ଅଫିସର) ଓ ଜିତେନ୍ଦ୍ର ନନ୍ଦା ଉପସ୍ଥିତ ଥିଲେ। କର୍ମଚାରୀମାନେ ସକ୍ରିୟ ଭାବେ ଆଲୋଚନାରେ ଯୋଗଦେଇ ନିଜର ପ୍ରଶ୍ନ ଓ ପ୍ରତିକ୍ରିୟା ଦେଇଥିଲେ। ପ୍ରଶାସନ ପକ୍ଷରୁ କର୍ମଚାରୀଙ୍କୁ ନୂଆ ଶ୍ରମ ସଂହିତାକୁ ଦିନଚର୍ଯ୍ୟା କାମରେ ଅନୁସରଣ କରିବା ସହ ସୁରକ୍ଷାକୁ ପ୍ରଥମ ପ୍ରାଥମିକତା ଦେବାକୁ ଅନୁରୋଧ କରାଯାଇଛି। ଏହି ସଭା ଫଳରେ କର୍ମଚାରୀମାନଙ୍କର ନିୟମାନୁଶାସନ ସଚେତନତା ବଢ଼ିବା, ସୁରକ୍ଷା ଓ ପାଳନ ସଂସ୍କୃତି ମଜବୁତ ହେବା ସହ ଜେଏସଡବ୍ଲ୍ୟୁର କର୍ମୀ-କେନ୍ଦ୍ରିକ ପ୍ରବୃତ୍ତି ଆହୁରି ସୁଦୃଢ଼ ହେବା ଆଶା କରାଯାଉଛି।

## କନକମଞ୍ଜରୀ ମହାବିଦ୍ୟାଳୟ ଛାତ୍ରୀନିବାସ ଉଦ୍‌ଘାଟିତ



ଆନନ୍ଦପୁର, ୨୭।୧୧ (ସମିସ): ଶାଳପଡ଼ାସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ନବନିର୍ମିତ ଛାତ୍ରୀ ନିବାସକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଉଦ୍‌ଘାଟନ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷା ସୋଭାଗ୍ୟମୟୀ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀନିବାସର ଅଧୀକ୍ଷକ ସୌଦାମିନୀ ପାଇକରାୟ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ, ପ୍ରଣୟିନି ବ୍ରହ୍ମ ଓ ବିଜେପି ନେତା ଆଲୋକ ସେଠୀ ଯୋଗ ଦେଇଥିଲେ। ପ୍ରାୟ ୨ କୋଟି ଟଙ୍କାରେ ନିର୍ମିତ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟନ ଅବସରରେ ପୂର୍ବତନ ଅଧକ୍ଷ ଡ଼ ପ୍ରଦୀପ କୁମାର ମହାନ୍ତିଙ୍କୁ ସାଂସଦ ଶ୍ରୀ ନାୟକ ପ୍ରୀତି ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା କନକଲତା ହେମ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଙ୍ଗରାଣୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କେନ୍ଦୁଝର,୨୭ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରାଣୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ସିଆର୍‌ସିସି ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତଚନ୍ଦ୍ର ଦେହୁରୀ ସାମିଲ ହୋଇଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତା ତିନି ଦିନ ଧରି ଚାଲିବ। ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ ଶୁଭଲକ୍ଷ୍ମୀ ସାହୁ, ସରୋଜିନୀ ସାହୁ, ପ୍ରଦୀପ କୁମାର ପାତ୍ର, ସୁଶାନ୍ତ କୁମାର ପାତ୍ର, ବାସନ୍ତୀ ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜର୍ମାନ ଦେଇଗାମ, ସୁଜାତା ପ୍ରଧାନ, ଭୁବନ ପାତ୍ର, ମାଣିକର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର ସହଯୋଗ କରିଥିଲେ।

### ଶ୍ରମକୋଡ୍ ବାତିଲ ଦାବି

# ଓଡ଼ିଶା ଖଣି ନିଗମ ଆଗରେ ଶ୍ରମିକ ବିକ୍ଷୋଭ

କେନ୍ଦୁଝର, ୨୭।୧୧(ସମିସ): ଶ୍ରମିକ ବିରୋଧୀ ଶ୍ରମକୋଡ ତୁରନ୍ତ ବାତିଲ ଦାବିରେ ବାଂଶପାଳ ବ୍ଲକର ଶୁଆକାଟୀସ୍ଥିତ ଓଡ଼ିଶା ଖଣି ନିଗମ ଆଞ୍ଚଳିକ କାର୍ଯ୍ୟାଳୟ ଆଗରେ ଏଆଇଟିୟୁସି ନେତୃତ୍ୱରେ ଶ୍ରମିକମାନେ ବିକ୍ଷୋଭ କରିଛନ୍ତି। କେନ୍ଦୁଝର ଜିଲ୍ଲା ଏଆଇଟିୟୁସି ଡକରାରେ ନଭେମ୍ବର ୨୬ରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ଓ କାରଖାନା ସମ୍ମୁଖରେ ହଜାର ହଜାର ଶ୍ରମିକ ବିରୋଧ ଜାରି ରଖିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ହଠାତ ସାରା ଦେଶରେ ନୂତନ ଶ୍ରମ କୋଡ ଲାଗୁ କରିବା ପାଇଁ ଘୋଷଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିପାଇଁ ଦେଶର ଶ୍ରମିକ ସଂଗଠନଙ୍କ ସହ କୌଣସି ଆଲୋଚନା କରାଯାଇନାହିଁ। ଏହି ଆଇନ ଲାଗୁ ହେବା ଦ୍ୱାରା ଶ୍ରମିକଙ୍କର ନିଯୁକ୍ତି ଅଧିକ ଅସ୍ଥାୟୀ ହେବା ସଂଗେ ସଂଗେ ହାୟାର ଏଣ୍ଡ ଫାୟାର ନୀତିରେ ଚୁକ୍ତିଭିତ୍ତିକ ନିଯୁକ୍ତି ବୃଦ୍ଧି ପାଇବ। ଦୈନିକ କାର୍ଯ୍ୟ ଦିବସ ୧୦/୧୨ ଘଣ୍ଟା ବୃଦ୍ଧି ହେଲେ ସମଗ୍ର ଦେଶର ବିଭିନ୍ନ କାରଖାନା, ଖଣି ଓ ଅନ୍ୟାନ୍ୟ ଶିଳ୍ପରେ ଗୋଟିଏ ସିଫ୍ଟର ଶ୍ରମିକ ତଥା ଲକ୍ଷ ଲକ୍ଷ ଶ୍ରମିକ ନିଯୁକ୍ତି ହରାଇବେ। ସେହିଭଳି ଟ୍ରେଡ୍ ୟୁନିୟନ କ୍ଷମତାକୁ ସଙ୍କୁଚିତ କଲା ପରେ ମାଲିକଙ୍କ ଦ୍ୱାରା ଶ୍ରମିକମାନେ ଅଧିକ ଶୋଷିତ ହେବେ। ବୋନସ୍ ଓ ଛୁଟି ଭଳି ସୋସିଆଲ ସିକ୍ୟୁରିଟି ଉପରେ ଅଂକୁଶ ଲଗାଇବା ପାଇଁ ସ୍ଥିର ହୋଇଛି। ପୂର୍ବ ଶ୍ରମ ଆଇନ ଠିକ୍ ଭାବେ ଲାଗୁ ହୋଇ ପାରୁ ନଥିବା ବେଳେ ମାଲିକ ସପକ୍ଷବାଦୀ ନୂଆ ଶ୍ରମ କୋଡ ସମ୍ପୂର୍ଣ୍ଣ ଭାବରେ ଶ୍ରମିକ ବିରୋଧୀ ବୋଲି କୁହାଯାଇଛି। ନିଗମର ଗନ୍ଧମାର୍ଦ୍ଦନ ଖଣି ମୁଖ୍ୟ କାର୍ଯ୍ୟାଳୟରେ ସମ୍ମୁଖରେ ଶହ ଶହ ଶ୍ରମିକ ଏକତ୍ର ହୋଇ ଶ୍ରମ କୋଡ ଓଏମସି ଖଣିରେ ଲାଗୁ ନ କରିବା ପାଇଁ ଦାବି ଜଣାଇଛନ୍ତି। ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ସାଥୀ ମହେଶ୍ୱର ରାଉତଙ୍କ ନେତୃତ୍ୱରେ ନିଗମ ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀହରି ଘଣା, ହୃଦା ପାତ୍ର, ବଦ୍ରୁ ଜାମା, ବିରଞ୍ଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ଖଗେଶ୍ୱର ମହାନ୍ତ, ବନମାଳି ନାୟକ, ଗୋବିନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ରମରେ ଡିସେମ୍ବର ୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ଶ୍ରମିକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ଏଆଇଟିୟୁସି ତରଫରୁ ସାଥୀ ମହେଶ୍ୱର ରାଉତ ଘୋଷଣା କରିଛନ୍ତି।




## ସ୍କୁଲ ପାଚେରି ଭାଙ୍ଗିଲା କାର୍

କେନ୍ଦୁଝର,୨୭ ।୧୧(ସମିସ): ଭାରସାମ୍ୟ ହରାଇ ଗତକାଲି ରାତି ୧୧ଟା ପାଖାପାଖି ଏକ କାର୍ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ପୁଟୁଳିଆ ପ୍ରାଥମିକ ବିଦ୍ୟାଳୟର ପାଚେରିରେ ଧକ୍କା ହୋଇଛି। ଫଳରେ ଗାଡ଼ିର ସାମ୍ନାଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲେ। ସକାଳେ ସ୍କୁଲ କର୍ତ୍ତୃପକ୍ଷ ଜାଣିବା ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବ୍ୟକ୍ତି ପାଚେରି ମରାମତି କରିଥିବା ଜଣାପଡିଛି।

## ଚୁଲି ନିଆଁ ଲାଗି ପାଚିକା ଗୁରୁତର

ଆନନ୍ଦପୁର, ୨୭।୧୧(ସମିସ): ଆନନ୍ଦପୁର ବ୍ଲକ ହାତିବନ୍ଧା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ସମୟରେ ଚୁଲିରୁ ନିଆଁ ଲାଗି ପାଚିକା ଗୁରୁତର ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ଡାକ୍ତରଖାନା ପରେ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ପାଚିକା ହେଲେ ତପୋଇ ପ୍ରଧାନ। ଗୁରୁବାର ସକାଳ ୧୦ଟା ସମୟରେ ପାଚିକା ସ୍କୁଲ ରୋଷେଇ ଘରେ କାଠ ଚୁଲିରେ ରୋଷେଇ କରୁଥିବା ସମୟରେ କାଉଁରିଆ କାଠିରୁ ନିଆଁ ବ୍ୟାପି ତାଙ୍କ ପିନ୍ଧା ଶାଢିରେ ଲାଗିଯାଇଥିଲା।

## ୯୫ ଧାନ ମଣ୍ଡିରେ ୭୯୧୦୮ ଚାଷୀ ପଞ୍ଜିକୃତ

### ଧାନ କିଣାରେ ଚାଷୀଙ୍କୁ ସହଯୋଗ ଦାବି



ଆନନ୍ଦପୁର, ୨୭।୧୧ (ସମିସ): କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିବା ଜଣାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ଅଧିନିୟମ ମାର୍ଗଦର୍ଶିକା ଉଲଘଂନ କରି ଧାନ କିଣା କାରବାରରେ ଯେଉଁ ଅସାଧୁ ଉପାୟ ଅବଲମ୍ବନ କରି କଟନି ଛଟନି କରିବେ ଓ ଚାଷୀଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ଖରିଫ୍ ଧାନ କିଣା ୮୨ଟି ସେବା ସମବାୟ ସମିତି ମାଧ୍ୟମରେ ୯୫ଟି ଧାନମଣ୍ଡି ଖୋଲାଯାଇଛି। ୧୧ଟି ନୂତନ ଧାନମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଆସିଛି। ଚଳିତ ବର୍ଷ ୭୯ ହଜାର ୧୦୮ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ଗତ ବର୍ଷ ୫୯ ହଜାର ୬୭୩ ଜଣ ଚାଷୀ ୨୧ ଲକ୍ଷ ୮୮ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଗତବର୍ଷ ଅପେକ୍ଷା ଏବର୍ଷ ୨୦ ହଜାର ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଧାନ କିଣା କାରବାରରେ ଯେଉଁ ମିଲର କିମ୍ବା ପ୍ରଶାସନିକ ଅଧିକାରୀ ଅସାଧୁ ଉପାୟ ଅବଲମ୍ବନ କରିବେ ତଥା କଟନି ଛଟନି କରିବେ ସେମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡବିଧାନ କରାଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଛନ୍ତି।

## ୫ଟି ତହସିଲରେ ଖୋଲିବ ସବରେଜିଷ୍ଟ୍ରାର ଅଫିସ

କେନ୍ଦୁଝର, ୨୭।୧୧(ସମିସ): କେନ୍ଦୁଝର ଜିଲ୍ଲାର ୫ଟି ତହସିଲରେ ସବରେଜିଷ୍ଟ୍ରାର ଅଫିସ ପ୍ରତିଷ୍ଠା କରିବାକୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିବନ୍ଧକ ରବିନ୍ଦ୍ର କୁମାର ପ୍ରଧାନ ଗ୍ରାମ୍ୟ ଉନ୍ନୟନ ବିଭାଜନ ବା ଆରଡି ବିଭାଗର ନିର୍ବାହୀ ଯନ୍ତ୍ରୀମାନଙ୍କୁ ପତ୍ର ଲେଖିଥିବା ଜଣାପଡିଛି। ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିବନ୍ଧକ ତାଙ୍କ ପତ୍ରରେ ପାଟଣା, ସାହାରପଡା, ବାଂଶପାଳ, ଝୁମ୍ପୁରା ଓ ହରିଚନ୍ଦନପୁରରେ ଏହି ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ନିର୍ମାଣ କରିବାକୁ ଅଟକଳ ଓ ପ୍ଲାନ ଦେବାକୁ କହିଛନ୍ତି। ସ୍ଥାନୀୟ ତହସିଲଦାରଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ସେ କହିଛନ୍ତି। ନୂତନ କାର୍ଯ୍ୟାଳୟ ଖୁବ୍ ଶୀଘ୍ର ଖୋଲିବା ପରେ ଜନସାଧାରଣ ଇ-ରେଜିଷ୍ଟ୍ରେସନ ମାଧ୍ୟମରେ ନିଜର କାର୍ଯ୍ୟ କରିପାରିବେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକ ବେଶ୍ ଉପକୃତ ହେବେ। ବିଶେଷକରି ଦଲିଲ ପ୍ରସ୍ତୁତ ସମୟରେ ଷ୍ଟାମ୍ପ ଡ୍ୟୁଟି ଓ ଫି ଆଦାୟ ହେବା ସହ ଜମି ସମ୍ପର୍କିତ ବ୍ୟାଙ୍କରେ ବନ୍ଧକ ଥିବା ତଥ୍ୟ ଜଣାପଡିବ। ଜମିର ପ୍ରତିଲିପି ପ୍ରଦାନ ଓ ରେକର୍ଡ ଯାଞ୍ଚ ହେବା ସହ ଦଲିଲର ପ୍ରକାର ନିର୍ଦ୍ଧାରଣ ଓ ଷ୍ଟାମ୍ପ ଡ୍ୟୁଟିର ମୂଲ୍ୟାଙ୍କନ କରାଯାଇପାରିବ।

## ଏମ୍‌ଏସ୍‌ପି କାରଖାନା ଫାଟକରେ ତାଲା




କେନ୍ଦୁଝର,୨୭ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ହଳଦିଆଗୁଣାସ୍ଥିତ ଏମ୍‌ଏସ୍‌ପି କାରଖାନା ଫାଟକରେ ବୁଧବାର ଶ୍ରମିକମାନେ ତାଲା ପକାଇ ବକେୟା ପାଉଣା ନ ମିଳିବା ନେଇ ପ୍ରତିବାଦ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମାନୀ ବିରୋଧରେ ସ୍ଥାନୀୟ କିଛି ବାସିନ୍ଦା ଫାଟକ ବନ୍ଦ କରିଥିଲେ। ବ୍ୟାପକ ଅନିୟମିତତା, ମନମୁଖୀ କାର୍ଯ୍ୟ ସହ କମ୍ପାନୀର ବେଆଇନ ଶ୍ରମିକ ଛଟେଇ ପ୍ରତିବାଦରେ ସକାଳୁ କମ୍ପାନୀର ଫାଟକ ବନ୍ଦ କରି ଲୋକେ ଆନ୍ଦୋଳନରେ ବସିଥିଲେ। ଦୀର୍ଘ ୨୫ବର୍ଷ ଧରି କମ୍ପାନୀ ଏଠାରେ କାର୍ଯ୍ୟ କରି ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପାନୀୟଜଳ, ରାସ୍ତାଘାଟ, ଆଲୋକ ବ୍ୟବସ୍ଥା ପ୍ରତି ଧ୍ୟାନ ଦେଉ ନଥିବା ଲୋକେ ଅଭିଯୋଗ କରିଛନ୍ତି। କମ୍ପାନୀ ପାଇଁ ଜମି ହରାଇ ଧୂଳିଧୂଆଁ ଖାଉଥିବା ଲୋକଙ୍କୁ ଏଠାରେ କର୍ମନିଯୁକ୍ତି ମିଳୁ ନଥିବା ପ୍ରତିବାଦରେ ସ୍ଥାନୀୟ ଲୋକେ ଏଠାରେ ଦୀର୍ଘ ୧ମାସ ଧରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରି ଆସୁଥିଲେ। ପୂର୍ବରୁ ଏସମ୍ପର୍କରେ ସ୍ଥାନୀୟ ଲୋକେ ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ କୌଣସି କଥା ଶୁଣୁ ନଥିବା ଅଭିଯୋଗ କରି ଲୋକମାନେ କମ୍ପାନୀର ଫାଟକ ବନ୍ଦ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ପ୍ରତିକ୍ରିୟାଶୀଳ ନ ହେବାରୁ ଲୋକେ ସଦର ଥାନା ତଥା ଜିଲ୍ଲାପାଳଙ୍କୁ ଅବଗତ କରାଇଥିବା ସୂଚନା ମିଳିଛି। ସମସ୍ୟା ସମାଧାନ ପାଇଁ କୌଣସି ପକ୍ଷରୁ ଉଦ୍ୟମ ହେଉ ନଥିବାରୁ ଆଗାମୀ ଦିନରେ ଏହି ଘଟଣା ଉଗ୍ରରୂପ ନେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ



କେନ୍ଦୁଝର,୨୭ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲ୍ଲାପାଳ ବିଶାଲ ସିଂ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଡାକ୍ତର, କର୍ମଚାରୀ ଓ ରୋଗୀଙ୍କ ସହ ଆଲୋଚନା କରିବା ପରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଓ ଭିତ୍ତିଭୂମି ସୁଧାରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିପିନ ବିହାରୀ ମିଶ୍ର, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବଚରଣ ବାଘ,ଏଲ୍‌ଟି ପ୍ରମୋଦ କୁମାର ସାହୁ, କର୍ମଚାରୀ ବିଦ୍ୟାଧର ମହାନ୍ତ, ଚିକନ କୁମାର ସାହୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ




ତେଲକୋଇ, ୨୭।୧୧(ସମିସ): ତେଲକୋଇ ବ୍ଲକ ସିରିଗିଡ଼ା ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆସନ୍ତା ଶନିବାର ନଭେମ୍ବର ୨୯ରେ ହେବାକୁ ଥିବା ରକ୍ତଦାନ ଶିବର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ହରିହର ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସିରିଗିଡା ଶାଖା ବ୍ୟାଙ୍କ ଅଫ ଇଣ୍ଡିଆ ମ୍ୟାନେଜର ଫନିଭୂଷଣ ବେହେରା, ସିରିଗିଡା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ଦେହୁରୀ, ସିରିଗିଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଯୁବ ରେଡକ୍ରସ ସଂଯୋଜକ ନରେନ୍ଦ୍ର କୁମାର ଶତପଥୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଶିବିରକୁ ସଫଳ କରିବା ପାଇଁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

## ଡିସେମ୍ବର ୨୭, ୨୮ ପଦ୍ମପୁର ମହାଲକ୍ଷ୍ମୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

କେନ୍ଦୁଝର, ୨୭ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ମହାଲକ୍ଷ୍ମୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଡିସେମ୍ବର ୨୭ ଓ ୨୮ ଦୁଇଦିନ ଧରି ଅନୁଷ୍ଠିତ ହେବ। ବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ବିଜୟ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଶାନ୍ତିଶୃଙ୍ଖଳାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବା ନେଇ କର୍ମକର୍ତ୍ତା ବିଭିନ୍ନ ବିଭାଗ ବିଷୟରେ ଆଲୋଚନା କରିଥିଲେ। ଉଦଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୁବର୍ଣ୍ଣ ଜୟନ୍ତୀରେ ପ୍ରକାଶିତ ହେବାକୁଥିବା ସ୍ମରଣିକାର ରୂପରେଖର ଆଲୋଚନା ହୋଇଥିଲା। ଜୟନ୍ତୀ ପାଳନକୁ ସଫଳ କରିବା ପାଇଁ ବହୁସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଓ ଜନସାଧାରଣ ସାମିଲ ହେବାକୁ ଅନୁରୋଧ କରାଯାଇଛି। ବୈଠକରେ ବହୁ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଜୟନ୍ତୀ ପରିଚାଳନା କମିଟିର ସଦସ୍ୟଗଣ ଉପସ୍ଥିତ ଥିଲେ।

# ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ




ଚମ୍ପୁଆ,୨୭।୧୧(ସମିସ): ଚମ୍ପୁଆ ଧରଣୀଧର ନଗର ଭବନଠାରେ ଚମ୍ପୁଆ ନିର୍ବାଚନମଣ୍ଡଳୀସ୍ତରୀୟ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ଓ ବିଧାନସଭା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେପି ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ସୁକଦେବ ମହାନ୍ତ ଯୋଗ ଦେଇଥିବା ବେଳେ ପୂର୍ବତନ ବିଧାୟକ ପ୍ରାର୍ଥୀ ମୁରଲୀ ମୋନହର ଶର୍ମା, ଜିଲ୍ଲା ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ସଂଯୋଜିକା ଝରଣା ମହାନ୍ତ, ଅଗୁଚରଣ ମହାନ୍ତ, ସଂଖ୍ୟାଲଘୁ ସଭାପତି ମହତାବ ଆଲାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତ, ସିଦ୍ଧାର୍ଥ ସିଂ, ଆର୍‌କେ ଦାସ, ସୁନିଲ ସମେତ ବହୁ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଏହାସହ ଚମ୍ପୁଆ ନିର୍ବାଚନମଣ୍ଡଳୀର ୯ଟି ମଣ୍ଡଳର ସଭାପତିମାନେ ଯୋଗ ଦେଇଥିଲେ। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ପୂରଣ କରିବା ଲକ୍ଷ୍ୟ ନେଇ ତଥା ନିଜକୁ ଏବଂ ନିଜ ଦେଶକୁ ଆତ୍ମନିର୍ଭରର ଶୀର୍ଷରେ ପହଞ୍ଚାଇ ସ୍ୱଦେଶୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହିକ୍ରମରେ ବିଭିନ୍ନ ଉଦାହରଣ ଛଳରେ ବିଗତ ଦିନର ଭାରତ ଓ ଆଜିର ଆତ୍ମନିର୍ଭର ଭାରତ ବିଷୟରେ ଅବଲୋକନ କରିବା ସହ ହରଘର ସ୍ୱଦେଶୀ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଥିବା ସୂଚନା ଦେଇଥିଲେ। ବର୍ତ୍ତମାନ ଭାରତର ଅର୍ଥ ବ୍ୟବସ୍ଥା, ପ୍ରତିରକ୍ଷା ବ୍ୟବସ୍ଥା ଏବଂ ଲୋକମାନଙ୍କର ସାମାଜିକ ଚଳଣି ବ୍ୟବସ୍ଥା ପରିବର୍ତ୍ତନ ଧାରାରେ ଗଡ଼ି ଚାଲିଥିବା ବେଳେ ୨୦୪୭ ମସିହା ବେଳକୁ ନିଶ୍ଚିତ ଭାବେ ଆତ୍ମନିର୍ଭରଶୀଳ ଦେଶ ଭାବେ ପରିଗଣିତ ହେବ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଦୈନିକ ଜୀବନରେ ଭାରତୀୟ ଉତ୍ପାଦ ବ୍ୟବହାର କରିବାକୁ ଗ୍ରାମ କୃଷକ ଓ କାରିଗରଙ୍କୁ ସମର୍ଥନ କରି ସ୍ଥାନୀୟ ଉତ୍ପାଦ ଉପରେ ପ୍ରାଥମିକତା ଦେବା, ଯୁବ ପିଢିଙ୍କୁ ସ୍ୱଦେଶୀ ଗ୍ରହଣ କରିବାକୁ ଉତ୍ସାହିତ କରିବା, ଭାରତୀୟ ଭାଷାକୁ ବ୍ୟବହାର କରିବା ସହିତ ସ୍ୱଦେଶୀ ଏବଂ ପରିବେଶ ଅନୁକୂଳ ଉତ୍ପାଦକୁ ବ୍ୟବହାର କରି ନିଜ ଦେଶର ପର୍ଯ୍ୟଟନକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀର ବନ୍ଦେ ମାତରମ୍ ଗାନ କରାଯାଇଥିଲା।

## ଜାତୀୟ ଟାଏକ୍ୱୋଣ୍ଡୋରେ ସ୍ୱର୍ଣ୍ଣ ଜିତିଲେ ସଂଯୁକ୍ତା

କେନ୍ଦୁଝର, ୨୭।୧୧(ସମିସ): ଟାଏକ୍ୱୋଣ୍ଡୋ ଫେଡରେସନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ୟୁପି ବରେଲି ଷ୍ଟାଡିୟମରେ ନଭେମ୍ବର ୨୧ରୁ ୨୩ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ୪୧ତମ ସିନିୟର ଏବଂ ୮ମ କ୍ୟାଡେଟ କ୍ୟୁରୋଗୀ ଓ ପୁମସେ ନ୍ୟାସନାଲ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗନେଇ କେନ୍ଦୁଝର ଜିଲ୍ଲାର ସଂଯୁକ୍ତା ଦାସ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଛନ୍ତି। ଦେଶର ୧୯ଟି ରାଜ୍ୟରୁ ମୋଟ ୮୫୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସଂଯୁକ୍ତା ଫ୍ରିଷ୍ଟାଇଲ ବ୍ୟକ୍ତିଗତ ପୁମସେରେ ସ୍ୱର୍ଣ୍ଣ ଏବଂ ଟିମ୍ ପୁମସେ ବାଳିକା ବିଭାଗରେ ରୌପ୍ୟ ପଦକ ହାସଲ କରି ଜିଲ୍ଲାର ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତାରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଓ କେୱାରିୟର ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ କୁନୁ ସାର୍ ଶୁଭକାମନା ଜଣାଇଛନ୍ତି। ସଂଯୁକ୍ତା ଓଡିଶା ଟଏକ୍ୱୋଣ୍ଡୋ ଅସୋସିଏସନ ଆନୁକୂଲ୍ୟରେ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ କ୍ୟାଡେଟ କ୍ୟୁରୋଗୀ ଏବଂ ପୁମସେ ପ୍ରତିଯୋଗୀତା ୨୦୨୫ରେ ଭାଗନେଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ପରେ ନ୍ୟାସନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେ କେନ୍ଦୁଝରର ରବିନ୍ଦ୍ର ବିଦ୍ୟା ନିକେତନ ସ୍କୁଲର ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସଂଯୁକ୍ତା କେନ୍ଦୁଝର ଜିଲ୍ଲାର ବରିଷ୍ଠ ଶିକ୍ଷାବିତ୍, ଦକ୍ଷ କ୍ରୀଡ଼ାବିତ୍ ଏବଂ ଦକ୍ଷ କ୍ରୀଡ଼ା ସଂଗଠକ ସ୍ୱର୍ଗତ ବିରଞ୍ଚି ନାରାୟଣ ଦାସଙ୍କ ନାତୁଣୀ ତଥା କେନ୍ଦୁଝର ଜିସିଇ ଆସୋସିଏଟ ପ୍ରଫେସର ଡା. ସୁବ୍ରତ ନାରାୟଣ ଦାସ ଓ ଶାଶ୍ୱତୀ ଦାସଙ୍କ କନ୍ୟା। ଗତ ଦୁଇବର୍ଷରୁ କେନ୍ଦୁଝର କେୱାରିୟର ଟାଇକ୍ୱୋଣ୍ଡୋ ଏକାଡେମୀ ମୁଖ୍ୟପ୍ରଶିକ୍ଷକ କୁନୁସାର୍‌ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ଆସୁଛନ୍ତି। ଜାତୀୟ ସ୍ତରରେ ଏହି ସଫଳତା ପାଇଁ ପରିବାର ବର୍ଗ ଜିଲ୍ଲା ତଥା ରାଜ୍ୟ ବାହାରୁ ସାଙ୍ଗସାଥୀ, ଶିକ୍ଷକଶିକ୍ଷୟିତ୍ରୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।



### ପ୍ରତିଶ୍ରୁତି ରକ୍ଷା କରିବାରେ ରାଜ୍ୟ ସରକାର ବିଫଳ

# ପୁଣି ଆଣ୍ଠେଇ ଆଣ୍ଠେଇ ପ୍ରତିବାଦ କରିବେ ସେବାୟତ

ବାରିପଦା,୨୭।୧୧(ସମିସ):



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ସମ୍ପତ୍ତିର ପୁନରୁଦ୍ଧାର ହେଉ ନ ଥିବାରୁ ସେବାୟତଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଠାକୁରଙ୍କ ରୀତିନୀତିକୁ ନେଇ ଉପୁଜୁଥିବା ସମସ୍ୟାର ସମାଧାନ କରୁ ନ ଥିବା ବେଳେ ବେଆଇନ ଭାବେ ଠାକୁରଙ୍କ ସମ୍ପତ୍ତିକୁ ଠିକ

## ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କଲେ ପୂଜକ କାମେଶ୍ୱର ତ୍ରିପାଠୀ

ଭାବେ ପରିଚାଳନା କରିବାରେ ଅବହେଳା ପ୍ରଦର୍ଶନ କରିବାରେ ଲାଗିଛନ୍ତି ; ଯାହାକୁ ନେଇ ସରକାରଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତିରେ ଅଟକି ରହିଛି। ତ୍ୱରିତ ଭାବରେ ସମାଧାନ କରା ନ ଗଲେ ଡିସେମ୍ବର ପହିଲାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେବାୟତମାନେ ଅଭିନବ ଉପାୟରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନମନ୍ତ୍ରୀ, ରାଜ୍ୟସଭା ସଦସ୍ୟା, ମୟୂରଭଞ୍ଜ ସାଂସଦ, ବାରିପଦା ବିଧାୟକ, ଦେବୋତ୍ତର ଆୟୁକ୍ତ, ଜିଲ୍ଲାପାଳ, ଏସପି ଏବଂ ଦେବୋତ୍ତର ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଯେ, ବାରିପଦା ସ୍ଥିତ ବଡ଼ ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ରାଜାରାଜୁଡ଼ା ସମୟରେ ଜମି ପ୍ରଦାନ କରାଯାଇଛି। ଏହି ଜମିଗୁଡିକର ଠିକ ପରିଚାଳନା ହେଉ ନ ଥିବାରୁ ମନ୍ଦିର ପରିଚାଳନାରେ ଆର୍ଥିକ ସମସ୍ୟା ଉପୁଜିବାରେ ଲାଗିଛି। ଏକ ହଜାର ଏକର ଜମିରେ କାଜୁ ଚାଷ ପାଇଁ ନିଲାମ ହୋଇଥିବା ଜମିର ଲିଜ୍‌କୁ ନବୀକରଣ କରାଯାଉନାହିଁ। ଫଳରେ ଏକର ପିଛା ୧୫ ହଜାର ଟଙ୍କା ଦେବାକୁ ଲିଜଧାରୀ ଅମଙ୍ଗ ହେଉଥିବା ବେଳେ ସେହି ସ୍ଥାନରୁ ୨ ଲକ୍ଷ ଟଙ୍କା କାଜୁ ଚାଷରୁ ଆୟ ହେଉଛି। ଏପରିକି ୨୦୧୯ରେ କାଜୁ ନିଗମର ଲିଜ ଅବଧି ଶେଷ ହୋଇଥିଲେ ମଧ୍ୟ ନବୀକରଣ ନିମନ୍ତେ ସରକାରୀ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଦେବୋତ୍ତର ବିଭାଗରେ ଦେଢ କୋଟି ଟଙ୍କା ଋଣରେ ବସିଥିବା ବେଳେ ୪୦ ଲକ୍ଷ ଦେଣ ଥିବା ଦୋକାନୀ ଜିନିଷ ଦେବାକୁ ଅମଙ୍ଗ ହେଉଛି। ଫଳରେ ବାରମ୍ବାର ଠାକୁରଙ୍କ ରୀତିନୀତିରେ ବାଧା ଉପୁଜିବାରେ ଲାଗିଛି। ଦେବୋତ୍ତ ବିଭାଗର ଜମିକୁ ଅସାମାଜିକ ବ୍ୟକ୍ତିମାନେ ଜବରଦଖଲରେ ରଖିଥିବାବେଳେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉନାହିଁ। ମନ୍ଦିର ପାଇଁ ସ୍ଥାୟୀ ଅଫିସର ଓ ଅଧିକ ସେବାୟତ ନିଯୁକ୍ତି କରିବା ସହିତ ପରିଚାଳନା ପାଇଁ ୫୦ କୋଟିର ଅନୁଦାନ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଉପରୋକ୍ତ ସମସ୍ୟାକୁ ନେଇ ପୂଜକ କାମେଶ୍ୱର ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ସହିତ ବାରମ୍ବାର ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାକୁ ନେଇ ସମସ୍ତେ ପ୍ରତିଶ୍ରୁତି ଦେଇଚାଲିଥିବା ବେଳେ ଏହାର ପାଣିର ଗାର ସଦୃଶ ହୋଇପଡିଛି। ଫଳରେ ମନ୍ଦିରର ନୀତିକାନ୍ତି ବନ୍ଦ ହେବାକୁ ନେଇ ଆଶଙ୍କା ଉପୁଜିବାରେ ଲାଗିଛି। ତିନିଦିନ ମଧ୍ୟରେ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସେବାୟତମାନେ ହାତରେ ଦୀପଜାଳି ଆଣ୍ଠେଇ ଆଣ୍ଠେଇ ଅହିଂସାତ୍ମକ ପ୍ରତିବାଦ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂଜକ ଅରୁଣ କୁମାର ମିଶ୍ର, ଦେବକାନ୍ତ ପଣ୍ଡା, ଚଣ୍ଡୀ ପ୍ରସାଦ ଦାଶ, ପ୍ରଦୀପ କୁମାର ପଣ୍ଡା, ସେବାୟତ ଅମିତ କୁମାର ମିଶ୍ର ଓ ଶଶିଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

● ମୟୂରଭଞ୍ଜରେ ହାଡ଼ଭଙ୍ଗା ଶୀତ

## ଶିମିଳିପାଳର ୟୁବିକେରେ ପୁଣି ୩ ଡିଗ୍ରୀ

ବାରିପଦା, ୨୭।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଶୀତର ଲହରୀ ବୃଦ୍ଧି ପାଇଛି। ଶିମିଳିପାଳର ଉପରବାରାହାକାମୁଡା (ୟୁବିକେ) ପାରଦ ୩ ଡିଗ୍ରୀକୁ ଖସିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଜିଲ୍ଲାର ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ରୁ ୧୫ଡିଗ୍ରୀ ରହୁଥିବା ବେଳେ ଗତ ୨୪ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଗୁରୁବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାରହାକାମୁଡା ରେଞ୍ଜରେ ୩ଡିଗ୍ରୀ, ଚହଲା ରେଞ୍ଜରେ ୫ଡିଗ୍ରୀ, ବରେହିପାଣିରେ ୭ଡିଗ୍ରୀ, ଗୁଡୁଗୁଡିଆରେ ୮ଡିଗ୍ରୀ, ରାମତୀର୍ଥ ଓ କିଆଝରୀରେ ୧୨ଡିଗ୍ରୀ ଓ ସାତକୋଶିଆରେ ୧୩ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ୧୨ଦିନ ପୂର୍ବରୁ ସର୍ବନିମ୍ନ ୩ଡିଗ୍ରୀ ତାପମାତ୍ରା ରେକର୍ଡ ପରାଯାଇଥିବା ବେଳେ ଚଳିତ ବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା। ସେହିପରି ବାରିପଦା ସହରରେ ତାପମାତ୍ର ଦିନକୁ ଦିନ ଖସିବାରେ ଲାଗିଛି। ରାତି ଓ ବଡିଭୋରୁ କୁହୁଡ଼ି ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି।

## ବ୍ରାହ୍ମଣମରା ଗାଁରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ବିଦ୍ୟୁତ ଯନ୍ତ୍ରାଂଶ ଚୋରି

ବାରିପଦା, ୨୭ ।୧୧(ସମିସ): ବ୍ରାହ୍ମଣମରା ଗ୍ରାମ ଅଞ୍ଚଳରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଦ୍ୟୁତ ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ଟିପିଏନଓଡିଏଲ ରଘୁନାଥପୁର ସେକ୍ସନ କନିଷ୍ଠ ଯନ୍ତ୍ରୀ କ୍ଷୀତିଶ ଚନ୍ଦ୍ର ଜେନା ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନକୁ ଲାଇନ ମ୍ୟାନ ଓ ଅନ୍ୟ କର୍ମଚାରୀ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ସ୍ୱାନ ଓ କଣ୍ଡକ୍ଟର ଆଦି ସାମଗ୍ରୀ ଚୋରି ନେଇ ଜାଣିଥିଲେ। ଫଳରେ ଉକ୍ତ ଅଞ୍ଚଳର ୧୪ଗ୍ରାମର ପ୍ରାୟ ୧୨୦୦ଟି ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏନେଇ ସେ ବାରିପଦା ସଦର ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

■ ଠିକାଦାର ଲାଇସେନ୍ସ ପାଇଁ ଫି' ୫.୯୩ ଲକ୍ଷ ଟଙ୍କା ଆତ୍ମସାତ ଘଟଣା

## ପୂର୍ବତନ କନିଷ୍ଠ କିରାଣିଙ୍କୁ ୩ ବର୍ଷ ଜେଲ୍; ବନ୍ଦ ହେବ ପେନସନ୍

ବାରିପଦା, ୨୭ ।୧୧(ସମିସ): ବାରିପଦା ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ପକ୍ଷରୁ ସରକାରୀ ଅର୍ଥ ଆତ୍ମସାତ କରିବା ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ବିଚାରପତି ପୂର୍ଣ୍ଣିମା ଜେନା ମାମଲାର ବିଚାର କରି ଜଣେ ପୂର୍ବତନ କନିଷ୍ଠ କିରାଣୀଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ଏହା ସହିତ ୬୦ହଜାର ଟଙ୍କା ଲେଖାଏଁ ଜରିମାନା କରିଥିବା ବେଳେ ଜରିମାନା ଅନାଦେୟ ଅଧିକ ୩ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ନରଣପୁର ଅଞ୍ଚଳର ଗୌରହରି ପାତ୍ର। ସେ ବାରିପଦା ସ୍ଥିତ ସୁବର୍ଣ୍ଣରେଖା ପ୍ରକଳ୍ପର ପୂର୍ବତନ କନିଷ୍ଠ କିରାଣୀ ଥିଲେ। ଗତ ୨୦୦୯ ମସିହାରେ ଠିକାଦାର ଲାଇସେନ୍ସ କରିବା ପାଇଁ ଫି' ବାବଦକୁ ୫ଲକ୍ଷ ୯୩ହଜାର ଟଙ୍କା ଆତ୍ମସାତ କରିଥିଲେ। ଏ ନେଇ ଅଭିଯୋଗକ୍ରମେ ତାଙ୍କ ନାମରେ ଭିଜିଲାନ୍ସ ବିଭାଗରେ ମାମଲା ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ପରେ ଗୌରହରିଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି।

ତେବେ ସେ ଚାକିରିରୁ ଅବସର ଗ୍ରହଣ କରିଥିବା ବେଳେ ତାଙ୍କର ପେନସନ ଟଙ୍କା ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ଭିଜିଲାନ୍ସ ବିଭାଗପତ୍ର ଯୋଗେ ସୂଚିତ କରିଛନ୍ତି। ଉକ୍ତ ମାମଲାକୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଦୀପକ କୁମାର ସେଠୀ ପରିଚାଳନା କରୁଥିଲେ।

## ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଖୁଣ୍ଟ, ୨୭।୧୧(ସମିସ): ଶୁକ୍ରୁଳି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ବ୍ଲକ୍ ସ୍ତରୀୟ ଏକ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନତାରା ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଶୁକ୍ରୁଳି ବିଡିଓ ବ୍ରହ୍ମାନନ୍ଦ ବେହେରା, ମୁଖ୍ୟ ବକ୍ତା ଭାବେ ଶୁକ୍ରୁଳି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସିଂ ତଥା ସମ୍ମାନିତ ଅତିଥି ଭାବେ ଶୁକ୍ରୁଳି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ବ୍ଲକ୍ ବିଜ୍ଞାନ ସଂଯୋଜକ କେଦାରନାଥ ମହାନ୍ତ ଓ ବିଦ୍ୟୁତ ପ୍ରଭା ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ମନୋବୃତ୍ତିର ଉଦ୍ରେକ ଲାଗି ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବ୍ଲକର ୧୦୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ପ୍ରଦୀପ ମହାନ୍ତ, ସପନ ମହାନ୍ତ, ବିନୟ ମହାନ୍ତ ଓ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷୟିତ୍ରୀ କ୍ଷୀରମଣି ମହାନ୍ତ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ।



ଉଦଯାପନୀ ସଭାରେ ବ୍ଲକ୍ ଅଧକ୍ଷା କବିତା ମଞ୍ଜରୀ ନାୟକ ଯୋଗଦେଇ ଶ୍ରେଷ୍ଠ ବିବେଚିତ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ବିବେଚିତ ୭ଟି ସବ୍‌ଥିମ୍ ମଧ୍ୟରୁ ସର୍ବଶ୍ରେଷ୍ଠ କୃତିତ୍ୱ ହାସଲ କରିଥିବା ୩ ଜଣ ଛାତ୍ରଛାତ୍ରୀଙ୍କୁ ୩୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା।

## ଚାକିରି ଦେବା ଆଳରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ

ବାରିପଦା, ୨୭ ।୧୧(ସମିସ): ଚାକିରି ଦେବା ଆଳରେ ଜଣେ ଯୁବକଙ୍କଠାରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ବାରିପଦା ଟାଉନ ଥାନା ଅନ୍ତର୍ଗତ ଦେଉଳସାହିର ବିଶ୍ୱଜିତ ଦାସ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ସ୍ଥାନରୁ ମେଲ ଯୋଗେ ଚାକିରି ଅଫର ଆସିଥିଲା। ଯାହାକୁ ନେଇ ତାଙ୍କୁ ବାଏଡାଟା ପ୍ରଦାନ କରିଥିଲେ। ଏହାପରେ ସେ ତାଙ୍କୁ ପଞ୍ଜିକରଣ ନିମନ୍ତେ ଟଙ୍କା ମାଗିଥିଲେ। ପ୍ରଥମେ ୧,୮୪,୩୧୧ ଟଙ୍କା ଦେଇଥିଲେ। ଏହାପରେ ପର୍ଯ୍ୟାୟକ୍ରମରେ ସମୁଦାୟ ୨,୯୬,୫୧୧ ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ନେବା ପରେ ଠକ ମାନେ କିନ୍ତୁ ତାଙ୍କୁ ଚାକିରୀ ବାବଦ ଆଉ ଯୋଗାଯୋଗ କରିନଥିଲେ। ସେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସାଇବର ଠକାମିର ଶିକାର ହୋଇଥିବା ଜାଣିବା ପରେ ନ୍ୟାୟ ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ତାଲା ବନ୍ଦ ଘରୁ ଅଳଙ୍କାର ଓ ଟଙ୍କା ଚୋରି

ରାଇରଙ୍ଗପୁର/ଯଶିପୁର,୨୭।୧୧(ସମିସ): ଯଶିପୁର ଥାନା ଅଞ୍ଚଳରେ ଏକ ତାଲା ବନ୍ଦ ଘରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏନେଇ ପଦ୍ମପୁର ଗ୍ରାମର ସମରେନ୍ଦ୍ର କୁମାର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ ବଜାର ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଘରେ ଥିବା ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବୁଢ଼ାମରା ଗ୍ରାମରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ରାଇରଙ୍ଗପୁର/ଗୋରୁମହିଷାଣୀ, ୨୭।୧୧(ସମିସ): ଗୋରୁମହିଷାଣୀ ଥାନା ଅଞ୍ଚଳରେ ଏକ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଏବଂ ଟଙ୍କା ଚୋରି କରିଛନ୍ତି। ଚଢେଇପାହାଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୁଢାମରା ଗ୍ରାମର ସବାନ ମୁର୍ମୁଙ୍କ ଘରୁ ଚୋରି ନେଇ ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ଆଲମାରୀ ତାଲା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଏବଂ ୩୫ ହଜାର ଟଙ୍କା ଚୋରି କରିନେଇ ପଳାଇଛନ୍ତି। ସେ ଘରକୁ ଫେରିବା ପରେ ଚୋରି ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/କରଞ୍ଜିଆ,୨୭।୧୧(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ କରଞ୍ଜିଆ ଥାନା ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ଚାଳକ ଫେରାର ହୋଇଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଦେଓ ନଦୀ କୂଳ ଭଅଁରା ଗ୍ରାମରୁ ବାଲି ମାଫିଆ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ଖବର ପାଇ ପୁଲିସ ଚଢ଼ଉ କରିଥିଲେ। ଟ୍ରାକ୍ଟର ଗାଡିକୁ ଅଟକାଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ପୋଲିସ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## କୃଷି ମହାବିଦ୍ୟାଳୟ ପାଇଁ ଜମି ଚିହ୍ନଟ

ରାଇରଙ୍ଗପୁର, ୨୭।୧୧(ସମିସ): ରାଇରଙ୍ଗପୁରରେ କେନ୍ଦ୍ରୀୟ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଜମି ଚିହ୍ନଟ କରିଛନ୍ତି। ପ୍ରତିନିଧି ଦଳରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୂଚାରୁ କୁମାର ବଳ, କୃଷି ମହାବିଦ୍ୟାଳୟ ଅଧକ୍ଷ, ସମ୍ପ୍ରସାରଣ ଅଧିକାରୀ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ, ବାମନଘାଟି ଉପଖଣ୍ଡର ସମସ୍ତ ତହସିଲଦାର, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟିମ୍ ବହଳଦା ବ୍ଲକର ଅଁଳାଯୋଡ଼ି, ଜାମଦା ବ୍ଲକ୍‌ର ଗୋପୀନାଥପୁର ଓ କୁସୁମା ବ୍ଲକର ଚିଙ୍ଗୁଡ଼ିପୋଖରୀ ଏବଂ ଦଲକି ନିକଟରେ ଜମି ଚିହ୍ନଟ କରିଛନ୍ତି। ଡିପିଆର ଅନୁଯାୟୀ ଜମି ଚୂଡାନ୍ତ କରାଯାଇ କୃଷି ମହାବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

## ସିରିଡ଼ି ସାଇଙ୍କ ବିଗ୍ରହ ପ୍ରତିଷ୍ଠା ଓ କଳସ ଯାତ୍ରା

ରାସଗୋବିନ୍ଦପୁର,୨୭।୧୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅମର୍ଦାଠାରେ ସିରିଡ଼ି ସାଇ ବାବାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମହିଳା ଶ୍ରଦ୍ଧାଳୁମାନେ ପୋଖରୀରୁ ପାଣି ଉଠାଇ ଏକ କଳସଯାତ୍ରାରେ ଆସି ବାବାଙ୍କ ମସ୍ତକରେ ଢାଳିଥିଲେ। ଗାଁରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗତ ୨୦୨୧ ମସିହାରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା। ଦୀର୍ଘ ଦିନ ପରେ



ବାବାଙ୍କ ମୂର୍ତ୍ତି ଆଣି ପ୍ରତିଷ୍ଠା କରାଯାଇଛି। ଗତ ୨୬ରେ ବାସ୍ତୁପୂଜା, ୨୭ରେ ନେତ ଉତ୍ସବ ଓ ବାବାଙ୍କ ବିଗ୍ରହ ପ୍ରତିଷ୍ଠା, କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ୨୮ରେ ଭାଗବତ ପାରାୟଣ ଏବଂ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସାଇ ପରିବାରର ସଦସ୍ୟ ଅତୁଲ କୁମାର ମହାନ୍ତି, ପରେଶ ପରିଡା, ସୁଭାଷ ଚନ୍ଦ୍ର ଗିରି, ଗୋଡିକୃଷ୍ଣ କର, ସୁବ୍ରତ ପୁଷ୍ଟି, ମଧୁସୂଦନ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଚିକିଟାମାଟିଆ ବାଳକ ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା

# ହଷ୍ଟେଲ ପାଚେରି ଡେଇଁ ପଳାଇଥିବା ୪ ଛାତ୍ର ଜଙ୍ଗଲରୁ ଉଦ୍ଧାର

ମୋରଡା,୨୭।୧୧(ସମିସ):

ଏକ ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ୪ ଜଣ ଛାତ୍ର ହଷ୍ଟେଲ ପାଚେରୀ ଡେଇଁ ପଳାଇଥିବାବେଳେ ପୁଲିସ ସେମାନଙ୍କୁ ଧାତିକା ଜଙ୍ଗଲରୁ ଉଦ୍ଧାର କରିଛି। ମୋରଡା ଥାନା ଅଧୀନ ଚିକିଟାମାଟିଆ ବାଳକ ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୫୭ ଜଣ ଛାତ୍ର ହଷ୍ଟେଲ ରହି ପାଠ ପଢୁଛନ୍ତି। ଏହି ବିଦ୍ୟାଳୟର ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିଛନ୍ତି ଜ୍ୟୋତ୍ସ୍ନା ମୁର୍ମୁ। ଗୁରୁବାର ସକାଳେ ହଷ୍ଟେଲର ପ୍ରଥମ ଶ୍ରେଣୀର ଜଣେ, ଦ୍ୱିତୀୟ ଶ୍ରେଣୀର ୨ ଜଣ ଏବଂ ଷଷ୍ଠ ଶ୍ରେଣୀର ଜଣେ ଛାତ୍ର କୌଣସି କାରଣ ବଶତଃ ହଷ୍ଟେଲ ପାଚେରୀ ଡେଇଁ ଜଙ୍ଗଲ ରାସ୍ତା ହୋଇ ଶୁଳିଆପଦା ଥାନା ଅଧୀନ ଧାତିକା କେନାଲ ରାସ୍ତାରେ ପହଞ୍ଚିଥିଲେ। ଧାତିକା ପୂର୍ବତନ ମିନତୀ ସୋରେନ ସେମାନଙ୍କୁ କେନାଲ ନିକଟରେ ଦେଖି ସନ୍ଦେହ କରି ପଚରାଉଚୁରା କରିଥିଲେ; ହେଲେ ୪ ଜଣ ଛାତ୍ର କିଛି କହିନଥିଲେ। ପରେ ସେ ଚାରିଜଣ ଛାତ୍ରଙ୍କୁ ନିଜ ଘରକୁ ଆଣି ଶୁଳିଆପଦା ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ଛାତ୍ରଙ୍କୁ ଥାନାକୁ ଆଣିଥିଲେ। ଏବାବଦରେ ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କୁ ପଚାରିବାରୁ ଚାରିଜଣ ଛାତ୍ର ଶୁଳିଆପଦା ଥାନା ଅଞ୍ଚଳର ଏବଂ ସେମାନେ ହଷ୍ଟେଲରୁ ଚାଲି ଆସିବାର କାରଣ କହୁନାହାନ୍ତି। ତେଣୁ ପରବର୍ତ୍ତୀ ସମୟରେ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି। ତେବେ ଏହି ନାବାଳକ ଛାତ୍ରମାନେ ପାଚେରୀ ଡେଇଁ ପଳାଇ ଆସିବାକୁ ନେଇ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୃଷ୍ଣକୁମାର ଲେଙ୍କାଙ୍କୁ ପଚାରିବାରୁ ସକାଳ ଜଳଖିଆ ଖାଇ ସାରି ପାଚେରୀ ଡେଇଁ ପଳାଇଥିବା ସେ ସ୍ୱୀକାର କରିବା ସହିତ ପିଲାଙ୍କୁ କ'ଣ ସବୁବେଳେ ଜଗି ରହିବା ସମ୍ଭବ ବୋଲି କହି ହଷ୍ଟେଲ କର୍ତ୍ତୃପକ୍ଷ ତଥା ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଜ୍ୟୋତ୍ସ୍ନା ମୁର୍ମୁଙ୍କୁ ଘଣ୍ଟ ଘୋଡଡାଇଥିଲେ। ଘଟଣା ବାବଦରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କୁ ପଚାରିବାରୁ ପାର୍ବତୀ ହାଁସଦାଙ୍କୁ ନୂତନ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ତାଙ୍କୁ ଆସନ୍ତାକାଲି ତଦନ୍ତ କରିବା ପାଇଁ କୁହାଯିବ ବୋଲି କହିଥିଲେ।

## ଅବକାରୀ କନେଷ୍ଟବଲଙ୍କ ସ୍ତ୍ରୀଙ୍କ ଝୁଲନ୍ତା ଶବ ଉଦ୍ଧାର

ଆନନ୍ଦପୁର, ୨୭।୧୧ (ସମିସ): ଆନନ୍ଦପୁର ପୌରାଞ୍ଚଳ ଖପରଖାଇରେ ଭଡ଼ାଘରେ ରହି କେନ୍ଦୁଝର ଅବକାରୀ ବିଭାଗରେ କନେଷ୍ଟବଳ ଭାବେ ଚାକିରି କରିଥିବା ମିଥୁନ ଜେନାଙ୍କ ସ୍ତ୍ରୀ ସୁଭଦ୍ରା ଜେନାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ଗୁରୁବାର ସକାଳ ୭ଟା ସମୟରେ ଖବର ଜଣାପଡ଼ିବା ପରେ ଘସିପୁରା ପୁଲିସ ପ୍ରାଥମିକ ତଦନ୍ତ କରିଥିଲା। ପରେ ମୃତଦେହକୁ ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିବା ବେଳେ ମୃତ୍ୟୁର କାରଣକୁ ନେଇ ସନ୍ଦେହ ପ୍ରକାଶ ପାଇଛି।



ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ସୋସୋ ଥାନା ମୌଦା ଗ୍ରାମର ମିଥୁନ ବରାଙ୍ଗ ଗ୍ରାମର ସୁଭଦ୍ରାଙ୍କୁ ଭଲପାଇ ବିବାହ କରିଥିଲେ। ପରେ ଖପରାଖାଇରେ ଭଡା ଘରେ ରହି କେନ୍ଦୁଝରରୁ ଯିବାଆସିବା କରୁଥିଲେ ମିଥୁନ। ସ୍ତ୍ରୀ ଅସୁସ୍ଥ ଦର୍ଶାଇ ଗତ ବୁଧବାର ଦିନ ଛୁଟିରେ ଆସିଥିଲେ ମିଥୁନ। ଗୁରୁବାର ସନ୍ଦେହଜନକ ଭାବେ ମୃତଦେହ ଝୁଲୁଥିବା ବେଳେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ସାହାରପଡ଼ା ବ୍ଲକ୍ ଠିକାଦାର ସଂଘର ବୈଠକ



ତୁରୁମୁଙ୍ଗା, ୨୭।୧୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଠିକାଦାର ସଙ୍ଘର ଏକ ଜରୁରୀ ବୈଠକ ସାହାରପଡାଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦିପୁ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ବାହାର କଣ୍ଟ୍ରାକ୍ଟରକୁ ତୀବ୍ର ବିରୋଧ କରାଯିବ ସହ ସବୁବେଳେ ନିମ୍ନମାନର କାମ କରାଯାଉଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ବାହାରୁ ଆସୁଥିବା କଣ୍ଟ୍ରାକ୍ଟରମାନେ ବହୁ ପ୍ରକଳ୍ପ ଅଧାଖଣ୍ଡିଆ କରି ଛାଡି ଚାଲି ଯାଉଥିବାରୁ ବ୍ଲକରେ ଉନ୍ନୟନ କାର୍ଯ୍ୟ ଅଧୁରା ରହୁଥିବା ସଂଘ ସଭାପତି ଅଭିଯୋଗ କରିଥିଲେ। ବ୍ଲକ ଟେଣ୍ଡରରେ ଅଧିକାଂଶ ସମୟରେ ଠିକ ସମୟରେ ବିଲ୍ ମିଳୁ ନଥିବାରୁ ଏନେଇ ଉପରିସ୍ଥ ଅଧିକାରୀଙ୍କଠାରେ ଦାବି ରଖିବାକୁ ନିଷ୍ପତ୍ତି ହୋଇଥିଲା। ଠିକାଦାରଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଠିକାଦାର ସଙ୍ଘର ସମ୍ପାଦକ ଗୋବିନ୍ଦଚନ୍ଦ୍ର ମହାନ୍ତ ପ୍ରକାଶ କରିଥିଲେ। ଠିକାଦାର ହୃଷୀକେଶ ମହାନ୍ତ ପରିଚାଳନା କରିଥିବା ବେଳେ ଠିକାଦାର ବିମଳ ଭୂଷଣ ମହାନ୍ତ, ଜଗଦିଶ ସିଂ, ଦିବାକର ମହାନ୍ତ, ପ୍ରହଲ୍ଲାଦ ମହାନ୍ତ, ପିଣ୍ଟୁ ରାଜ ଓ ଦିଗାମ୍ବର ମହାନ୍ତ ସହଯୋଗ କରିଥିଲେ।

## ପଦ୍ମଶ୍ରୀ ବାବା ବଳିଆଙ୍କ ପରିବେଶ ସଚେତନତା



ଆନନ୍ଦପୁର, ୨୭।୧୧ (ସମିସ): ଘସିପୁରା ବ୍ଲକ କେଶଦୁରାପାଳସ୍ଥିତ ତକ୍ଷଶୀଳା ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ପଦ୍ମଶ୍ରୀ ବାବା ବଳିଆ ଓ ବିଦ୍ୟାଳୟର ପ୍ରବନ୍ଧନ କମିଟି ଆକାଶ ରଥଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କରାଯାଇଛି। ମାନବ ଜୀବନରେ ଏହାର ଉପକାରିତା ସମ୍ପର୍କରେ ବାବା ବଳିଆ ଆଲୋକପାତ କରିଥିଲେ। କୁନିକୁନି ଛାତ୍ରଛାତ୍ରୀଙ୍କ ପାଖରେ ବସି ସେମାନଙ୍କ ଜୀବନରେ କିଭଳି ଭାବେ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ହେବ ସେ ସମ୍ପର୍କରେ ଅନେକ ଉପାଦେୟ ବାର୍ତ୍ତା ଦେଇ ଆଧ୍ୟାତ୍ମିକ ରାସ୍ତାରେ ଅଗ୍ରସର ହେବାପାଇଁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଜେଶ୍ରୀ ଦଧିବାମନଜୀଉ ମନ୍ଦିର କମିଟିର ସମସ୍ତ ସଦସ୍ୟ ସହ କେଶଦୁରାପାଳ ଗ୍ରାମବାସୀ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଟ୍ରାକ୍ଟର ଦୁର୍ଘଟଣାରେ ଚାଳକ ମୃତ

ତୁରୁମୁଙ୍ଗା, ୨୭।୧୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ହାଣ୍ଡିଆଶୀଳ ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରାକ୍ଟର ଗୁରୁବାର ସନ୍ଧ୍ୟାରେ ଓଲଟି ପଡିବାରୁ ଇଞ୍ଜିନ ତଳେ ଚାପି ହୋଇ ଚାଳକ ଗୋହିରା ଗ୍ରାମର ଆକାଶ ମହାନ୍ତ(୧୭)ଙ୍କ ମୃତ୍ୟୁ ଘଟିଛି। ସେ ଟ୍ରାକ୍ଟର ଚଳାଇ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ସାହାରପଡା ଫାଣ୍ଡି ଅଧିକାରୀ ପାର୍ତ୍ତ ଓରାମ ମୃତଦେହ ଓ ଟ୍ରାକ୍ଟରକୁ ଜବତ କରି ଘଟଣାର ତଦନ୍ତ କରୁଛନ୍ତି।

## ଆନନ୍ଦପୁରରେ ନୂଆ ଲୋକସମ୍ପର୍କ ଅଧିକାରୀ



ଆନନ୍ଦପୁର, ୨୭।୧୧(ସମିସ): ଆନନ୍ଦପୁର ଉପଖଣ୍ଡରେ ନୂଆ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦୀପାଳି ପ୍ରିୟଦର୍ଶିନୀ ନାୟକ ଗୁରୁବାର ଯୋଗ ଦେଇଛନ୍ତି। ସେ ଆଜି ଆନନ୍ଦପୁରରେ ପହଞ୍ଚିବା ପରେ ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ସାକ୍ଷାତ କରି ନିଜ ଦାୟିତ୍ୱ ଗ୍ରହଣ କରିଥିଲେ। ଗତ ୨୦୧୯ରୁ ଏହି ପଦ ଖୋଲା ପଡ଼ିଥିଲା। ନୂତନ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ ପରେ ଆନନ୍ଦପୁର ଗଣମାଧ୍ୟମର ପ୍ରତିନିଧିମାନେ କାର୍ଯ୍ୟାଳୟରେ ସାକ୍ଷାତ କରି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଆନନ୍ଦପୁର,୨୭।୧୧(ସମିସ): ଘଷିପୁରା ଥାନା ରାଧିକାଦେଇପୁର ପଞ୍ଚାୟତ କୋଲ୍ଲବେଡା ଗାଁର ସାକ୍ର ମୁର୍ମୁ (୬୨)ଙ୍କ ମୃତଦେହ ଉଦ୍ଧାର ହୋଇଛି। ପୁଅ ବୋହୂ ନ ପଚାରିବାରୁ ଘର ଛାଡ଼ି ଖାଲିଆମେଣ୍ଟା ହାଟପିଣ୍ଡିରେ ଦୀର୍ଘଦିନ ଧରି ଭିକମାଗି ପେଟ ପୋଷୁଥିଲେ। ଗତକାଲି ରାତିରେ ଅସହ୍ୟ ଥଣ୍ଡା ଯୋଗୁଁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ପୁଅକୁ ଜଣାଇବା ପରେ ସେ ମା'ର ସତ୍କାର ପାଇଁ ମନା କରିବା ପରେ ମୃତଦେହ ସେମିତି ହାଟପିଣ୍ଡିରେ ପଡ଼ି ରହିଥିଲା। ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ଜେନା ଏ ସଂକ୍ରାନ୍ତରେ ଖବର ପାଇ ତାଙ୍କ ବାପ ଘର ଗୌଡ଼ଶୀଙ୍ଗା ଗାଁର ତାଙ୍କୁ ପୁତୁରା ଦାମ କିସ୍କୁଙ୍କୁ ଜଣାଇଥିଲେ। ପରେ ସନ୍ଧ୍ୟାରେ ଶବ ସତ୍କାର ହୋଇଥିଲା।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୬୬୦: ଲଣ୍ଡନରେ ଦ ରୟାଲ ସୋସାଇଟିର ଗଠନ।
- ୧୮୧୪: ଦ ଟାଇମ୍ସ ଅଫ୍ ଲଣ୍ଡନକୁ ପ୍ରଥମଥର ସ୍ୱଚାଳିତ ପ୍ରିଣ୍ଟିଂ ମେସିନ୍‌ରେ ଛପାଗଲା।
- ୧୮୯୦: ସମାଜସେବୀ ଜ୍ୟୋତିବା ଫୁଲେଙ୍କ ପରଲୋକ।
- ୧୯୪୫: ସାହିତ୍ୟିକ ଅମର ଗୋସ୍ୱାମୀଙ୍କ ଜନ୍ମ।
- ୧୯୯୬: ଏୟାରବସ୍ ଏ-୩୦୦ ବିମାନକୁ କମାଣ୍ଡ କରିବା ପ୍ରଥମ ମହିଳା ହେଲେ କ୍ୟାପ୍ଟେନ୍ ଇନ୍ଦ୍ରାଣି ସିଂହ ।

# ମେସିନ୍ କାଟୁଛି କେଶ



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଖୁବ୍ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳିଛି, ରାସ୍ତାକଡ଼ରେ ଏକ ମେସିନ୍ ଲୋକଙ୍କର ଖୁବ୍ କମ୍ ସମୟ ମଧ୍ୟରେ କେଶ କାଟି ଦେଉଛି। ଭିଡିଓରେ ଦେଖା ଯାଇଛି, ଜଣେ ଯୁବକ ମେସିନ୍‌କୁ ଟେପର୍ଡ ଫେଡ୍ ହେୟାରକଟ୍ କରିବାକୁ କହିଛନ୍ତି। ମେସିନ୍ ଉତ୍ତରରେ ଯୁବକଙ୍କୁ ମୁଣ୍ଡ ରଖିବାକୁ କହିଛି। ବହୁତ କମ୍ ସମୟ ମଧ୍ୟରେ ସମ୍ପୃକ୍ତ ଯୁବକ ଜଣକ ଯେତେବେଳେ ନିଜ ମୁଣ୍ଡକୁ ମେସିନ୍‌ରୁ ବାହାର କରିଛନ୍ତି, ତାଙ୍କୁ ସଂପୂର୍ଣ୍ଣ ଭାବେ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ଭିଡିଓରେ ଦାବି କରାଯାଇଛି ଯେ, ଏହି ମେସିନ୍ ନରୱେ ରାଜଧାନୀ ଓସ୍‌ଲୋରେ ଲାଗିଛି। ଭିଡିଓରେ ତିନି ଜଣ ଯୁବକ ଜଣକ ପରେ ଜଣେ କେଶ କାଟିଥିବା ଦେଖାଯାଇଛି। ଅନ୍ୟପଟେ ଭିଡିଓର ଶୀର୍ଷକରେ ଲେଖାଯାଇଛି, 'ଆଉ ଅପେକ୍ଷା କରନ୍ତୁ ନାହିଁ। ଏବେ ରାସ୍ତାକଡ଼ରେ କେଶ କାଟିବା ସୁବିଧା ଅଟୋପାଇଲଟ୍ ପର୍ଯ୍ୟାୟରେ ଅଛି। ସେହିପରି ଲୋକଙ୍କୁ ହେୟାର ଷ୍ଟାଇଲିଷ୍ଟ ବିନା ରାସ୍ତାକଡ଼ରେ କେଶ କାଟିବା ସୁଯୋଗ ମିଳିପାରିବ।' ତେବେ ଏହି ଭିଡିଓ ଅସଲି ନୁହେଁ, ବରଂ ଏହାକୁ ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି କୁହାଯାଉଛି। ଇନ୍‌ଷ୍ଟାଗ୍ରାମ ପେଜ୍ ଆକ୍ସ ଡ୍ରପ୍ ଏକ୍ସ ଏଆଇ ଏହାକୁ ତିଆରି କରିଛି। ଏହା ଏଭଳି ଭବିଷ୍ୟବାଦୀ ଏବଂ କାଳ୍ପନିକ ଭିଡିଓ ପୋଷ୍ଟ କରିଥାଏ। ଏହି ଭିଡିଓ ମାଧ୍ୟମରେ ଲୋକଙ୍କ କଳ୍ପନାକୁ ବାସ୍ତବରେ ଦେଖାଇବାକୁ ପ୍ରୟାସ କରାଯାଇଛି। ସେହିପରି ଲୋକେ ବି ଚିନ୍ତା କରୁଛନ୍ତି କ'ଣ ସତରେ ଭବିଷ୍ୟତରେ ଏମିତି ମେସିନ୍ ଆସିବା ସମ୍ଭବ, ଯାହା ମଣିଷଙ୍କ ଭଳି କେଶ କାଟିବ। ଅନ୍ୟପଟେ ଭିଡିଓଟି ସତ ନ ହେଲେ ବି ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, କ'ଣ ଆଗାମୀ ଦିନରେ ମଣିଷର କାମ ମେସିନ୍ କରିବ? ଯଦି ଏଆଇର ପ୍ରଗତି ଏମିତି ଚାଲିବ, ତେବେ ଭବିଷ୍ୟତରେ ମେସିନ୍ ହେୟାର ଷ୍ଟାଇଲିଷ୍ଟଙ୍କ ସ୍ଥାନ ନେବ ଏଥିରେ ଦ୍ୱିମତ ନାହିଁ। ଅନ୍ୟପଟେ ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# 'ବର୍ଡର ୨'
## ନୂଆ ରୂପରେ ଆସିବ 'ସନ୍ଦେଶେ ଆତେ ହେଁ'

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ଫିଲ୍ମର ପ୍ରଯୋଜକ ମୂଳ ଫିଲ୍ମର ଆଇକନିକ୍ ଗୀତ 'ସନ୍ଦେଶେ ଆତେ ହେଁ'କୁ ରିକ୍ରିଏଟ୍ କରିବା ପାଇଁ ଯୋଜନା କରିଛନ୍ତି। ପୂର୍ବରୁ ଏହି ଗୀତକୁ ସୋନୁ ନିଗମ୍ ଓ ଅରିଜିତ୍ ସିଂହ ଗାଇବେ ବୋଲି କୁହାଯାଉଥିଲା। ଏବେ ଏଥିରେ ଆଉ ଜଣେ ଜଣାଶୁଣା ଗାୟକଙ୍କ ଏଣ୍ଟ୍ରି ହୋଇଛି। ପଞ୍ଜାବୀ ଅଭିନେତା ତଥା ଗାୟକ ଦିଲଜିତ୍ ଦୋସାଞ୍ଜ ଏଥିରେ ଗୀତ ଗାଇବେ। ତେବେ ଫିଲ୍ମ ନିର୍ମାତା ଏପରି ଜଣେ ଗାୟକ ଚାହୁଁଥିଲେ ଯାହାଙ୍କଠାରେ ଆଧୁନିକ ଓ ପୁରୁଣା ଗୀତ ସୁଟ୍ କରୁଥିବ। ଏଥିପାଇଁ ଦିଲଜିତ୍‌ଙ୍କୁ ବଛାଯାଇଥିଲା। ଏହି ଗୀତକୁ ବେଶ୍ ବଡ଼ ଆକାରରେ ପ୍ରମୋଟ୍ ମଧ୍ୟ କରାଯିବ। 'ବର୍ଡର ୨'ରେ ସନ୍ନି ଦେଓ୍ୱଲଙ୍କ ସହ ବରୁଣ ଧୱନ, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟୀ, ସୋନମ୍ ବାଜୱା, ମେଘା ରାଣା ପ୍ରମୁଖ ନଜର ଆସିବେ। ଏହା ଆସନ୍ତା ଜାନୁୟାରୀ ୨୩ରେ ମୁକ୍ତିଲାଭ କରିବ।

## ଛିଙ୍କ ରୋକିବା ଭାରି ପଡ଼ିଲା

କିଛି ଲୋକ ସର୍ବସାଧାରଣ ସ୍ଥାନ ତଥା ଆଖପାଖରେ ଲୋକ ଥିଲେ ଛିଙ୍କ ରୋକିବାକୁ ଚେଷ୍ଟା କରିଥାନ୍ତି। ହେଲେ ଏଭଳି କରିବା ବିପଜ୍ଜନକ। କାରଣ ଛିଙ୍କ ଆସିବା ହେଉଛି ଶରୀରକୁ ଜୀବାଣୁ କିମ୍ବା ଧୂଳିକଣିକାରୁ ଶ୍ୱାସନଳୀକୁ ରକ୍ଷା କରିବାର ଏକ ଉପାୟ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ଛିଙ୍କକୁ ରୋକି ବ୍ରିଟେନ୍‌ର ଜଣେ ଯୁବକଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଏହି ଘଟଣା ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍



୨୦୨୩ ମସିହାରେ ଘଟିଥିଲା। ଜଣେ ୩୦ ବର୍ଷୀୟ ଯୁବକ କାର୍ ଚଳାଉ ଥିଲେ। ଏହି ସମୟରେ ଆଲର୍ଜି ଯୋଗୁଁ ତାଙ୍କୁ ଛିଙ୍କ ଆସିଥିଲା। ହେଲେ ଲଜ୍ୟା ଓ ଭୟ ଯୋଗୁଁ ନ ଛିଙ୍କି ତାକୁ ରୋକିବାକୁ ଚେଷ୍ଟା କଲେ। ଏପରିକି ନାକକୁ ବନ୍ଦ କରିବା ସହିତ ପାଟି ମଧ୍ୟ ଖୋଲିଲେ ନାହିଁ। ଏହାପରେ ସେ ଭାବିଲେ ଛିଙ୍କ ଅଟକିଗଲା। ହେଲେ ଗଳାରେ ତାଙ୍କର ଅଚାନକ ଯନ୍ତ୍ରଣା ହେଲା। ତାଙ୍କୁ ଲାଗୁଥିଲା ଯେମିତି ଗଳାରେ କିଛି ଫାଟିଗଲା। ଏହି ସମୟରେ ଶ୍ୱାସକ୍ରିୟାରେ ବି ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡ଼ିଲା। ସେ ତୁରନ୍ତ ଡାକ୍ତରଙ୍କ ପାଖରେ ପହଞ୍ଚିବାରୁ ସେଠାରେ ସିଟି ସ୍କାନ କରାଯିବାରୁ ଯୁବକଙ୍କ ଶ୍ୱାସନଳୀରେ ଛେଦ ହୋଇଯାଇଥିବା ଜଣାପଡ଼ିଲା। ଛିଙ୍କ ଆସିବାରୁ ଯେଉଁ ପବନ ପାଟି ଓ ନାକରୁ ବାହାରକୁ ଆସିବାର ଥିଲା, ତାହା ତାଙ୍କ ଛାତି ଓ ଫୁସ୍‌ଫୁସ୍‌ରେ ଜମା ହୋଇଯାଇଥିଲା। ଛିଙ୍କ ରୋକିବାରୁ ଶ୍ୱାସନଳୀରେ ବାୟୁର ଚାପ ୨୦ ଗୁଣ ଅଧିକ ହେଲା। ଫଳରେ ତାଙ୍କ ଗଳାରେ ଛେଦ ହୋଇଯାଇଥିଲା। ସେହିପରି ଏହି ଛେଦ ଯଦି ବଡ଼ ହୋଇଥାନ୍ତା, ତେବେ ରକ୍ତସ୍ରାବ, ସଂକ୍ରମଣ ନଚେତ ଶ୍ୱାସକ୍ରିୟା ବନ୍ଦ ହୋଇ ଜୀବନ ଯାଇଥାନ୍ତା। ଏହି ଘଟଣା ପରେ ବ୍ୟକ୍ତିଙ୍କୁ ପେନକିଲର ଦିଆଯାଇ ଅବଜରଭେସନରେ ରଖାଯାଇଥିଲା। ସୌଭାଗ୍ୟରୁ ତାଙ୍କ ଶ୍ୱାସନଳୀର ଛେଦ ଆପେ ଆପେ ଭରିଗଲା। ଏହି ଘଟଣା ପରେ ଛିଙ୍କ ନ ରୋକିବାକୁ ଡାକ୍ତର ଲୋକଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଛିଙ୍କକୁ ନେଇ ଏହା ଥିଲା ବିଶ୍ୱର ପ୍ରଥମ ଘଟଣା। ଯାହାକି ବିଏମ୍‌ଜେ କେସ୍ ରିପୋର୍ଟ ଜର୍ଣ୍ଣାଲରେ ପ୍ରକାଶିତ।

# ସଞ୍ଜୀବନୀ

'ସକାଳ'ର ସ୍ୱାସ୍ଥ୍ୟ

## ଶୀତଦିନେ ହୃଦ୍‌ରୋଗୀଙ୍କ ପାଇଁ ସତର୍କତା




**ଶୀତଋତୁରେ ବାୟୁମଣ୍ଡଳର ତାପମାତ୍ରା କମିଯାଏ। ଏହି ପରିବର୍ତ୍ତନ ମନୁଷ୍ୟର ଶରୀର ଉପରେ ପ୍ରଭାବ ପକାଇଥାଏ। ତାପମାତ୍ରା ସର୍ବାଧିକ ହ୍ରାସ ପାଇଲେ, ଧମନୀ ସଙ୍କୁଚିତ ହୁଏ। ଏହାଦ୍ୱାରା ରକ୍ତଚାପସ୍ତର ବଢ଼ିଯାଇଥାଏ। ରକ୍ତଚାପ ବଢ଼ିଲେ ହୃଦୟ ଉପରେ ପ୍ରଭାବ ପଡ଼ିପାରେ। ତେଣୁ ଉଚ୍ଚରକ୍ତଚାପରେ ପୀଡ଼ିତ ଓ ହୃଦ୍‌ରୋଗୀ ଥଣ୍ଡା ସମୟରେ ସତର୍କ ରହିବା ଜରୁରି।**

ଶୀତଋତୁରେ ବୟସ୍କ ବ୍ୟକ୍ତି, ମଧୁମେହ, ଉଚ୍ଚରକ୍ତଚାପ, କୋଲେଷ୍ଟ୍ରଲରେ ପୀଡ଼ିତ, ହୃଦ୍‌ଜନିତ ସମସ୍ୟାରେ ପୀଡ଼ିତ ବ୍ୟକ୍ତି ଥଣ୍ଡା ପବନରେ ବୁଲିବା ଅନୁଚିତ। ଏହା ଦ୍ୱାରା ରକ୍ତ ଜମାଟ ବାନ୍ଧିଥାଏ। ରକ୍ତସଞ୍ଚାଳନରେ ବାଧାପ୍ରାପ୍ତ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ବାହାରକୁ ଯାଉଥିଲେ, ଗରମ ପୋଷାକ, ମୋଜା, ଟୋପି, ହ୍ୟାଣ୍ଡ ଗ୍ଲୋବ୍‌ସ ଆଦି ପିନ୍ଧନ୍ତୁ। ଏହାଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହିପାରେ।

**କଠିନ ବ୍ୟାୟାମ ଅନୁଚିତ:** ନିୟମିତ ୨୦ରୁ ୩୦ ମିନିଟ୍ ଚାଲିବା, ବ୍ୟାୟାମ ଓ ଯୋଗ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହୁଏ। ମାଂସପେଶୀରେ ରକ୍ତସଞ୍ଚାଳନ ହୋଇଥାଏ। ଏହା ହୃଦୟ ପାଇଁ ଭଲ। ତେବେ ହୃଦ୍‌ରୋଗୀ ଥଣ୍ଡା ସମୟରେ ଅଧିକ କଠିନ ବ୍ୟାୟାମ କରିବା ଅନୁଚିତ।

**ଜୀବନଶୈଳୀରେ ପରିବର୍ତ୍ତନ :** ଶୀତଦିନେ ଶରୀରରେ ଜଳୀୟ ଅଂଶ କମ୍ ହୁଏ। ଦିନକୁ ୩ଲିଟର ପାଣି ପିଇ ହୃଦ୍‌ପିଣ୍ଡକୁ ସୁସ୍ଥ ରଖିପାରିବେ। ମାସ୍କ ଲଗାଇବା ଉଚିତ। ଧୂମପାନଠାରୁ ଦୂରେଇ ରୁହନ୍ତୁ। କମ୍ ଲୁଣଯୁକ୍ତ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଖାଦ୍ୟରେ ଓମେଗା-୩ଯୁକ୍ତ ଖାଦ୍ୟ, ଫାଇବର, ଭିଟାମିନ୍ ଡି ଆଦି ସାମିଲ କରିପାରିବେ। ମୁଣ୍ଡବିନ୍ଧା, ଛାତିରେ ଯନ୍ତ୍ରଣା ଆଦି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ନିୟମିତ ଉଚ୍ଚରକ୍ତଚାପସ୍ତର, ରକ୍ତ ଶର୍କରା, କୋଲେଷ୍ଟ୍ରଲ ଆଦିକୁ ପରୀକ୍ଷା କରାଇ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ଜରୁରି।

# ଚକ୍ଷୁ କର୍କଟ



**ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ହେଲେ ଜୀବନଶୈଳୀ, ବଂଶାନୁଗତ ଆଦି କାରଣରୁ ଚକ୍ଷୁଜନିତ କର୍କଟ ଦେଖାଯାଉଛି। ଆଖି ଭିତରେ କିମ୍ବା ଏହାର ଆଖପାଖରେ ଅସାମାନ୍ୟ ଭାବେ କୋଷ ବୃଦ୍ଧି ପାଇ ଏହା ଟ୍ୟୁମରର ରୂପ ନିଏ। ସଠିକ୍ ସମୟରେ ଟ୍ୟୁମରର ଚିହ୍ନଟ ହୋଇ ନ ପାରିଲେ ଏହା ଲିମ୍ଫ ନୋଡ୍‌ସ ଯାଏଁ ବ୍ୟାପିପାରେ। ତେବେ ଚକ୍ଷୁ କର୍କଟର କାରଣ, ଲକ୍ଷଣ ଓ ପ୍ରତିକାର ବିଷୟରେ ଜାଣିବା।**

ବୟସ୍କ, ସମ୍ବେଦନଶୀଳ ତ୍ୱଚା, ବଂଶାନୁଗତ, ଅତି ବାଇଗଣୀ ରଶ୍ମୀ ସମ୍ପର୍କରେ ଅଧିକ ଆସିବା ଯୋଗୁଁ ଏହି ଚକ୍ଷୁ କର୍କଟ ହୋଇଥାଏ। ଚକ୍ଷୁ କର୍କଟ ଇଣ୍ଟ୍ରାଅକୁଲାର ମେଲାନୋମା, କଞ୍ଜକ୍ଟିଭାଲ ମେଲାନୋମା, ଅରବିଟାଲ କ୍ୟାନସ୍‌ର, ରେଟିନୋବ୍ଲାଷ୍ଟମା (ପିଲାଙ୍କଠାରେ), ଇଣ୍ଟ୍ରାଅକୁଲାର ଲିମ୍ଫୋମା (ବୟସ୍କ ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ବ୍ୟକ୍ତିଙ୍କୁ ବିପଦ) ପ୍ରକାରର ରହିଛି। କର୍କଟ ଆଖିର ଡୋଳା, ପଲକ, ଚକ୍ଷୁର ଅନ୍ୟାନ୍ୟ ଅଂଶରେ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରୁ କିଛି ଲକ୍ଷଣ ଜଣାପଡ଼େ ନାହିଁ। ଚକ୍ଷୁ କର୍କଟକୁ ଆରମ୍ଭରୁ ଚିହ୍ନଟରେ ସମସ୍ୟା ହୁଏ। ଯାହାଫଳରେ ଏହା ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପି ସମସ୍ୟା ସୃଷ୍ଟି କରେ।

**ଲକ୍ଷଣ:** ଆଖିକୁ ଝାପ୍‌ସା ଦିଶିବା, ଧୀରେ ଧୀରେ ଦୃଷ୍ଟିଶକ୍ତି ହ୍ରାସ ପାଇବା ଆଦି ଚକ୍ଷୁ କର୍କଟର ସଙ୍କେତ । ବିନା କାରଣରେ ଆଖି ଭିତରେ ପରିବର୍ତ୍ତନ, ଆଖି ବାହାରକୁ ବାହାରିବା ପରି ଦିଶିବା, କୁଣ୍ଡାଇ ହୋଇ ଜଳାପୋଡ଼ା ଏହି ରୋଗର ଲକ୍ଷଣ।

**ପ୍ରତିକାର:** ଏହି କର୍କଟ ଅଧିକ ବିପଜ୍ଜନକ। ଆଖିରେ ଅସ୍ୱାଭାବିକ ପରିବର୍ତ୍ତନ ଓ ଉପରୋକ୍ତ ଲକ୍ଷଣ ଦେଖିଲେ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ। ଏହି କର୍କଟ ପାଇଁ ବିକିରଣ ଥେରାପି, ଲେଜର ଥେରାପି, ଇମ୍ୟୁନୋଥେରାପି, ଟାରଗେଟେଡ୍ ଥେରାପି, ଅସ୍ତ୍ରୋପଚାର ଆଦି ସୁବିଧା ରହିଛି। ସଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା ଦ୍ୱାରା ଦୃଷ୍ଟିଶକ୍ତି ଏବଂ ଜୀବନ ଉଭୟ ବଞ୍ଚିପାରିବ।

## ଦିବ୍ୟାଙ୍ଗଙ୍କ ପାଇଁ ବରଦାନ ୱାଇଡି ୱାନ୍



ରୋଗାଗ୍ରସ୍ତ ବ୍ୟକ୍ତି, ବୟସ୍କ କିମ୍ବା ଆଘାତ ଲାଗି ଚାଲିବାକୁ ଅସମର୍ଥ ଲୋକ ହ୍ୱିଲ୍‌ଚେୟାର ବ୍ୟବହାର କରିଥାନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍‌ଚେୟାର ସାହାରା ସଦୃଶ ହୋଇଥାଏ। ଏହି କ୍ରମରେ ଏବେ ଆଇଆଇଟି ମାଡ୍ରାସ ସବୁଠୁ ହାଲୁକା ଓ ସକ୍ରିୟ ହ୍ୱିଲଚେୟାର ବିକଶିତ କରିଛନ୍ତି। ଏହାର ନାଁ ହେଉଛି 'ୱାଇଡି ୱାନ୍'। ଓଜନ ମାତ୍ର ୯ କିଲୋ। ଏହାକୁ ପରିଚାଳନା କରିବା ସହଜ। ଏହାକୁ କାର୍, ଅଟୋ, ସାଧାରଣ ଯାନବାହନରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନେଇ ହେବ। ବ୍ୟବହାରକାରୀଙ୍କ ଶରୀର, ଅଙ୍ଗଭଙ୍ଗୀ ଏବଂ ଗତିଶୀଳତାର ଆବଶ୍ୟକ ଅନୁଯାୟୀ ଏହାକୁ କଷ୍ଟମାଇଜ୍ କରାଯାଇଛି। ଏହା ୧୨୦ କେଜି ଭାର ଉଠାଇ ପାରିବ। ଏହା ମୋନୋ ଟ୍ୟୁବ୍ ରିଜିଡ ଡିଜାଇନ୍ ଫ୍ରେମ୍ ହ୍ୱିଲଚେୟାର। ଏୟରୋସ୍ପେସ-ଗ୍ରେଡ ସାମଗ୍ରୀରୁ ବନାଯାଇଛି। ଏହି ହ୍ୱିଲଚେୟାରଟି ସ୍ୱତନ୍ତ୍ରତା, ଆତ୍ମ-ସମ୍ମାନ ଏବଂ ସାମାଜିକ ଭାଗୀଦାରିର ପ୍ରତୀକ ହୋଇଥାଏ। ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ବି କମକୋଟି ଏହି ନୂତନ ଚେୟାରଟି ଦୁର୍ବଳ, ଅସୁସ୍ଥ, ଦିବ୍ୟାଙ୍ଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ମତ ରଖିଛନ୍ତି। ଏହି ହ୍ୱିଲ୍‌ଚେୟାରକୁ ତାଙ୍କର ଟିମ୍ ଏବଂ ଆଇଆଇଟି ମାଡ୍ରାସ- ଇନ୍‌କ୍ୟୁବେଟେଡ୍ ଷ୍ଟାର୍ଟଅପ୍ ଥ୍ରିଭ୍ ମୋବିଲିଟି ସହଯୋଗରେ ପ୍ରସ୍ତୁତ କରାଯାଇଛି।

## ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ ଅଦା



**ଅଦା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍-ସି, ବି୬ ଆଦି ରହିଛି। ଅଦାରେ ଥିବା ଔଷଧୀୟ ଗୁଣ ଥଣ୍ଡା, କାଶ, ପେଟଜନିତ ସମସ୍ୟା ଦୂର କରେ। ଓଜନ ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ମୁଣ୍ଡବିନ୍ଧା ପାଇଁ ମଧ୍ୟ ଅଦା ହିତକର। ହେଲେ ଅଦାକୁ ସଠିକ୍ ମାତ୍ରାରେ ବ୍ୟବହାର କରା ନ ଗଲେ, ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ।**

**ଅଦାକୁ ଅଧିକ ଫୁଟାନ୍ତୁନି:** ଅଦା ଖଣ୍ଡକୁ ଉଷୁମ ପାଣିରେ ଫୁଟାଇ ପିଇଲେ ଚର୍ବି ହ୍ରାସ ହୁଏ। ହେଲେ ଅଦାକୁ ଅଧିକ ସମୟ ଫୁଟାଇବା ଅନୁଚିତ। ଏହାଦ୍ୱାରା ଅଦାର ପୋଷକତତ୍ତ୍ୱ ହ୍ରାସ ପାଏ। ଏହା ପାଚନତନ୍ତ୍ର ଉପରେ କୁପ୍ରଭାବ ପକାଏ। ଛାତି ଜଳାପୋଡ଼ା, ପେଟ ଗ୍ୟାସ୍ ହେବା ସହ ପେଟ ଯନ୍ତ୍ରଣା ମଧ୍ୟ ହୋଇପାରେ।

**ସଠିକ୍ ମାତ୍ରା ବ୍ୟବହାର:** କାଶ, ଥଣ୍ଡା ଆଦି ପାଇଁ ଦିନକୁ ମାତ୍ର ୨ ଗ୍ରାମ୍ ଅଦା ସେବନ ଜରୁରି। ଅଧିକ ମାତ୍ରାର ଅଦା ଖାଇଲେ ରକ୍ତ ପତଳା ହୋଇପାରେ। ରକ୍ତଚାପ, ଗ୍ଲୁକୋଜ୍ କମିଯାଇ ପାରେ। ତେଣୁ ଚିକିତ୍ସକଙ୍କ ପରାମର୍ଶରେ ଅଦା ସେବନ କରିବା ନିହାତି ଜରୁରି।

ଅଦାକୁ ଦୁଗ୍ଧ, ଦହି କିମ୍ବା ଦୁଗ୍ଧଜାତୀୟ ଉତ୍ପାଦ ସହିତ ମିଶାଇ ଖାଇବା ଅନୁଚିତ। ଅଦାକୁ ଖାଇବା ପରେ କିମ୍ବା ଖାଇବା ସହିତ ଅଳ୍ପ ଲୁଣ ମିଶାଇ ଚୋବାଇ ଖାଇଲେ ହଜମଶକ୍ତି ସକ୍ରିୟ ରୁହେ। ଅଦାର ପୋଷକତତ୍ତ୍ୱ ଶରୀରକୁ ଭଲ କାମ ଦିଏ।

### ସୁଲତାନ ଆଜଲାନ ଶାହ କପ୍ ହକି

# ଭାରତର ତୃତୀୟ ବିଜୟ

ଇପୋ,୨୭।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଭାରତ ୪ର୍ଥ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ୯ ପଏଣ୍ଟ ସଂଗ୍ରହ କରି ପ୍ରଥମ ବେଲଜିୟମ ପଛକୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। କାନାଡା ସହ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଆସନ୍ତାକାଲିର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଶେଷ ହେବା ପରେ କେଉଁ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବେ ତାହା ଜଣାପଡ଼ିବ। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ବିଜୟୀ ହେବା ପରେ ଫାଇନାଲ ଖେଳିବା ରାସ୍ତା ଏକପ୍ରକାର ପରିଷ୍କାର ହୋଇଯାଇଛି। ଭାରତ ପକ୍ଷରୁ ଅମିତ ରୋହିଦାସ, ଅଧିନାୟକ ସଞ୍ଜୟ ଓ ସେଲଭାମ କାର୍ତ୍ତି ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ନ୍ୟୁଜିଲାଣ୍ଡର ଜର୍ଜ ବାକର ୨ଟି ଯାକ ଗୋଲ ଶୁଝାଇଥିଲେ। ଆଜିର ଅନ୍ୟ ମ୍ୟାଚ୍‌ରେ କାନାଡା ୩-୨ ଗୋଲରେ ଦକ୍ଷିଣ କୋରିଆକୁ ଓ ବେଲଜିୟମ ୯-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ବେଲଜିୟମ, ଭାରତ, ମାଲେସିଆ ଓ କାନାଡା ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

# କେଆଇୟୁଜିରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୭ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା(କେଆଇୟୁଜି)ର ୪ର୍ଥ ଦିବସରେ ଗୁରୁବାର ଓଡ଼ିଶା ମୋଟ୍ ୪ଟି ପଦକ ମିଳିଛି। ଯେଉଁଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ରାୟ ମହିଳା ସନ୍ତରଣ ୨୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ପ୍ରତ୍ୟାଶାଙ୍କ ଏହା ୪ର୍ଥ ପଦକ। ଅପରପକ୍ଷରେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଗୁରୁବାର ସନ୍ତରଣରେ ୩ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ମହିଳା ୨୦୦ ମିଟର ବଟରଫ୍ଲାଏରେ, ନୀଳବଜା ଘୋଷ ୧୦୦ ମିଟର ବଟରଫ୍ଲାଏରେ ଏବଂ ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ କିଟ୍ ଦଳ ଏହି ପଦକ ଜିତିଥିଲେ।

### ମହିଳା ପ୍ରିମିୟର ଲିଗ୍ ମେଗା ନିଲାମ

# ୩.୨ କୋଟିରେ ଦୀପ୍ତି ସବୁଠୁ ଦାମୀ

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି): ବିସିସିଆଇ ପକ୍ଷରୁ ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ମେଗା ନିଲାମ ଆଜି ଏଠାରେ ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ଅକ୍ସନର ପ୍ରଥମ ଦିନରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତର ତାରକା ଅଲରାଉଣ୍ଡର ଦୀପ୍ତି ଶର୍ମା ସବୁଠୁ ଦାମି ଖେଳାଳି ବିବେଚିତ ହୋଇଛନ୍ତି। ୟୁପି ୱାରିୟର୍ଜ ତାଙ୍କୁ ୩.୨ କୋଟି ଟଙ୍କାରେ କିଣିଛି। ଦୀପ୍ତିଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡର ଆମେଲିଆ କେରଙ୍କୁ ୩ କୋଟି ଟଙ୍କାରେ କିଣିଛି ମୁମ୍ବଇ ଇଣ୍ଡିଆନ୍ସ। ନ୍ୟୁଜିଲାଣ୍ଡର ଅନ୍ୟତମ ଖେଳାଳି ସୋଫି ଡିଭାଇନ୍‌ଙ୍କୁ ଗୁଜରାଟ ଜାଏଣ୍ଟସ ୨ କୋଟି ଓ ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ୍‌ଙ୍କୁ ୟୁପି ୱାରିୟର୍ଜ ୧.୯ କୋଟି ଟଙ୍କାରେ କିଣିଛି। ଏହି ୪ ଖେଳାଳିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରହିଥିଲା। ଫ୍ରାଞ୍ଚାଇଜ୍‌ଗୁଡିକ ଯେଉଁ ଖେଳାଳିଙ୍କୁ ରିଟେନ କରିଛି, ସେମାନଙ୍କ ଦାମ୍ ପ୍ରକାଶ ପାଇନାହିଁ। ହରମନପ୍ରୀତ୍ କୌର ଓ ସ୍ମୃତି ମନ୍ଧାନାଙ୍କ ପରି ଖେଳାଳି କୋଟିପତି ତାଲିକାରେ ରହିଛନ୍ତି।

ଦିଲ୍ଲୀ କ୍ୟାପିଟାଲ୍ସ ୧.୩ କୋଟି ଲେଖାଏଁ ଟଙ୍କାରେ ଦକ୍ଷିଣ ଆଫ୍ରିକାର ଚିନେଲେ ହେନରୀ ଓ ଭାରତର ସ୍ପିନର ଶ୍ରୀଚରଣିଙ୍କୁ ଦଳରେ ସାମିଲ କରିଛି। ଅଷ୍ଟ୍ରେଲିଆର ଫୋଏବି ଲିଚ୍‌ଫିଲ୍ଡଙ୍କୁ ୧.୨ କୋଟି ଓ ଆଶା ଶୋଭନାଙ୍କୁ ୧.୧ କୋଟି ଟଙ୍କାରେ ୟୁପି ୱାରିୟର୍ଜ, ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟଙ୍କ ୧.୧ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ, ଇଂଲଣ୍ଡର ଫାଷ୍ଟ



ବୋଲର ଲୌରେନ ବେଲ୍‌ଙ୍କୁ ୯୦ ଲକ୍ଷ ଟଙ୍କାରେ ଆର୍‌ସିବି କିଣିଛି। କିନ୍ତୁ ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହିଲାଙ୍କୁ କେହି କିଣି ନାହାନ୍ତି। ସୋଫି ଇକ୍ଲେଷ୍ଟନଙ୍କୁ ୮୫ ଲକ୍ଷ ଟଙ୍କାରେ ୟୁପି, ଭାରତୀ ଫୁଲମାଲିଙ୍କୁ ୭୦ ଲକ୍ଷ ଟଙ୍କାରେ ଗୁଜରାଟ, ଦ. ଆଫ୍ରିକାର ନାଦିନ ଡି କ୍ଲର୍କ ଓ ଭାରତର ରାଧା ଯାଦବଙ୍କୁ ୬୫ ଲକ୍ଷ ଲେଖାଏଁ ଟଙ୍କାରେ ଆର୍‌ସିବି, ରେଣୁକା ସିଂ ଠାକୁରଙ୍କୁ ଗୁଜରାଟ, ଜର୍ଜିଆ ଭୋଲଙ୍କୁ ଆର୍‌ସିବି, କିରଣ ନାଗଭିରେଙ୍କୁ ୟୁପି, ଦକ୍ଷିଣ ଆଫ୍ରିକାର ସବ୍‌ନିମ ଇସ୍‌ମାଏଲଙ୍କୁ ମୁମ୍ବଇ ୬୦ ଲକ୍ଷ ଲେଖାଏଁ ଟଙ୍କା ଦେଇ ଦଳରେ ସାମିଲ କରିଛି। ୫୦ ଲକ୍ଷ ଲେଖାଏଁ ଟଙ୍କାରେ ୩ଜଣ ଖେଳାଳି ଯଥା ସ୍ନେହ ରାଣାଙ୍କୁ ଦିଲ୍ଲୀ, ହର୍ଲିନ ଦେଓଲ ଓ କ୍ରାନ୍ତି ଗୌଡ଼ଙ୍କୁ ୟୁପି ଟିମ୍‌ରେ ସାମିଲ କରିଛି।

ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ନଭି ମୁମ୍ବଇ ଓ ଭଦୋଦରାରେ ଆସନ୍ତାବର୍ଷ ଜାନୁଆରୀ ୯ରୁ ଆରମ୍ଭ ହୋଇ ଫେବୃଆରୀ ୭ରେ ଶେଷ ହେବ। ନଭି ମୁମ୍ବଇରେ ଉଦ୍‌ଘାଟନୀ ସହ ପ୍ରଥମ ପର୍ଯ୍ୟାୟ ଓ ଭଦୋଦରାରେ ଦ୍ୱିତୀୟ ପର୍ଯ୍ୟାୟ ସହ ଫାଇନାଲ ମୁକାବିଲା ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

# ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଗମ୍ଭୀର କୋଚ୍

ମୁମ୍ବଇ, ୨୭ ।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜକୁ ଲଜ୍ଜାଜନକ ଭାବେ ୨-୦ କ୍ଲିନସୁଇପ୍ ହେବାପରେ ଘରୋଇ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନିଶାଣକୁ ଆସିଯାଇଛନ୍ତି। ତାଙ୍କ ପ୍ରଶିକ୍ଷଣ ସମୟ ମଧ୍ୟରେ ଭାରତ ଗତ ୧୨ ମାସ ମଧ୍ୟରେ ଦ୍ୱିତୀୟଥର ଲାଗି ଘରୋଇ ମାଟିରେ ଟେଷ୍ଟ ସିରିଜ କ୍ଲିନସୁଇପ୍ ହୋଇଛି। ଏଥିପୂର୍ବରୁ ଗତବର୍ଷ ନ୍ୟୁଜିଲାଣ୍ଡ ୩-୦ରେ ବିଜୟୀ ହୋଇଥିଲା। ତେଣୁ ଗମ୍ଭୀରଙ୍କୁ ତୁରନ୍ତ ମୁଖ୍ୟ କୋଚ୍ ପଦରୁ ହଟାଯାଉ ବୋଲି ସାମାଜିକ ଗଣମାଧ୍ୟମରେ ଦାବି ହୋଇଛି। ବୁଧବାର ଦ୍ୱିତୀୟ ଟେଷ୍ଟକୁ ୪୦୮ ରନରେ ହାରିବା ପରେ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀର କହିଥିଲେ ଯେ ତାଙ୍କ ଭବିଷ୍ୟତ ବିସିସିଆଇ ହାତରେ ରହିଛି। ତେବେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ବର୍ତ୍ତମାନ ଗମ୍ଭୀରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବନି ବୋଲି ଜଣାପଡ଼ିଛି। ଆଗାମୀ ଦୁଇ ବର୍ଷ ମଧ୍ୟରେ ଦୁଇ ଦୁଇଟି ବିଶ୍ୱକପ୍ ମୁଣ୍ଡ ଉପରେ ରହିଛି। ତେଣୁ ଚୁକ୍ତି ଅନୁସାରେ ୨୦୨୭ ପର୍ଯ୍ୟନ୍ତ ଗମ୍ଭୀର ତାଙ୍କ ପଦ ବଜାୟ ରଖିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ଏକ ଜାତୀୟ ଗଣମାଧ୍ୟମକୁ ନାମ ଗୋପନ ରଖିବା ସର୍ତ୍ତରେ ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି, 'ଦଳ ବର୍ତ୍ତମାନ ଏକ ପରିବର୍ତ୍ତନ ପର୍ଯ୍ୟାୟରେ ରହିଛି। ତେଣୁ ବିସିସିଆଇ କୌଣସି



ନିଷ୍ପତ୍ତି ତରତର ଭାବେ ନେବନାହିଁ। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ଭବିଷ୍ୟତ ସମ୍ପର୍କ କୌଣସି ନିଷ୍ପତ୍ତି ନେବୁ ନାହିଁ। କାରଣ ବିଶ୍ୱକପ୍ ପାଖେଇ ଆସୁଛ ଏବଂ ତାଙ୍କର ଚୁକ୍ତି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିଛି। ବିସିସିଆଇ ଆଗକୁ ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ ସହ ଆଲୋଚନା କରିବ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନି।' ଏହି ବୟାନରୁ ଗମ୍ଭୀରଙ୍କ ପଦ ବର୍ତ୍ତମାନ ସୁରକ୍ଷିତ ରହିଥିବା ସ୍ପଷ୍ଟ ହୋଇଛି।

### ଉତ୍ତରପୂର୍ବ-ଅସ୍ମିତା ଭାରୋତ୍ତୋଳନ

# ୧ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର,୨୭।୧୧(ସମିସ): କୋଲକାତାରେ ଆଜି ଆରମ୍ଭ ହୋଇଛି ଉତ୍ତର-ପୂର୍ବାଞ୍ଚଳ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍। ପ୍ରତିଯୋଗିତାର ପ୍ରଥମ ଦିନରେ ବନିତା ନାଏକ ୩ଟି ପଦକ ଜିତିଛନ୍ତି। ସେ ୪୮ କିଲୋଗ୍ରାମ୍ ଶ୍ରେଣୀରେ ଭାଗନେଇ ଯୁବବର୍ଗରେ ସ୍ୱର୍ଣ୍ଣ,



ବନିତା ନାଏକ



ମିନା ସିଂ

କନିଷ୍ଠ ବର୍ଗରେ ରୌପ୍ୟ ଓ ବରିଷ୍ଠ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ମିନା ସିଂ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗ ୫୩ କେଜିରେ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଉଭୟ ବନିତା ଓ ମିନା କଳିଙ୍ଗ ଷ୍ଟାଡିୟମ୍ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ଉଭୟଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଦିବ୍ୟାଙ୍ଗ ହ୍ୱିଲ୍‌ଚେୟାର କ୍ରିକେଟ: ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର,୨୭।୧୧(ସମିସ): ଗୁଜରାଟରେ ଖେଳାଯାଇଥିବା ପ୍ରଥମ ଦିବ୍ୟାଙ୍ଗ ହ୍ୱିଲଚେୟାର ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆୟୋଜକ ଗୁଜରାଟକୁ ହରାଇ ଓଡ଼ିଶା ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଖରାପ ହ୍ୱିଲଚେୟାର ସତ୍ତ୍ୱେ ଏହି ବିଭାଗରେ ବିତ୍ତ ଓ ଶକ୍ତିଶାଳୀ ଗୁଜରାଟକୁ ହରାଇ ଓଡ଼ିଶା ଚାମ୍ପିଅନ ହେବା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ବୋଲି କନ୍ଧମାଳର ମାଧବ ବଡ଼ସେଠ କହିଛନ୍ତି। କଳାହାଣ୍ଡିର ସରୋଜକାନ୍ତ କୁମାର ଉପଅଧିନାୟକ ରହିଥିଲେ। ସୁରେଶ କୁମାର ନାଗଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗୁଜରାଟ ଯାଇଥିଲା।



# ଆଇକନିକ୍ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ୩୦ରୁ



ଭୁବନେଶ୍ୱର, ୨୭ ।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୩୦ ତାରିଖରୁ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ଓ ତାଇୱାନର ୩୦ଜଣ ଖେଳାଳି ରହିଛନ୍ତି। ସେହିଭଳି ଆୟୋଜକ ଓଡ଼ିଶା ସମେତ ୧୮ଟି ରାଜ୍ୟର ଖେଳାଳି ମଧ୍ୟ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାଗନେବେ ବୋଲି ଆଇଜିୟୁ ତଥା ଆୟୋଜକ କମିଟିର ଦ୍ୱୀପାୟନ ପଟ୍ଟନାୟକ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ରଫି ଓ ଜର୍ସି ଉନ୍ମୋଚନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ଆୟୋଜକ କମିଟିର ଅଧ୍ୟକ୍ଷ ତାରିଣୀ ପ୍ରସାଦ ମହାନ୍ତି, ଆଇଜିୟୁ ସଭାପତି ଉମାକାନ୍ତ ପାଣି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶୁଭଶ୍ରୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୧୧(ସମିସ): ଅଡଶପୁରଠାରେ ଆଜି ଶେଷ ହୋଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃବିଶ୍ୱବିଦ୍ୟାଳୟ ଆଥଲେଟିକ ମିଟ୍‌ରେ ଏକାମ୍ର କଲେଜ୍‌ରେ ଶୁଭଶ୍ରୀ



ପରିଡ। ଡବଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ମହିଳା ୧୦୦ ଓ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କୃଷ୍ଣପ୍ରିୟା ବରିସାଲ ୧୦୦ ଓ ୨୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଖେଳ ଶିକ୍ଷକ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗୀ ସଫଳ ହୋଇଛନ୍ତି।

# 'ସଟଲ୍'ରେ ୧ରୁ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୨୭।୧୧(ସମିସ): ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍ 'ସଟଲ'ରେ ଡିସେମ୍ବର ୧ରୁ ୬ ତାରିଖ ଯାଏ ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ। କ୍ରମାଗତ ୨ ବର୍ଷରେ କଳିଙ୍ଗ ୨ଟି ଜାତୀୟ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ପାଇଛି। ଏଥର ସବ୍‌ଜୁନିଅର ଚାମ୍ପିଅନସିପ୍‌ରେ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ସୂଚନା ମିଳିଛି। ଏହା ମଧ୍ୟରୁ ବାଳିକା ବିଭାଗରେ ୨୫୬ ଓ ବାଳକ ବିଭାଗରେ ୩୨୪ ଜଣ ପ୍ରତିଯୋଗୀ ଭାଗ ନେବାର ସମ୍ଭାବନା ରହିଛି।

### ନଜରରେ ତନ୍‌ଭୀ ପତ୍ରୀ

ଓଡ଼ିଶାର ଜୁନିଅର ସୁପରଷ୍ଟାର ତନ୍‌ଭୀ ପତ୍ରୀଙ୍କୁ ଏହି ଟୁର୍ଣ୍ଣାମେଣ୍ଟର ବାଳିକା ବିଭାଗରେ ଫେବରାଇଟ୍ ବିବେଚନା କରାଯାଇଛି। ଉଭୟ ର୍‍ୟାଙ୍କିଙ୍ଗ୍ ଓ ଫର୍ମକୁ ଦେଖିଲେ ବାଲେଶ୍ୱରର ଏହି ଖେଳାଳି ଜଣଙ୍କ ଉଭୟ ୧୫ ଓ ୧୭ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିବାର ଦୃଢ଼ ଦାବିଦାର ରହିଛନ୍ତି। ଗତ ୬ ମାସରେ ସେ ୬ଟି ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବାରେ



ସମର୍ଥ ହୋଇଛନ୍ତି। ୩୫ତମ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସେ ଉଭୟ ୧୩ ଓ ୧୫ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିଥିଲେ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ମନୋବଳ ବଢ଼ାଇବାକୁ ଉତ୍ସାହ ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ପି. ରାମକ୍ରିଷ୍ଣା ଚିଫ୍ ରେଫରୀ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।

# ଓଡ଼ିଶା ମାଷ୍ଟର୍ସରେ ୨୨ ଦେଶ

ଡିସେମ୍ବର ୯ରୁ ୧୪ ତାରିଖଯାଏ କଟକର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ବିଶ୍ୱ ଓ ଭାରତୀୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଅନୁମୋଦିତ ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଏଥର ୨୨ଟି ଦେଶ ଅଂଶଗ୍ରହଣ କରିବେ। ବିଶ୍ୱ ବ୍ୟାଡ୍‌ମିଣ୍ଟନରେ ପ୍ରାଧାନ୍ୟ ବିସ୍ତାର କରିଥିବା ଏସୀୟ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆୟୋଜକ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଥିବାରୁ ରାଜ୍ୟ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଏହାକୁ ସମ୍ମାନର ସହ ଆୟୋଜନ କରିବାକୁ ସମସ୍ତ ପ୍ରକାର ଯୋଜନା କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS